ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net

ବାଲେଶ୍ୱର ❑ ସୋମବାର ୧୩ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 13 October 2025
Vol.No. 36 ■ No.269 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

# ବିହାର ଏନଡିଏରେ ଛିଣ୍ଡିଲା ଆସନ ବୁଝାମଣା



ନୂଆଦିଲ୍ଲୀ,୧୨/୧୦ : ବିହାର ବିଧାନସଭା ନିର୍ବାଚନ ପାଇଁ ଏନଡିଏର ଆସନ ବୁଝାମଣା ଚୂଡ଼ାନ୍ତ ହୋଇଛି । ଏନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ବିହାର ବିଧାନସଭା ନିର୍ବାଚନ ପାଇଁ ବିଜେପିର ନିର୍ବାଚନ ପ୍ରଭାରୀ ନିଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ 'ଏକ୍ସ'ରେ ସୂଚନା ଦେଇଛନ୍ତି । ବିହାର ବିଧାନସଭାରେ ୨୪୩ଟି ଆସନ ଥିବା ବେଳେ ବିଜେପି ଓ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ 'ଜନତା ଦଳ ୟୁନାଇଟେଡ୍' ୧୦୧ଟି ଲେଖାଏ ଆସନରେ ଲଢ଼ିବେ । ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ)କୁ ୨୯ଟି ଆସନ ମିଳିଛି । ଉପେନ୍ଦ୍ର କୁଶୱାହାଙ୍କ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚାକୁ ୬ଟି ଆସନ ମିଳିଛି । ସେହିପରି ଜୀତନ ରାମ ମାଝୀଙ୍କ ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚା ମଧ୍ୟ ୬ଟି ଆସନ ପାଇଛି । ଧର୍ମେନ୍ଦ୍ର ପ୍ରଧାନ ତାଙ୍କ 'ଏକ୍ସ'ରେ ଲେଖିଛନ୍ତି ଯେ ସୌହାର୍ଦ୍ଦପୂର୍ଣ୍ଣ ବାତବରଣ ମଧ୍ୟରେ ଏନ୍‌ଡିଏର ଦଳଗୁଡ଼ିକ ମଧ୍ୟରେ ଆସନ ବଣ୍ଟନ ସଂପନ୍ନ ହୋଇଛି । ଏନ୍‌ଡିଏର ସମସ୍ତ ଦଳ, ସମସ୍ତ କର୍ମୀ ଓ ନେତା ଏହାକୁ ସ୍ୱାଗତ କରିଛନ୍ତି । ବିହାର ପ୍ରସ୍ତୁତ ଅଛି । ଏଠାରେ ପୁଣି ଏନ୍‌ଡିଏ ସରକାର ଗଠନ ହେବ । ଏହି ଘୋଷଣା ସହିତ ଆସନ ଭାଗବଣ୍ଟାକୁ ନେଇ ଏନ୍‌ଡିଏରେ ଚାଲିଥିବା ଟଣାଓଟରାରେ ପୂର୍ଣ୍ଣଚ୍ଛେଦ ପଡ଼ିଥିବା କୁହାଯାଉଛି । ବିଶେଷ କରି ଦୁଇ ଦଳ - ଜୀତନ ରାମ ମାଝୀଙ୍କ ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚା ଓ ଉପେନ୍ଦ୍ର କୁଶୱାହାଙ୍କ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ଏକକ ଭାବେ ନିର୍ବାଚନ ଲଢ଼ିବା ଭଳି ଚେତାବନୀ ଦେଇଥିବା ଶୁଣିବାକୁ ମିଳିଥିଲା । ସୂଚନା ଅନୁଯାୟୀ, ଜୀତନ ରାମ ମାଝୀ ୧୫ଟି ଆସନ ମାଗୁଥିଲେ । ତାଙ୍କୁ ୭/୮ଟି ଆସନ ନେବାକୁ ପ୍ରସ୍ତାବ ଦିଆଯାଇଥିଲା । କିନ୍ତୁ ସେ ରାଜି ହୋଇନଥିଲେ ଓ ଅସନ୍ତୋଷ ଜାହିର କରିଥିଲେ । ଆଜି ସକାଳେ ଦିଲ୍ଲୀରେ ବିଜେପିର ଶୀର୍ଷ ନେତୃତ୍ୱଙ୍କ ସହିତ ଆଲୋଚନା ପରେ ସେ ୬ଟି ଆସନରେ ରାଜି ହୋଇଥିଲେ । ଏହା ବି ସୂଚନା ମିଳିଛି ଯେ ଡିଲ୍ ଅନୁଯାୟୀ, ଭବିଷ୍ୟତରେ ତାଙ୍କ ଦଳକୁ ବିହାର ଏମ୍‌ଏଲ୍‌ସି ନିର୍ବାଚନରେ ଗୋଟିଏ ଆସନ ଦିଆଯିବ । ଏହି ସର୍ତ୍ତରେ ସେ ୬ଟି ଆସନରେ ରାଜି ହୋଇଥିବା କୁହାଯାଉଛି ।

# ଓଡ଼ିଆ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା : ମମତା କହିଲେ କାହିଁକି ରାତିରେ କ୍ୟାମ୍ପସ ବାହାରକୁ ବାହାରିଥିଲେ ଛାତ୍ରୀ



ନୂଆଦିଲ୍ଲୀ,୧୨/୧୦ : ଦୁର୍ଗାପୁରରେ ଓଡ଼ିଆ ଡାକ୍ତରୀ ଛାତ୍ରୀ ଗଣଦୁଷ୍କର୍ମ ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ଏହି ଘଟଣାରେ ତାଙ୍କ ସରକାର ଗୁରୁତ୍ୱର ସହ ନେଇଛନ୍ତି । ତଦନ୍ତକାରୀ ଟିମ୍ ତଦନ୍ତ ଚଳାଇଛି । ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି । ଏହାସହ ତାଙ୍କ ସରକାର କୌଣସି ଢିଲାପଣ ରଖିବନି । ବରଂ ଦୋଷୀଙ୍କୁ କଠୋରରୁ କଠୋର ଶାସ୍ତି ଦିଆଯିବ ବୋଲି କହିଛନ୍ତି । ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ସେ ପରାମର୍ଶ ଦେଇ କହିଛନ୍ତି ଯେ, ଛାତ୍ରୀଙ୍କ ସୁରକ୍ଷା ପାଇଁ ସେମାନେ ଯଥେଷ୍ଟ ଧ୍ୟାନ ଦେବା ଉଚିତ । ତେବେ ଏସବୁ ଭିତରେ ମମତାଙ୍କ ଆଉ ଏକ ମନ୍ତବ୍ୟ ବିବାଦ ସୃଷ୍ଟି କରିଛି । କିଛି ଏହାକୁ ମମତାଙ୍କ ଦାୟିତ୍ୱହୀନ ମନ୍ତବ୍ୟ ମଧ୍ୟ କହିଛନ୍ତି । କାରଣ ମମତା କହିଛନ୍ତି, ରାତି ୧୨ଟା ୩୦ ପରେ ମେଡିକାଲ ଛାତ୍ରୀ ଜଣକ କାହିଁକି ବାହାରକୁ ବାହାରିଥିଲେ । ସେ ଏକ ଘରୋଇ ମେଡିକାଲ କଲେଜରେ ପଢୁଥିଲେ । ଏହି ଘଟଣା ପାଇଁ ଦାୟୀ କିଏ ବୋଲି ମମତା ପ୍ରଶ୍ନ କରିଛନ୍ତି । ଘରୋଇ ମେଡିକାଲ କଲେଜ ଗୁଡ଼ିକ ନିଜ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ଦାୟୀ ।

# ବଦଳିଲା ନୂଆପଡ଼ା ଉପନିର୍ବାଚନ ସମୀକରଣ: କିଏ ହେବ ବିଜେଡି ପ୍ରାର୍ଥୀ ?



ନୂଆପଡ଼ା, ୧୨/୧୦ (ନି.ପ୍ର): ଉପନିର୍ବାଚନ ପୂର୍ବରୁ ନୂଆପଡ଼ା ରାଜନୀତିରେ ବଡ଼ ଓଲଟପାଲଟ ହୋଇଛି । ବିଜେଡିକୁ ଲାଗିଛି ଶକ୍ତ ଝଟକା । ଅପ୍ରତ୍ୟାଶିତ ଭାବେ ବିଜେପିରେ ସାମିଲ ହୋଇଛନ୍ତି ଦିବଙ୍ଗତ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ । ବିଜେଡି ତାଙ୍କୁ ପ୍ରାର୍ଥୀ ଘୋଷଣା କରିବାରେ ବିଳମ୍ବ କରିବାରୁ ସେ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି । ଏବେ ବିଜେଡି କାହାକୁ ପ୍ରାର୍ଥୀ କରିବ ତାକୁ ନେଇ ପ୍ରଶ୍ନ ଉଠିଛି । କଂଗ୍ରେସରୁ ଘାଷିରାମ ମାଝି ଟିକେଟ ପାଇଥିବା ବେଳେ ଜୟ ଢୋଲକିଆ ବିଜେପି ପ୍ରାର୍ଥୀ ହେବା ଏକପ୍ରକାରର ନିଶ୍ଚିତ ହୋଇସାରିଛି । ବିଜେଡି କାହାକୁ ପ୍ରାର୍ଥୀ କରିବ ସେନେଇ ଚର୍ଚ୍ଚା ଆଲୋଚନା ଜାରି ରହିଛି । ନୂଆପଡ଼ା ଉପନିର୍ବାଚନ ପାଇଁ ବିଜେଡିର ମାନସ ମନ୍ଥନ ଚଳାଇଛି । ଗତକାଲି ସନ୍ଧ୍ୟାରେ ବିଜେଡି ରାଜନୈତିକ ବ୍ୟାପାର କମିଟି ବୈଠକ ହୋଇଛି । ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସହ କମିଟି ସଦସ୍ୟମାନେ ନୂଆପଡ଼ା ନିର୍ବାଚନ ସମ୍ପର୍କରେ ଆଲୋଚନା କରିଛନ୍ତି । ବୈଠକ ସରିବା ପରେ ଗଣମାଧ୍ୟମକୁ କମିଟି ପକ୍ଷରୁ ସୂଚନା ଦେଇ ପୂର୍ବତନ ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି । ନବୀନଙ୍କ ଉପରେ ଲୋକଙ୍କ ଭରସା ଅଛି । ସେ ଯାହାକୁ ପ୍ରାର୍ଥୀ କରିବେ ସେ ବହୁତ୍ ଭୋଟ ବ୍ୟବଧାନରେ ବିଜୟୀ ହେବେ । ଖୁବ୍‌ଶୀଘ୍ର ନୂଆପଡ଼ା ବିଜେଡି ପ୍ରାର୍ଥୀ ଘୋଷଣା କରିବେ ନବୀନ । ବିଜେଡି ପକ୍ଷରୁ କେବେ ବି ଜୟ ଢୋଲକିଆଙ୍କ ନାମ କୁହାଯାଇନାହିଁ । ସେପଟେ ଜୟ ଢୋଲକିଆ ବିଜେପିରେ ମିଶିବା ପରେ ବସନ୍ତ ପଣ୍ଡା କହିଛନ୍ତି, ସେ ଅସନ୍ତୁଷ୍ଟ ନୁହନ୍ତି । ତାଙ୍କୁ କେହି ବି ବୁଝାଇନାହାନ୍ତି । ମନରେ କୋହ ନାହିଁ, କିନ୍ତୁ ନୈତିକତାକୁ ଜଳାଞ୍ଜଳି ଦେବି ନାହିଁ । ଜୟ ଢୋଲକିଆ ପ୍ରାର୍ଥୀ ହୋଇନାହାନ୍ତି । ବିଜେପି ଯାହାକୁ ପ୍ରାର୍ଥୀ କରିବ ମୁଁ ସମର୍ଥନ କରିବି । ମୁଁ ଦଳ ପାଇଁ ପ୍ରଚାର କରିବି । ମୋ ପୁଅ ବି ପଦ ପଦବୀ ଆଶାରେ କାମ କରୁନାହିଁ । ମାଟିର ସେବା ପାଇଁ ରାଜନୀତିକୁ ଆସିଛି ବୋଲି କହିଛନ୍ତି ବସନ୍ତ ପଣ୍ଡା ।

# ପୀତବାସଙ୍କ ହତ୍ୟାର ମାଷ୍ଟର ମାଇଣ୍ଡ କିଏ ?: ସପ୍ତାହେ ପରେ ବି ମୁଖ୍ୟ ଅଭିଯୁକ୍ତର ମିଳିନି ପତ୍ତା

ଭୁବନେଶ୍ୱର, ୧୨/୧୦ (ନି.ପ୍ର): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ମାଷ୍ଟରମାଇଣ୍ଡ କିଏ ? ଘଟଣାକୁ ସପ୍ତାହେ ବିତିଥିଲେ ବି ମୁଖ୍ୟ ଅଭିଯୁକ୍ତର ଟେର୍ ପାଇନି ପୁଲିସ । ମାମଲାରେ ୫୦ରୁ ୬୦ ଜଣଙ୍କୁ ପଚାର ଉଚରା କରାଯାଇସାରିଛି । ଏବେ ୬ ଜଣଙ୍କୁ ଅଟକ ରଖି ପଚରା ଉଚରା କରୁଛି ପୁଲିସ । ଏହା ଏକ ପ୍ରି-ପ୍ଲାନ୍‌ଡ ମର୍ଡର ବୋଲି ବିଜେପି ଅଭିଯୋଗ ଆଣିଛି । ହତ୍ୟାକାଣ୍ଡର ସପ୍ତାହେ ପରେ ବି ପୀତବାସ ମର୍ଡର ମାମଲାର ଖୁଲାସା କରିପାରିନି ପୁଲିସ । ମାମଲାରେ ୫୦ରୁ ଅଧିକ ଲୋକଙ୍କୁ ପଚରାଉଚରା କରାଯାଇଥିବା ବେଳେ ପୁଲିସ ୬ ଜଣଙ୍କୁ ଅଟକ ରଖିଛି । ଏପରିକି ଜଣେ କର୍ପୋରେଟରଙ୍କୁ ନେଇ ପଚରାଉଚରା କରିଛି । ପୀତବାସଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ବିଜେପି ଆଣିଛି ସାଙ୍ଘାତିକ ଅଭିଯୋଗ । ଏହା ଏକ ଯୋଜନାବଦ୍ଧ ହତ୍ୟା ବୋଲି ବିଜେପି କହିଛି । ସହରରେ ଦିନ କୁ ଦିନ ବଢ଼ିଚାଲିଛି ଅପରାଧ । ଅନେକ ମାମଲାରେ ପୁଲିସ ସଫଳତା ପାଉଥିଲେ ବି ଅପରାଧ ଉପରେ ରୋକ୍ ଲଗାଇ ପାରୁନି । ଫଳରେ ସହରରେ ଏବେ ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ଉଠିଛି ପ୍ରଶ୍ନ ।

## ମହାରାଷ୍ଟ୍ରର ଅମ୍ବରନାଥରେ ସଡ଼କ ଦୁର୍ଘଟଣା: ୨ ଯୁବକଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୧୨/୧୦ : ମହାରାଷ୍ଟ୍ରର ଅମ୍ବରନାଥରେ ଆଇଟିଆଇ ସମ୍ମୁଖରେ ଗତରାତି ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ଦୁଇ ଯୁବକଙ୍କ ଦୁର୍ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ଏହି ଘଟଣାର ତଦନ୍ତ ଅମ୍ବରନାଥ ପୋଲିସ ଦ୍ୱାରା ଚାଲିଛି । ପୋଲିସ ଅଧିକାରୀ ରବିବାର ଜଣାଇଛନ୍ତି ଯେ ଶନିବାର ରାତି ବେଳେ ଅମ୍ବରନାଥରେ ଆଇଟିଆଇ ସମ୍ମୁଖରେ ଗୋଟିଏ ଦୁଇଚକିଆ ଯାନ ସ୍ପିଡ୍ ବ୍ରେକର ସହ ଧକ୍କା ଖାଇ ଦୁର୍ଘଟଣା ଘଟିଥିଲା ।

## ୩ଟି ଲ୍ୟାଣ୍ଡମାଇନ ନିଷ୍କ୍ରିୟ କଲେ ଯବାନ

ମାଲକାନଗିରି, ୧୨/୧୦ (ନି.ପ୍ର): ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ନକ୍ସଲ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ଜଂଗଲରେ ଖଞ୍ଜିଥିବା ୩ଟି ଲ୍ୟାଣ୍ଡମାଇନକୁ ଅତି ସତର୍କତାର ସହ ନିଷ୍କ୍ରିୟ କରିଛନ୍ତି । ଆଜି ସକାଳେ ଏସଟିଏଫ ଯବାନ ଜିଲ୍ଲାର କୋକାମେଟା ଥାନା ଅନ୍ତର୍ଗତ କୋଡଲି ଏବଂ ବିଚପାଡା ନିକଟସ୍ଥ ଜଂଗଲରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଂଗଲ ମଝିରେ ପ୍ରେସର କୁକରରେ ଖଞ୍ଜାଯାଇଥିବା ତିନୋଟି ଲ୍ୟାଣ୍ଡମାଇନକୁ ଉଦ୍ଧାର କରିଥିଲେ । ତୁରନ୍ତ ବୋମା ନିଷ୍କ୍ରିୟ ଦଳ ଘଟଣାସ୍ଥଳରେ ପହଞ୍ଚି ବୋମାଗୁଡ଼ିକକୁ ଅତି ସତର୍କତାର ସହ ନିଷ୍କ୍ରିୟ କରିଥିଲେ ।

# ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା: ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କଲା ପଶ୍ଚିମବଙ୍ଗ ଦୁର୍ଗାପୁର ପୁଲିସ

ନୂଆଦିଲ୍ଲୀ,୧୨/୧୦ : ପଶ୍ଚିମବଙ୍ଗ ଦୁର୍ଗାପୁର ମେଡିକାଲରେ ଡାକ୍ତରୀ ଛାତ୍ରଙ୍କୁ ଗଣଦୁଷ୍କର୍ମ ଘଟଣା । ଏହି ଘଟଣାରେ ସଂପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଦୁର୍ଗାପୁର ପୁଲିସ । ଫେରାର୍ ଥିବା ଅନ୍ୟ ୨ ଅଭିଯୁକ୍ତଙ୍କୁ ପୁଲିସ ଖୋଜାଖୋଜି କରୁଛି । ଗିରଫ ତିନି ଅଭିଯୁକ୍ତଙ୍କୁ ଦୁର୍ଗାପୁର କୋର୍ଟକୁ ଚାଲାଣ କରାଯାଇଛି । ସାରା ଦେଶରେ ହଇଚଇ ଖେଳାଇ ଦେଇଥିବା ମେଡିକାଲ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ପଶ୍ଚିମବଙ୍ଗ ପୁଲିସ ତନାଘନା ଚଳାଇଛି । ଆଜି ଆସନସୋଲ ଦୁର୍ଗାପୁର ପୁଲିସ କମିସନର ଘଟଣାସ୍ଥଳକୁ ଯାଇ ଛାନଭିନ୍ କରିଛନ୍ତି । ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଥିବା ସୂଚନା ରହିଛି । ଅଭିଯୋଗ ଅନୁସାରେ ପୁରୁଷ ବନ୍ଧୁଙ୍କ ସହ ଛାତ୍ରୀ ଜଣକ କ୍ୟାମ୍ପସ ବାହାରେ ଚାଲୁଥିବା ବେଳେ କିଛି ଦୁର୍ବୃତ୍ତ ପିଛା କରିଥିଲେ । ଭୟରେ ପୁରୁଷବନ୍ଧୁ ଦୌଡ଼ି ପଳାଇଥିବା ବେଳେ ଦୁର୍ବୃତ୍ତମାନେ ଛାତ୍ରୀଙ୍କୁ ନିଛାଟିଆ ସ୍ଥାନକୁ ଟାଣିନେଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଘଟଣାରେ ପୁରୁଷ ବନ୍ଧୁଙ୍କ ସଂପୃକ୍ତିକୁ ନେଇ ଉପୁଜିଛି ସନ୍ଦେହ । ଆଜି ସକାଳୁ ଦୁର୍ଗାପୁରର ସେହି ଘଟଣାସ୍ଥଳରେ ଛାନଭିନ୍ ଚଳାଇଛି ପୁଲିସ ।

# ଆଜମ ଖାନଙ୍କୁ ମିଳିଲା ୱାଇ ବର୍ଗର ସୁରକ୍ଷା

ନୂଆଦିଲ୍ଲୀ,୧୨/୧୦ : ସମାଜବାଦୀ ପାର୍ଟିର ପ୍ରତିଷ୍ଠାତା ସଦସ୍ୟ ଏବଂ ବରିଷ୍ଠ ନେତା ଆଜମ ଖାନ ସୀତାପୁର ଜେଲରୁ ମୁକ୍ତ ହେବା ପରଠାରୁ ଖବରର ଶିରୋନାମାରେ ଅଛନ୍ତି । ରାମପୁରରେ ରହୁଥିବା ଆଜମ ଖାନଙ୍କ ନିକଟକୁ ପରିଦର୍ଶକଙ୍କ ସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଉଛି । ପରିଦର୍ଶକଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ, ସରକାରଙ୍କ ଗୃହ ବିଭାଗ ତାଙ୍କ ସୁରକ୍ଷା ପୁନଃସ୍ଥାପିତ କରିଛି । ତାଙ୍କୁ ୱାଇ-ବର୍ଗ ସୁରକ୍ଷା ଦିଆଯିବ । ସରକାରଙ୍କ ନିର୍ଦ୍ଦେଶ ଏବଂ ରାମପୁର ଏସପିଙ୍କ ନିର୍ଦ୍ଦେଶରେ, ଶନିବାରଠାରୁ ତାଙ୍କ ସୁରକ୍ଷା ପାଇଁ ଜଣେ ଗାର୍ଡ ଏବଂ ଜଣେ ଗନର୍ ନିୟୋଜିତ ହୋଇଛନ୍ତି । ପୂର୍ବରୁ ଆଜମ ଖାନଙ୍କୁ ୱାଇ-ବର୍ଗ ସୁରକ୍ଷା ଯୋଗାଇ ଦିଆଯାଇଥିଲା, କିନ୍ତୁ ଅନେକ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ, ବିଧାନସଭାରେ ତାଙ୍କର ସଦସ୍ୟତା ବାତିଲ କରାଯାଇଥିଲା ଏବଂ ସୁରକ୍ଷା ପ୍ରତ୍ୟାହାର କରାଯାଇଥିଲା । ଆଜମ ଖାନ ରାମପୁରରୁ ଦଶ ଥର ବିଧାୟକ, ଲୋକସଭା ଏବଂ ରାଜ୍ୟସଭା ସଦସ୍ୟ ଏବଂ ଉତ୍ତର ପ୍ରଦେଶ ବିଧାନସଭାରେ ବିରୋଧୀ ଦଳ ନେତା ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି । ଉତ୍ତର ପ୍ରଦେଶ ରାଜନୀତିରେ ଜଣେ ପ୍ରମୁଖ ନେତା ଭାବରେ ବିବେଚିତ ଆଜମ ଖାନଙ୍କୁ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ମଧ୍ୟ ଭେଟିବାକୁ ଆସିଥିଲେ ।

# ପାକିସ୍ତାନ ପାଇଲା ପାନେ : ତାଲିବାନ ଆକ୍ରମଣରେ ୫୮ ପାକ୍ ଯବାନ ନିପାତ



ନୂଆଦିଲ୍ଲୀ,୧୨/୧୦ : ଆଫଗାନିସ୍ତାନ-ପାକିସ୍ତାନ ମଧ୍ୟରେ ଘମାଘୋଟ ସଂଘର୍ଷ । ସୀମାରେ ଦୁଇ ଦେଶର ସେନା ମଧ୍ୟରେ ଗୁଳିବର୍ଷା । ପାକିସ୍ତାନର ୫୮ ଜଣ ସୈନିକଙ୍କୁ ନିହତ କରିଥିବା ଦାବି କରିଛି ତାଲିବାନ । କାବୁଲ ଉପରେ ପାକ ମିଶାଇଲ ମାଡ କରିବା ପରେ କଡ଼ ଜବାବ ଦେଇଛି ଆଫଗାନିସ୍ତାନ । ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଉତ୍ତେଜନା ଏବେ ସୀମାରେ ସଂଘର୍ଷର ରୂପ ନେଇଛି । ଡ୍ରୋନ, ରକେଟ, ମୋର୍ଟାର ମାଡ ଓ ମଶିନ ଗନ ଗର୍ଜନରେ ଥରିଛି ସୀମାବର୍ତ୍ତୀ ଅଞ୍ଚଳ । ଶନିବାର ରାତିରେ ଡୁରାଣ୍ଡ ସୀମାରେ ଦୁଇ ସେନା ମଧ୍ୟରେ ଭୀଷଣ ଗୁଳି, ଗୋଳା ବିନିୟମ ହୋଇଛି । ପାକିସ୍ତାନର ୮ଟି ଅଞ୍ଚଳରେ ଏକକାଳୀନ ପ୍ରଚଣ୍ଡ ଆକ୍ରମଣ କରିଛି ତାଲିବାନ । ପାକିସ୍ତାନର ମିଲିଟାରି ପୋଷ୍ଟ ଓ ଫ୍ରଣ୍ଟିୟର କର୍ପସ୍ ଉପରେ ବଡ଼ ଧରଣର ଆକ୍ରମଣ ହୋଇଛି । ଆଫଗାନିସ୍ତାନର ସାମରିକ ଅଭିଯାନକୁ ସ୍ପଷ୍ଟ କରିଛନ୍ତି ତାଲିବାନ ମୁଖପାତ୍ର, ଜବିହୁଲ୍ଲାହ ମୁଜାହିଦ । ପାକ୍ ନାଗରିକ ମଧ୍ୟ ଏଥିରେ ମୃତାହତ ହୋଇଥିବା ଖବର ମିଳିଛି । ପାକିସ୍ତାନକୁ ଚେତାବନୀ ଦେଇ ମଜାହିଦ କହିଛନ୍ତି, ଆଫଗାନିସ୍ତାନର ସାର୍ବଭୌମତ୍ୱ ସହ କେହି ଖେଳିବାକୁ ଚାହିଁଲେ ମୁହଁତୋଡ ଜବାବ ଦିଆଯିବ । ସେପେଟ ପାକିସ୍ତାନ ଗୃହମନ୍ତ୍ରୀ, ମହସିନ ନକଭି ପ୍ରତିକ୍ରିୟା ଦେଇ କହିଛନ୍ତି, ଇଟାର ଜବାବ ପଥରରେ ଦିଆଯିବ । ପାକିସ୍ତାନ ଚୁପ୍ ବସିବ ନାହିଁ, ଆଫଗାନିସ୍ତାନକୁ କଡ଼ା ଜବାବ ଦେବ । ପାକିସ୍ତାନ ଗୃହମନ୍ତ୍ରାଳୟ ବୟାନରୁ ସ୍ପଷ୍ଟ ହେଉଛି ତାଲିବାନଙ୍କ ଆକ୍ରମଣରେ ବିପୁଳ କ୍ଷତି ସହିଛି ପାକିସ୍ତାନ ସେନା ।

# ବେଜିଂ ବିରୋଧରେ ଟ୍ରମ୍ପଙ୍କ କଡ଼ା ଆଭିମୁଖ୍ୟ: ପୁଣି ଲଗାଇଲେ ୧୦୦ ପ୍ରତିଶତ ଟାରିଫ୍



ନୂଆଦିଲ୍ଲୀ,୧୨/୧୦ : ଚୀନ୍ ଉପରେ ଖପ୍ପା ହେଲେଣି ଟ୍ରମ୍ପ । ସେଇଥି ଲାଗି ତ ଲଗାଇଛନ୍ତି ୧୦୦ ପ୍ରତିଶତ ଅତିରିକ୍ତ ଟାରିଫ୍ । ନଭେମ୍ବର ୧ ତାରିଖ ୨୦୨୫ ରୁ ସମସ୍ତ ଚୀନ୍ ଆମଦାନୀ ଉପରେ ୧୦୦% ଅତିରିକ୍ତ ଶୁଳ୍କ ଘୋଷଣା କରିଛନ୍ତି ଟ୍ରମ୍ପ । ଏହା ସହିତ ସେ ଆମେରିକାରେ ନିର୍ମିତ ଗୁରୁତ୍ୱପୂର୍ଣ୍ଣ ସଫ୍ଟୱେର୍ ରପ୍ତାନି ଉପରେ ନିୟନ୍ତ୍ରଣ ମଧ୍ୟ ଘୋଷଣା କରିଛନ୍ତି । ଯାହାକୁ ନେଇ ଏବେ ଭାରି ଚର୍ଚ୍ଚା । ଚୀନ ଓ ଆମେରିକା ମଧ୍ୟରେ ବଢ଼ିବାରେ ଲାଗିଛି ଉତ୍ତେଜନା । କେବଳ ଉତ୍ତେଜନା ବଢିଛି ତାହା ନୁହେଁ ବରଂ ବିଶ୍ୱର ଦୁଇ ବୃହତ୍ତମ ଅର୍ଥନୀତି ମଧ୍ୟରେ ବାଣିଜ୍ୟ ଏବଂ ଭୂରାଜନୈତିକ ଉତ୍ତେଜନା ବୃଦ୍ଧି ପାଇଥିବା ସମୟରେ ଏହି ଟାରିଫ୍ ପରି ପଦକ୍ଷେପ ନେଇଛନ୍ତି ଟ୍ରମ୍ପ । ସେପଟେ ବିଶେଷଜ୍ଞମାନେ କହିଲେଣି, ଏହି ନୀତି କାର୍ଯ୍ୟକାରୀ ହୁଏ, ତେବେ ବିଶ୍ୱ ବଜାରକୁ ଗୁରୁତର ଭାବରେ ପ୍ରଭାବିତ କରିବ । ଚୀନ ଉପରେ ଅଧିକ ୧୦୦ ପ୍ରତିଶତ ଟାରିଫ୍ ଲଗାଇବା ପରେ ଟ୍ରମ୍ପ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟ କରି ଚୀନକୁ ଟାର୍ଗେଟ କରିଛନ୍ତି । ଲେଖିଛନ୍ତି ଯେ 'ଚୀନ ଅସ୍ୱାଭାବିକ ଭାବରେ ଆକ୍ରମଣାତ୍ମକ ବାଣିଜ୍ୟିକ ମନୋଭାବ ଗ୍ରହଣ କରିଛି ଏବଂ ଏହା ସମସ୍ତ ଦେଶକୁ ପ୍ରଭାବିତ କରିବ । ଚୀନ ଏହାର ଅଧିକାଂଶ ଉତ୍ପାଦ ଉପରେ ରପ୍ତାନି କଟକଣା ଲଗାଇବାକୁ ଯୋଜନା କରୁଛି, ଯାହା ଦ୍ୱାରା ବିଶ୍ୱ ବଜାରରେ ଅସନ୍ତୁଳନ ସୃଷ୍ଟି ହେଉଛି । ଆମେରିକା ଏବେ ସମାନ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ନଭେମ୍ବର ୧ରୁ ଆମେ ଚୀନ ଉପରେ ଅତିରିକ୍ତ ୧୦୦% ଶୁଳ୍କ ଲାଗୁ କରିବୁ ବୋଲି ଟ୍ରମ୍ପ କହିଛନ୍ତି । ଏସ୍‌ସିଓ ସମ୍ମିଳନୀରେ ଏକାଠି ହୋଇଥିଲେ ବିଶ୍ୱର ୩ ମହାଶକ୍ତି । ଋଷିଆ-ଭାରତ ଓ ଚୀନ୍ ଏକାଠି ହେବା ପରେ ରାଗିପାଚି ଲାଲ୍ ହୋଇଥିଲେ ଟ୍ରମ୍ପ । ଅବଶ୍ୟ ଏହାକୁ ଡ୍ରାମା ବୋଲି କହିଥିଲେ । କିନ୍ତୁ ୩ ମହାଶକ୍ତି ଏକାଠି ମିଶିଲେ ଆମେରିକା ପାଇଁ ବଡ଼ କ୍ଷତି ହେବ ବୋଲି ଟ୍ରମ୍ପ ଭଲରେ ଜାଣିଥିଲେ । ସେଇଥି ଲାଗି ତ ଗୋଟିଏ ପରେ ଗୋଟିଏ ଅତିରିକ୍ତ ଟାରିଫ୍ ଲଗାଇବାରେ ବ୍ୟସ୍ତ ଅଛନ୍ତି ଟ୍ରମ୍ପ । ପୂର୍ବରୁ ବି ଋଷିଆଠୁ ଭାରତ ତେଲ କିଣିବା ପରେ ଟ୍ରମ୍ପ ନାପସନ୍ଦ କରିଥିଲେ । ହେଲେ ଭାରତ ଟ୍ରମ୍ପଙ୍କ କଥା ଶୁଣିନଥିଲା । ଏବେ ପୁଣି ଥରେ ଟ୍ରମ୍ପ ଚୀନ୍ ବିରୋଧରେ ଟାରିଫ୍ ଲଗାଇବା ପରେ ପୂରା ବିଶ୍ୱରେ ଚର୍ଚ୍ଚା ଜୋର ଧରିଛି । ତେବେ ଟାରିଫ୍ ଲଗାଇବା ପରେ ଏବେ କେଉଁ କେଉଁ ସାମଗ୍ରୀ ଉପରେ ଦର କେତେ ବଢୁଛି ତାହା ଉପରେ ନଜର ।

# ବଲାଙ୍ଗିରଠାରେ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳିତ

ବଲାଙ୍ଗିର, ୧୨/୧୦ (ନି.ପ୍ର): ବଲାଙ୍ଗୀର ଠାରେ ଜିଲ୍ଲା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ତରଫରୁ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ପ୍ରେକ୍ଷାଳୟ ଠାରେ ଆଜି ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଅଧିକାରୀ ସୁଷମା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଡ଼ିଏସପି କମଳ କୁମାର ପଣ୍ଡା, ସରକାରୀ ମହିଳା ମହାବିଦ୍ୟାଳୟର ଅଧକ୍ଷ ଡଃ. ଅରବିନ୍ଦ କୁମାର ଓଝା, ଶ୍ରୀମତୀ କସ୍ତୁରୀ ରଥ, ପୋଲିସ ସବ ଇନ୍ସପେକଟର ଅଲେଖ ଗରଡିଆ, ଜିଲ୍ଲା ଜନସ୍ୱାସ୍ଥ୍ୟ ଓ ଯୋଗାଯୋଗ ଅଧିକାରୀ ଆନନ୍ଦ ମିଶ୍ର ଯୋଗ ଦେଇଥିଲା ବେଳେ ଅଧାପକ ସନ୍ଦୀପ କୁମାର କୁଅଁର ସାଧନ କର୍ମୀ ତଥା ବକ୍ତା ଭାବରେ ଯୋଗଦେଇ ଥିଲେ । ପ୍ରାରମ୍ଭରେ ଜିଲ୍ଲା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଅଧିକାରୀ ସୁଷମା ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିଥିମାନେ ନାରୀର ଅଧିକାର ଓ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ । ସାଧନ କର୍ମୀ ତଥା ବକ୍ତା ଅଧାପକ ସନ୍ଦୀପ କୁମାର କୁଅଁର ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସର ବିଷୟ କିଶୋରୀ ମାନଙ୍କ ମଧ୍ୟରେ ନେତୃତ୍ୱ ବିକାଶର ମାଧ୍ୟମ, ସମାନତା, ସୁଯୋଗ, ଅଧିକାର, ବିଷୟରେ ମାର୍ଗଦର୍ଶନ କରିଥିଲେ । ଜିଲ୍ଲା ମମତା ଯୋଜନା ଅଧିକାରୀ ଶିବାନୀ ଠାକୁର ସଭା ପରିଚାଳନା କରିଥିଲା ବେଳେ ପିରାମଲ ଫାଉଂଡେସନ ର ଦେବୀପ୍ରସାଦ ଓ ଅନ୍ୟମାନେ କିଶୋରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, କୁଇଜ୍ ପରିଚାଳନା କରିଥିଲେ । ପାର୍ବତୀଗିରି ବାଳ ନିକେତନ ଛାତ୍ରୀ ମାନେ ପ୍ରାରମ୍ଭିକ ସଂଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲ୍ଲାର ୧୪ଟି ବ୍ଲକ ର କିଶୋରୀ ମାନେ ତଥା ଅଙ୍ଗନବାଡି କର୍ମୀ, ସୁପରଭାଇଜର, ସିଡିପିଓ ଯୋଗଦେଇଥିଲେ ।

# କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତଙ୍କ ହବିଷ୍ୟାଳୀ କେନ୍ଦ୍ର ପରିଦର୍ଶନ

ପୁରୀ,୧୧ ଅକ୍ଟୋବର (ହି.ସ.)- କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର ଆଜି ପୂର୍ବାହ୍ନରେ ହବିଷ୍ୟାଳୀ କେନ୍ଦ୍ର ପରିଦର୍ଶନ କରିଥିଲେ ।ବୃନ୍ଦାବତୀ ନିବାସ ହବିଷ୍ୟାଳୀ କେନ୍ଦ୍ର ରେ ପହଂଚିବା ପରେ ରାଜସ୍ୱ ଆୟୁକ୍ତ ଙ୍କୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସ୍ୱାଗତ କରିବା ସହ ହବିଷ୍ୟାଳୀ କେନ୍ଦ୍ର କୁ ପାଛୋଟି ନେଇଥିଲେ ।ରାଜସ୍ୱ ଆୟୁକ୍ତ ହବିଷ୍ୟାଳୀ ମା ମାନଙ୍କ ରହଣୀ ସ୍ଥାନ କୁ ବୁଲି ଦେଖିବା ସହ ସେମାନଙ୍କ ସହ ବାର୍ତାଳାପ କରିଥିଲେ ।ସେମାନଙ୍କ ଆବଶ୍ୟକତା, ଅସୁବିଧା, କୌଣସି ସମସ୍ୟା ଅଛି କି ବୋଲି ପଚାରି ଥିଲେ ।ହବିଷ୍ୟାଳୀ ମା ମାନେ ଭଲରେ ରହିଥିବା ପ୍ରକାଶ କରିବା ସହ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ସୁନ୍ଦର ଭାବେ କରାଯାଇଛି ବୋଲି କହିଥିଲେ ।ଭୋଅରରୁ ବୃନ୍ଦାବତୀ ପୂଜା ପରେ ମା ମାନଙ୍କୁ ସ୍ୱେଚ୍ଛାସେବୀ ମାନଙ୍କ ସହଯୋଗ ସ୍ୱତନ୍ତ୍ର ବସ ମାଧ୍ୟମରେ ରେ ମନ୍ଦିରକୁ ନେବା, ମନ୍ଦିର ରେ ଶୃଙ୍ଖଳିତ ଭାବେ ମହାପ୍ରଭୁ ଙ୍କ ଦର୍ଶନ କରାଇବା, ମହାପ୍ରସାଦ ସେବନ କରାଇବା, ଭଜନ କୀର୍ତନ ର ବ୍ୟବସ୍ଥା ଇତ୍ୟାଦି ସବୁ ଖୁବ ଭଲ ଭାବରେ କରାଯାଇଛି ବୋଲି ମା ମାନେ ରାଜସ୍ୱ ଆୟୁକ୍ତ ଙ୍କୁ ଅବଗତ କରାଇଥିଲେ ।ନିବାସ ମଧ୍ୟରେ ଦୀପ ନ ଜଳାଇ ସମସ୍ତ ମା ମାନେ ବାହାରେ ସୁରକ୍ଷିତ ଭାବେ ଦୀପ ଜଳାଇବାକୁ ସେ ମା ମାନଙ୍କୁ ଅନୁରୋଧ କରିଥିଲେ । ଏହାକୁ ତତ୍ୱାବଧାନ ପାଇଁ ଅଗ୍ନି ଶମ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ପରେ ରାଜସ୍ୱ ଆୟୁକ୍ତ ବରିଷ୍ଠ ଅଧିକାରୀ, ସ୍ୱେଚ୍ଛାସେବୀ କର୍ମକର୍ତା ମାନଙ୍କ ସହ ଆଲୋଚନା କରିଥିଲେ ।ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର କୁ ବୁଲି ଦେଖିବା ସହ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ ।ମା ମାନଙ୍କର ସମସ୍ତ ସେବା ରେ ଯେପରି କୌଣସି ଅଭାବ ଅସୁବିଧା ନ ରୁହେ ସେଥି ପ୍ରତି ପ୍ରଶାସନ ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବାକୁ ଆୟୁକ୍ତ ପରାମର୍ଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଉପଖଣ୍ଡ ସୂଚନା ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ପ୍ରମୁଖ ରାଜସ୍ୱ ଆୟୁକ୍ତଙ୍କ ଗସ୍ତ ସମୟରେ ଉପସ୍ଥିତ ଥିଲେ ।

# ଗଞ୍ଜେଇ ଚାଲାଣ ବେଳେ ଚଢାଉ: ଜଣେ ଗିରଫ

ଜୟପୁର, ୧୨/୧୦ (ନି.ପ୍ର): ଗଞ୍ଜେଇ ଚାଲାଣ ବେଳେ ଜୟପୁର ଅବକାରି ଥାନା ଆଜି ଚଢାଉ କରି ଜଣେ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା କେରଳ ରାଜ୍ୟର ବାଇଜୁ ଜେ (୪୮) ।ସୂଚନା ଅନୁଯାଇ ଜୟପୁର ସଦର ଥାନା ଅନ୍ତର୍ଗତ ରେଳ ଷ୍ଟେସନ ନିକଟରେ ଅବକାରି ଥାନା ଚଢାଉ କରିଛି ।ଟ୍ରେନରେ ବାହାର ରାଜ୍ୟକୁ ଚାଲାଣ ହେଉଥିବା ସୁଚନା ପାଇ ଚଢାଉ କରି ୪ କେଜି ଶେହେ ଗ୍ରାମ ଗଞ୍ଜେଇ ଜବତ କରିଛି । ଗିରଫ ଅଭିଯୁକ୍ତକୁ ସଂନ୍ଧ୍ୟା ୭ଟାରେ କୋର୍ଟ ଚାଲଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୁଚନା ଦେଇଛନ୍ତି ।

# ଶ୍ରୀ ଗଣେଶ ଉଚ୍ଚ ବିଦ୍ୟାଳୟରେ ମହାରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ସମ୍ବଲପୁର, ୧୨/୧୦ (ନି.ପ୍ର): ପ୍ରତିକୂଳ ପରିସ୍ଥିତିରେ ଝିଅ ମାନଙ୍କୁ ସୁରକ୍ଷା ଦେବ ଏହି ପ୍ରଶିକ୍ଷଣ' ଆଜିକାଲି ଯେମିତି ଅସାମାଜିକ ତତ୍ୱ ଙ୍କର ଦୌରାମ୍ୟ ବଢ଼ି ବଢ଼ି ଚାଲିଛି । ସେହି ଦୃଷ୍ଟିରୁ ସାଧାରଣ ଲୋକ ମାନେ ଯେତେ ଆତଙ୍କିତ ତାଠାରୁ ବେଶି ଅସୁରକ୍ଷିତ ଝିଅ ତଥା ନାରୀ ମାନେ । ଏହାକୁ ଦୃଷ୍ଟିରେ ରଖି ସାରା ଦେଶରେ ନାରୀକୁ ସଶକ୍ତ ଓ ଆତ୍ମ ନିର୍ଭରଶୀଳ କରିବା ପାଇଁ ସରକାରୀ ସ୍ତରରେ ଅନେକ ଗୁଡିଏ ଯୋଜନା ପ୍ରଣୟନ ହେଉଛି । ସେହିପରି ଆଜିକାଲି ରାଷ୍ଟ୍ରୀୟ ସ୍ତରରେ ହାଇସ୍କୁଲ ମାନଙ୍କରେ ମଧ ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ଯାଏ ଛାତ୍ରୀ ( ଝିଅ) ମାନଙ୍କୁ ଆତ୍ମରକ୍ଷା ପାଇଁ ବିଭିନ୍ନ କୌଶଳ ର ପ୍ରଶିକ୍ଷଣ ଦିଆଯାଉଛି । ସେହି କ୍ରମରେ ସମ୍ବଲପୁର ମହାନଗର ଅନ୍ତର୍ଗତ ଧନୁପାଲି ସ୍ଥିତ ଶ୍ରୀ ଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଯାଇଛି । ଗତ ଅକ୍ଟୋବର ୮ ତାରିଖ ରୁ ଆରମ୍ଭ ହୋଇଥିବା ଏହି ଶିବିର ମାସକୁ ୧୦ ଦିନ ହିସାବରେ ୩ ମାସ ୩୦ ଦିନ ଯାଏ ଚାଲିବ । ଏହି ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଷଷ୍ଠ ଶ୍ରେଣୀ ରୁ ଅଷ୍ଟମ ଶ୍ରେଣୀ ର କିଶୋରୀ ମାନଙ୍କ ପାଇଁ ଉଦ୍ଧିଷ୍ଟ କ୍ଷ ସେମାନେ କେମିତି ପ୍ରତିକୂଳ ପରିସ୍ଥିତିକୁ ଅନାୟାସରେ ସାମ୍ନା କରିପାରିବେ । ତାହା ହିଁ ଏହି ଏହି ପ୍ରଶିକ୍ଷଣ ଶିବିର ର ଲକ୍ଷ୍ୟ। ଶ୍ରୀ ଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁମିତା ମହାପାତ୍ରଙ୍କର ତତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ପ୍ରଶିକ୍ଷିକା ମିନା ରାଣୀ ମଲ୍ଲିକ ଓ ସୁଷମା ସଂଗୀତା ତୀର୍କୀ ଆତ୍ମାରକ୍ଷା ର ବିଭିନ୍ନ କୌଶଳ ମାନ ତାଲିମ ଦେଉଛନ୍ତି । ଏହି ପ୍ରଶିକ୍ଷଣ ଶିବିର କେମିତି ଶୃଙ୍ଖଳିତ ଭାବରେ ସମ୍ପାଦନ ହୋଇପାରିବ ସେଥିପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ ତଥା କର୍ମଚାରୀ ମାନେ ନିଷ୍ଠାର ସହ ସହଯୋଗ କରୁଛନ୍ତି । ଏହାଦ୍ୱାରା ନିଶ୍ଚିତ ଭାବରେ କିଶୋରୀ ମାନେ ଉପକୃତ ହୋଇପାରିବେ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମହାପାତ୍ର ପ୍ରକାଶ କରିଛନ୍ତି ।

# ଆଗାମୀ ଟ୍ରଷ୍ଟ ଦ୍ୱାରା ଏକ ରାଜ୍ୟସ୍ତରୀୟ ପଦଯାତ୍ରା ଆରମ୍ଭ

ମାଲକାନଗିରି, ୧୨/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲାର ପଡିଆ ବ୍ଲକର ରାମ ମନ୍ଦିର ପଡିଆ ଠାରେ ଏକ ଅଭୂତପୂର୍ବ ଜନ-ନେତୃତ୍ୱ ଭିତ୍ତିକ ପ୍ରୟାସ ଭାବରେ, ଆଗାମି ଟ୍ରଷ୍ଟ ଦ୍ୱାରା ଏକ ରାଜ୍ୟସ୍ତରୀୟ ପଦଯାତ୍ରା ଆରମ୍ଭ ହୋଇଛି ! ଏହି ପଦଯାତ୍ରା ୩୦ଟି ଜିଲ୍ଲା ଏବଂ ୩୧୪ଟି ବ୍ଲକ୍ ଅତିକ୍ରମ କରି୍ବା ପରେ ଶେଷରେ ପୁରୀ ସଦର ବ୍ଲକ୍, ପୁରୀ ଜିଲ୍ଲାରେ ସମାପ୍ତ କରାଯିବ ବୋଲି ଆଗାମୀ ଟ୍ରଷ୍ଟ ସଂସ୍ଥାପକ ବିମଳ ଚନ୍ଦ୍ର ମଲ୍ଲିକ ପ୍ରକାଶ କରିଛନ୍ତି ! ଏହି ଆନ୍ଦୋଳନକୁ ଆତ୍ମଶକ୍ତି ଟ୍ରଷ୍ଟ, ମହିଳା ଶ୍ରମଜୀବୀ ମଂଚ, ଓଡିଶା, ଓଡିଶା ଶ୍ରମଜୀବୀ ମଂଚ, ଓ ଜିଲ୍ଲା ସ୍ତରୀୟ ଅନେକ ସାମାଜିକ ସଂଗଠନ, ସାମାଜିକ କର୍ମୀମାନେ ସହଯୋଗ କରୁଛନ୍ତି । ପଦଯାତ୍ରା ର ମୁଖ୍ୟ ଉଦ୍ଦେଶ୍ୟ ଗୁଡିକ ହେଲା- ଯୁବ ଶକ୍ତି ସଜାଗତା: ଗ୍ରାମାଂଚଳ ଯୁବକ ମାନେ ସାମାଜିକ ଓ ଅର୍ଥନୈତିକ ବିକାଶରେ ଭାଗ ନେବାକୁ ପ୍ରେରିତ ହେବା । ନୀତିମୂଲ୍ୟ ଭିତ୍ତିକ ସମାଜ ଗଠନ: ମାନବତା, ପରସ୍ପର ସମ୍ମାନ ଓ ନୈତିକ ଶିକ୍ଷା ଉପରେ ଆଧାରିତ ଚେତନା ଗଢ଼ିବା । ରୋଜଗାର ସଚେତନତା: ଗ୍ରାମ ପଂଚାୟତ ଅନ୍ତର୍ଗତ କୁଟିର ଉଦ୍ୟୋଗ ସ୍ଥାପନ ଦ୍ୱାରା ବେରୋଜଗାରି ଓ ପ୍ରବାସନ କମାଇବା ପାଇଁ ଉଦ୍ୟମ କ୍ଷଜୈବିକ କୃଷି ପ୍ରଚାର: ବିଷମୁକ୍ତ ଚାଷ ଓ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ । ରକ୍ତ ଦାନ ଜାଗୃତି: ଜୀବନ ରକ୍ଷା ପାଇଁ ରକ୍ତ ଦାନ କ୍ୟାମ୍ପ ଓ ଅଭିଯାନ ।ପରିବେଶ ସୁରକ୍ଷା: ପ୍ରତ୍ୟେକ ବ୍ଲକ୍‌ରେ ଗଛ ରୋପଣ ଅଭିଯାନ । ଏହି ପଦଯାତ୍ରା ସହିତ ଏକ ନୂଆ ପ୍ରୟାସ ହେଉଛି — ଗ୍ରାମ ଓ ବ୍ଲକ୍ ଯୁବ ମାନଙ୍କ ପାଇଁ ଅର୍ଥନୈତିକ ସ୍ୱାବଲମ୍ବନର ସୁଯୋଗ ସୃଷ୍ଟି କରିବା । ଆଗାମୀ ଟ୍ରଷ୍ଟ ଡିଜିଟାଲ ବ୍ୟାଙ୍କିଂ ସେବା ଓ ଜୈବିକ ଉଦ୍ୟୋଗ ସହିତ ଜଡ଼ିତ ହୋଇ ଏହି ଯାତ୍ରାକୁ ସ୍ଥାୟୀ ପ୍ରଭାବ ଦେବା ଦିଗରେ ଗତି କରୁଛି । ଏହି ପଦଯାତ୍ରାରେ ମହିଳା ଶ୍ରମଜୀବୀ ସଂଗଠନ ଓ ଶ୍ରମଜୀବୀ ସଂଗଠନ,ମାଲକାନଗିରି ର ସଦସ୍ୟା ସଦସ୍ୟ ଯଥା- ରାମ ବଡ଼ନାୟକ, ମୁକୁନ୍ଦ ମାଡ଼କାମୀ, ତ୍ରିନାଥ ବଡ଼ନାୟକ, ଶ୍ରୀନୁ ସେଲବମ, ଶୁକ୍ରା ଗୁରୁତେଲି, ଜିତେନ୍ଦ୍ର ଖିଲ, କୃଷ୍ଣ ସିସା, ସନ୍ତୁର ମାଢ଼ି, ସାଲିନା ପାଙ୍ଗି, ମୁକୁନ୍ଦ ମାଝୀ, ଚମ୍ପା ଗଠନ, ଶୁଭଶ୍ରୀ ମାଢ଼ି, ଅନିତା ପୁନେମ, ସୋମନାଥ ମାଡ଼କାମୀ, ଚିତ୍ତରଞ୍ଜନ ସାହୁ ଓ ସ୍ଥାନୀୟ ମହିଳା, ଯୁବପିଢ଼ି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଧର୍ମଶାଳାରେ ବର୍ଷା ପରିମାଣ ମାପରେ ଗଡବଡ

ଧର୍ମଶାଳା, ୧୨/୧୦ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଂଚଳରେ ବର୍ଷା ମାପରେ ପୁଣି ଗଡବଡ ଦେଖା ଦେଇଛି । ବ୍ଲକର ବିଭିନ୍ନ ଅଂଚଳରେ ପ୍ରତ୍ୟେକ ଦିନ ବର୍ଷା ହେଉଥିବା ବେଳେ ବିଭାଗୀୟ ୱେବ ସେଇଡ଼ ରେ ଗତ ୪ ତାରିଖରୁ ଆଜି ଯାଏ ଧର୍ମଶାଳା ବ୍ଲକ ଅଂଚଳରେ ଟୋପାଏ ବର୍ଷା ହୋଇନଥିବା ସରକାରଙ୍କ ୱେବସାଇଟରେ ଉପଲବ୍ଧ ରେକର୍ଡରୁ ଜଣାପଡିଛି । ସରକାରୀ ସ୍ତରରେ ଏଭଳି ଭ୍ରମାତ୍ମକ ପ୍ରକାସନ କୁ ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଛି । ସୂଚନା ମୁତାବକ ଧର୍ମଶାଳା ଅଂଚଳରେ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଲାଗିଥିବା ମାପ ଯନ୍ତ୍ର କୁ ସଠିକ ଭାବେ ତଦାରଖ କରାଯାଉ ନଥିବା ଜଣାପଡିଛି । କାରଣ ଧର୍ମଶାଳା ଅଂଚଳରେ ପ୍ରତ୍ୟେକ ଦିନ କିଛି ପରିମାଣର ବର୍ଷା ହେଉଛି । ହେଲେ ବିଭାଗୀୟ ଅବହେଳା ଯୋଗୁଁ ବର୍ଷା ପରିମାଣର ସଠିକ ତଥ୍ୟ ୱେବ ସାଇଡ଼ରେ ଆସୁନଥିବାରୁ ସାଧାରଣରେ ଉଦବେଗ ପ୍ରକାଶ ପାଇଛି । ବିଗତ ଏକ ସପ୍ତାହ ମଧ୍ୟରେ ଧର୍ମଶାଳା ଅଂଚଳରେ ୫୦ ମିଲିମିଟରରୁ ଉର୍ଦ୍ଧ୍ୱ ବର୍ଷା ହୋଇଥିବା ଅକଳନ କରାଯାଇଥିବା ବେଳେ ସରକାରଙ୍କ ପାଣିପାଗ ୱେବସାଇଟରେ କିନ୍ତୁ ଧର୍ମଶାଳା ବ୍ଲକରେ ବିଗତ ସପ୍ତାହେ ହେଲା ଟୋପାଏ ବର୍ଷା ହୋଇନଥିବା ତଥ୍ୟ ପ୍ରକାଶ ପାଇଛି । ମନୁଷ୍ୟାକୃତ ଏଭଳି ତୃଟିପୂର୍ଣ୍ଣ ତଥ୍ୟ ପ୍ରକାଶ ନକରିବାକୁ ସାଧାରଣରେ ଦାବି ହୋଇଛି । ଏଥିସହ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ତାଗିଦ କରିବା ପାଇଁ ଅନୁରୋଧ କରାଯାଇଛି ।

# ଜାତୀୟସ୍ତରୀୟ ଉପ କନିଷ୍ଠ ଟେନିସବଲ୍ କ୍ରିକେଟ ପ୍ରତିଯୋଗିତା ନିମନ୍ତେ ଭଦ୍ରକ ଜିଲ୍ଲାରୁ ୩ ଖେଳାଳୀ ମନୋନୀତ

ଭଦ୍ରକ , ୧୨/୧୦ (ନି.ପ୍ର): ରାଜସ୍ଥାନର ଦଉସାରେ ଆରମ୍ଭ ହେବାକୁ ଯାଉଥିବା ଜାତୀୟ ଉପ କନିଷ୍ଠ (୧୭ ବର୍ଷରୁ କମ୍) ଟେନିସବଲ କ୍ରିକେଟ ପ୍ରତିଯୋଗିତାଟି ୧୪ ଅକ୍ଟୋବରରୁ ଆରମ୍ଭ ହୋଇ ୧୯ ଅକ୍ଟୋବର,୨୦୨୫ରେ ସମାପ୍ତ ହେବ । ଏହି ପ୍ରତିଯୋଗିତା ନିମନ୍ତେ ଓଡିଶା ତାର ୧୬ ଜଣ ବାଳକ ଖେଳାଳୀଙ୍କ ନାମ ଘୋଷଣା କରିଛି, ବାଳକ ଦଳରେ ଭଦ୍ରକ ଜିଲ୍ଲାରୁ ୩ ଜଣ ପ୍ରମୁଖ ସ୍ଥାନ ପାଇଛନ୍ତି । ସେମାନେ ହେଲେ ରୁଦ୍ର ଚନ୍ଦନ ଦାସ୍, ଅରୋଶିଷ୍ ବେହେରା ଓ ସାଇ ଶ୍ରବଣ କୁମାର ଧଳ । ଶ୍ରବଣ ଓ ରୁଦ୍ର ଏସବିଡ଼ି ଇଣ୍ଟରନେସନାଲ୍ ସ୍କୁଲରେ ଅଷ୍ଟମ ଶ୍ରେଣୀ ରେ ଅଧ୍ୟୟନ କରୁଥିବା



ବେଳେ ଅରୋ ଡିଏଭି ସ୍କୁଲରେ ନବମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି ଏହି ସଫଳତା ନିମନ୍ତେ ଭଦ୍ରକ ଜିଲ୍ଲା ଟେନିସ ବଲ କ୍ରିକେଟ ସଂଘର ସଂପାଦକ ମନୋଜ କୁମାର ସାହୁ , ସଭାପତି ଦେବବ୍ରତ ଜେନା, କାର୍ଯ୍ୟକାରୀ ସଭାପତି ତନ୍ମୟ ମହାନ୍ତି , ଉପ ସଭାପତି ଗୌରହରି ମଣ୍ଡଳ ମନୋଜ ଦାସ, ପବିତ୍ର ମୋହନ ଖିଲାର ' ସହିଦ୍ ଖାନ୍ , ସହ ସଂପାଦକ ପ୍ରହଲ୍ଲାଦ ପଣ୍ଡା କୋଷାଧକ୍ଷ ସ୍ୱୟଂଭୁ ପ୍ରସାଦ ଦାଶ, ମୁଖ୍ୟ ଉପଦେଷ୍ଟା ତପନ କୁମାର ମିଶ୍ର ଓ କ୍ରିକେଟ କୋଚ୍ ଅସିତ୍ ଦାସ୍ ଶୁଭେଚ୍ଛା ଜଣାଇବା ସହିତ ସେ କିପରି ଜାତୀୟ ସ୍ତରରେ ଭଲ ଖେଳ ପ୍ରଦର୍ଶନ କରନ୍ତୁ ତାଙ୍କର ଶୁଭକାମନା ମନାସିଛନ୍ତି ।

# ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ: ଅଭିଯୋଗ ପରେ ବି ବେଫିକର ଠିକାଦାର ଓ ଯନ୍ତ୍ରୀ

ବାରିପଦା, ୧୨/୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଅନ୍ତର୍ଗତ ଦେଉଳି ଗ୍ରାମପଂଚାୟତ ଅଧୀନ ଦେଉଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ନୂତନ ଭାବେ ଏକ ଅତ୍ୟାଧୁନିକ ଅତିରିକ୍ତ ଶ୍ରେଣୀ ଗୃହର ନିର୍ମାଣ କାର୍ଯ୍ୟ ଜାରି ରହିଛି । ଖୋଦ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିଜ ନିର୍ବାଚନ ମଣ୍ଡଳୀରେ ନିମ୍ନ ମାନର ଉକ୍ତ ନିର୍ମାଣ କାର୍ଯ୍ୟ ହେଉଥିବା ନେଇ ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ନିର୍ମାଣ କାର୍ଯ୍ୟ ତ୍ୱରିତ ହୋଇ ଛାତ ଢ଼ଳାଇ ପର୍ଯ୍ୟନ୍ତ ପହଂଚିଗଲାଣି କିନ୍ତୁ ଏ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ସ୍ଥଳରେ କୌଣସି ସୂଚନା ଫଳକ ନାହିଁ । ଯାହା ଫଳରେ କାର୍ଯ୍ୟ କେଉଁ ବିଭାଗ ଓ ଅଟକଳ ମୂଲ୍ୟ କେତେ ତାହା ଜଣାପଡୁନାହିଁ । କାରଣ ଏହି ଶ୍ରେଣୀ ଗୃହ କାର୍ଯ୍ୟଟି ଅତି ନିମ୍ନ ମାନର ହେଉଛି ବୋଲି ବିଦ୍ୟାଳୟର କର୍ତୃପକ୍ଷ ଓ ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି । ଉକ୍ତ ଗୃହ ନିର୍ମାଣ ପାଇଁ ଆନୁମାନିକ ମୂଲ୍ୟ ୧୫,୫୪,୨୨୭ ଟଙ୍କା ଥିବାବେଳେ ବ୍ଲକରେ ଟେଣ୍ଡର ହୋଇଥିଲା । ଶ୍ରେଣୀ ଗୃହ ପ୍ଲିନ୍ଥ୍ ଓ କଲମରେ ନିମ୍ନମାନର ରୋଡ ସହିତ କମ୍ପାକସନ ପାଇଁ ଭାଇବ୍ରେଟର ବ୍ୟବହାର କରାଯାଇନାହିଁ । ଯାହା ଫଳରେ ବିଦ୍ୟାଳୟର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଶ୍ରେଣୀ ଗୃହ ଗୁଡ଼ିକ ମଧ୍ୟରେ ଫିଲିଂ ପାଇଁ ବାଲି ବଦଳରେ ମୋରମ ଓ ମାଟି ବ୍ୟବହାର କରାଯାଇଛି । ମୋରମ ଓ ମାଟି ଭର୍ତି କରି ତା' ଉପରେ କଂକ୍ରିଟ କରାଯାଇଥିବାର ଅଭିଯୋଗ କରିଛନ୍ତି । ନିମ୍ନମାନ ଇଟା, ମେଟାରିଆଲ୍ସ ସହ ଭାଗ ମାପ ମଧ ଠିକ୍ ହେଉନଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତେବେ ଏ ବାବଦରେ ଶୁଳିଆପଦା ବ୍ଲକ ଯନ୍ତ୍ରୀ ତପନ କୁମାର ଦାସ ଓ ସହକାରୀ ଯନ୍ତ୍ରୀ ଅମଜାଦା ଅଲ୍ଲୀ କାର୍ଯ୍ୟ ସବୁ କିଛି ଠିକ୍ ଭାବେ ଚାଲିଛି ବୋଲି କହିଛନ୍ତି । ବିଦ୍ୟାଳୟ କର୍ତୃପକ୍ଷ କାର୍ଯ୍ୟଟି ନିମ୍ନମାନର ହେଉଛି ବୋଲି ପ୍ରଶାସନିକ ଅଧିକାରୀଙ୍କୁ ଜଣାଇବା ପରେ ଠିକାଦାର ବିଦ୍ୟାଳୟ କର୍ତୃପକ୍ଷଙ୍କୁ ତାଗିଦ୍ କରିଛନ୍ତି । କୁନି କୁନି ପିଲାଙ୍କ ପାଇଁ ଶ୍ରେଣୀ ଗୃହ ହେଉଥିବା ବେଳେ ତାଙ୍କ ଜୀବନ ସହ ଖେଳିବା ସଦୃଶ୍ୟ ଅଟେ । ଏହି କାର୍ଯ୍ୟରେ ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ପିସି କାରବାର ଥିବାରୁ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇଛନ୍ତି ।

# ଜିଲ୍ଲା ବିଦ୍ୟାଳୟସମୂହ ଅସୀଚାଳନା ପ୍ରତିଯୋଗିତା ଉଦ୍‌ଘାଟିତ

ବଲାଙ୍ଗିର, ୧୨/୧୦ (ନି.ପ୍ର): ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂ ଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସ ଠାରେ ଦିନିକିଆ ଜ଼ିଲ୍ଲା ବିଦ୍ୟାଳୟସମୂହ ଅସିଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗୀର ଜ଼ିଲ୍ଲାର ବିଭିନ୍ନ ସ୍କୁଲ କଲେଜରୁ ୧୦୦ରୁ ଉର୍ଦ୍ଧ୍ୱ ଖେଳାଳି ଏହି ବିଦ୍ୟାଳୟସମୂହ ଅସିଚାଳନା ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏହି ପ୍ରତିଯୋଗିତାରେ ଯେଉଁ ୨୪ ଜଣ ଖେଳାଳି ମନୋନୀତ ହେବେ ସେମାନେ ଆସନ୍ତା ନଭେମ୍ବର ମାସରେ ବଲାଙ୍ଗୀରରେ ହେବାକୁ ଥିବା ରାଜ୍ୟସ୍ତରୀୟ ବିଦ୍ୟାଳୟସମୂହ ଅସିଚାଳନା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜ଼ିଲ୍ଲା ଶାରୀରିକ ଶିକ୍ଷାଅଧିକାରୀ ପ୍ରଦୀପ କୁମାର ପାତ୍ର ସୂଚନା ଦେଇଛନ୍ତି । ଆଜି ମୁଖ୍ୟ ଅତିଥି ଭାବରେ ସୁମିତ ରଞ୍ଜନ ପୁରୋହିତ, ଯୁଗ୍ମ ସମ୍ପାଦକ ରାଜ୍ୟ ଅସିଚାଳନା ସଂଘ, ଓଡିଶା ସଭାପତି ସେବାଶ୍ରୀ ଭୋଇ ଅତିରିକ୍ତ ଜ଼ିଲ୍ଲାଶିକ୍ଷା ଅଧିକାରୀ, ସମ୍ମାନିତ ଅତିଥି ପ୍ରଦୀପ କୁମାର ପାତ୍ର, ଜ଼ିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ, ନରେନ୍ଦ୍ର ମିଶ୍ର, ପ୍ରଧାନ ଶିକ୍ଷକ, ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର, ଶ୍ରୀମତୀ ରଂଜିତା ମିଶ୍ର ବ୍ଲକ ସମ୍ପାଦିକା, ସଇଁତଲା, ବୁଦ୍ଧିରାଜ ବିଶ୍ୱାଳ ଖେଳକୁ ପରିଚାଳନା କରିଥିଲେ । ମିସ ଅନ୍ୱେଷା ରାଉତ, ରୋଶନ ସାହୁ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ଶୁଭଦ୍ରା ବେହେରା, ସାହିଲ କୁମ୍ଭାର, ଶାରୀରିକ ଶିକ୍ଷକ ହେଲେ ପୁରେନ୍ଦ୍ର ସେଠ, ଦେବୀ ପ୍ରସାଦ ରାଉତ, ଖିତେଶ୍ୱର ବିଶ୍ୱାଳ, ସତ୍ୟନାରାୟଣ ପଟେଲ, ବିରାନ୍ଦ୍ର ସୁନା, ସସ୍ମିତା ଗଡତିଆ, ସ୍ୱପ୍ନା ସେଠି, ସୁବେନ୍ଦୁ ମହାନ୍ତି, ରାଧାଗୋବନ୍ଦ ନାଏକ, ଏନ ଏସ ନାଏଡୁ, ନେତ୍ରାନନ୍ଦ ବାଗ ଉପସ୍ଥିତ ଥିଲେ ।

# କେନ୍ଦୁଝରଠାରେ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ

କେନ୍ଦୁଝର, ୧୨/୧୦ (ନି.ପ୍ର): କେନ୍ଦୁଝର ପୌରପାଳିକା କଲ୍ୟାଣ ମଣ୍ଡପରେ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ-୨୦୨୫ ଅତ୍ୟନ୍ତ ଶ୍ରଦ୍ଧା ଏବଂ ଆନନ୍ଦର ସହକାରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉପ-ଜିଲ୍ଲାପାଳ ଶ୍ରୀ ଉମାଶଙ୍କର ଦଳାଇ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ବସନ୍ତ ପାତ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ବିପ୍ଳବ କେଶରୀ ସାମନ୍ତରାୟ ଏବଂ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ଭୁବନେଶ୍ୱରୀ ମହାନ୍ତଙ୍କ ସହିତ ୧୨ଟି ବରିଷ୍ଠ ନାଗରିକ ସଂଗଠନର ପ୍ରତିନିଧି ଏବଂ ସମଗ୍ର ଜିଲ୍ଲାର ପ୍ରାୟ ୧୫୦ରୁ ଅଧିକ ବୟସ୍କ ଅଂଶଗ୍ରହଣକାରୀଙ୍କ ଉପସ୍ଥିତି ଥିଲା । ଏହି ଉତ୍ସବରେ ବରିଷ୍ଠ ନାଗରିକଙ୍କ ମଧ୍ୟରେ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ବୃଦ୍ଧି କରିବା ପାଇଁ ଏକ ଯୋଗ ଶିବିର ଏବଂ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ୯୯ ବର୍ଷୀୟ ବୟସ୍କ ଶ୍ରୀ ରାଜ କିଶୋର ମହାନ୍ତିଙ୍କୁ ତାଙ୍କ ଦୀର୍ଘ ଏବଂ ପ୍ରେରଣାଦାୟକ ଜୀବନର ସ୍ୱୀକୃତି ସ୍ୱରୂପ ସମ୍ବର୍ଦ୍ଧନା କରାଯାଇଥିଲା ହାଟଡ଼ିହି ବ୍ଲକ ଅନ୍ତର୍ଗତ ଓରାଳିର ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଲକ୍ଷ୍ମୀଧର ଓଝାଙ୍କୁ ଦେଶ ପ୍ରତି ତାଙ୍କର ଅମୂଲ୍ୟ ଅବଦାନ ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ତାଙ୍କ ବାସଭବନରେ ସମ୍ମାନିତ କରାଯାଇଥିଲା ।

ଏହି ଅବସରରେ କେନ୍ଦୁଝରସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟର ଦୃଷ୍ଟିହୀନ ଛାତ୍ରଛାତ୍ରୀ ମାନେ ଏକ ସୁମଧୁର ସ୍ୱାଗତ ଗୀତ ଏବଂ ଭକ୍ତିପୂର୍ଣ୍ଣ ଭଜନ ପରିବେଷଣ କରି ଦର୍ଶକଙ୍କୁ ଆନନ୍ଦିତ କରିବା ସହ ବରିଷ୍ଠ ନାଗରିକଙ୍କ ପ୍ରତି ସମ୍ମାନ ପ୍ରଦର୍ଶିତ କରିଥିଲା । କାର୍ଯ୍ୟକ୍ରମଟି ସମ୍ମାନିତ ଅତିଥିମାନଙ୍କ କୃତଜ୍ଞତା ସହିତ ଶେଷ ହୋଇଥିଲା, ଯେଉଁମାନେ ବୟସ୍କ ବ୍ୟକ୍ତିଙ୍କ ଯତ୍ନ ନେବା ଏବଂ ସମାଜ ପ୍ରତି ସେମାନଙ୍କର ଜୀବନବ୍ୟାପୀ ଅବଦାନକୁ ସ୍ୱୀକୃତି ଦେବାର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ।

# କେନ୍ଦୁଝର ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ସିଟିଜେନ ଫୋରମ ତରଫରୁ ସ୍ମାରକପତ୍ର ପ୍ରଦାନ

କେନ୍ଦୁଝର, ୧୨/୧୦ (ନି.ପ୍ର): କେନ୍ଦୁଝର ସିଟିଜେନ ଫୋରମ୍ ତରଫରୁ ମ୍ୟୁନିସିପାଲଟି ଭିତିଭୂମିର ବିକାଶ ସହ ସହରକୁ ସ୍ୱଚ୍ଛ ସୁନ୍ଦର କରି ଗଢିତୋଳିବା ପାଇଁ ପୌରପାଳିକା ଅଧିକାରୀଙ୍କୁ ପ୍ରସ୍ତାବ ସହ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଫୋରମର ସଭାପତି ଡାକ୍ତର ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ବରିଷ୍ଠ ସଦସ୍ୟ ଚକ୍ରଧର ସାହୁ, ରାମ ନାରାୟଣ ଦ୍ୱିବେଦୀ, ଭରତ ଚନ୍ଦ୍ର ପାତ୍ର, କୃଷ୍ଣ ଚନ୍ଦ୍ର ପରିଡା,କେଶବ ଚନ୍ଦ୍ର ମହାନ୍ତି ଗଡ଼ଜାତ ଅମଳର ପୁରାତନ ପୋଖରୀର ପୁନରୁଦ୍ଧାର, ଡ୍ରେନଜ୍ ବ୍ୟବସ୍ଥାର ଉନ୍ନତି ପାଇଁ ମାଷ୍ଟର ପ୍ଲାନ୍ ର ପ୍ରଣୟନ, କ୍ରମବର୍ଦ୍ଧିଷ୍ଣୁ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ଗୁରୁତ୍ୱପୂର୍ଣ୍ଣ ଲାବଣ୍ୟ ଛକ, ସିରାଜକୁଦିନ ଛକ ଓ ଧରଣୀଧର ଭୂୟାଁ ଛକର ସଂପ୍ରସାରଣ, ବସ୍ତି ବାସିନ୍ଦାଙ୍କ ଗୃହ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ, ୯ ନମ୍ବର ୱାର୍ଡ ର ମଦନ କର ଗଳି ଓ ୧୩ ନମ୍ବର ୱାର୍ଡର ନିର୍ମିତ ତୃଟିପୂର୍ଣ୍ଣ ଡ୍ରେନ ର ସଂଶୋଧନ ଓ ଉନ୍ନତିକରଣ ସଂପର୍କରେ ପୌରପାଳିକା ଅଧିକାରୀ ଲଳିତ କୁମାର ନାଏକଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ଏହି ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ରେ ସିଟିଜେନ ଫୋରମ୍ ଦେଇଥିବା ସ୍ୱାଗତଯୋଗ୍ୟ ପ୍ରସ୍ତାବ ଗୁଡିକୁ ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟକାରୀ କରିବା ପାଇଁ ପୌରପାଳିକା ଅଧିକାରୀ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଆଗାମୀ ବର୍ଷରେ କେନ୍ଦୁଝର ମ୍ୟୁନିସିପାଲଟିକୁ ଏକ ଆଦର୍ଶ ଓ ଆଧୁନିକ ସହରରେ ପରିଣତ କରିବାପାଇଁ ପୌରପାଳିକାର ଅଧକ୍ଷା, ଉପାଧକ୍ଷ ଓ ସମସ୍ତ କାଉନସିଲ ର ସଂକଳ୍ପବଦ୍ଧ ହୋଇ ସମ୍ମିଳିତ ଉଦ୍ୟମ ଆରମ୍ଭ କରିଥିବାରୁ ସିଟିଜେନ ଫୋରମ୍ ତରଫରୁ ଉଚ୍ଚ ପ୍ରଶଂସା କରାଯାଇଥିଲା ।

# ଯୁବକ ଯୁବତୀ ନିଖୋଜ

ଜୟପୁର, ୧୨/୧୦ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ କାଳିଆ ଗାଁ ର ଜଣେ ଯୁବତୀ ଯୁବକ ନିଖୋଜ ହୋଇଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି । ଯୁବକର ବୟସ ୨୦ ହୋଇଥିବା ବେଳେ ଯୁବତୀର ବୟସ ୧୯ ହେବ । ଏନେଇ ଯୁବତୀର ପରିବାର ତରଫରୁ ଜୟପୁର ସଦର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତି କରି ସଦର ପୋଲିସ ୩୧ରେ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ସଦର ପୋଲିସ ତରଫରୁ ସୂଚନା ଦିଆଯାଇଛି ।

# ବିଜେଡି ବ୍ଲକ ସଭାପତିଙ୍କ ଅଧ୍ୟକ୍ଷତାରେ ଦଳୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ

କେନ୍ଦୁଝର, ୧୨/୧୦ (ନି.ପ୍ର): ଝୁମ୍ପୁରା ବ୍ଲକ ଗୁମୁରା ପଂଚାୟତ ଠାରେ ବିଜେଡି ବ୍ଲକ ସଭାପତି ଡମ୍ବରୁଧ ୟରୁଧର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି ବିଜେଡି କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମରେ ନାରଦପୁର, ନିଶ୍ଚିନ୍ତପୁର ଏବଂ ଗୁମୁରା ପଂଚାୟତ ଗୁଡିକରୁ ବିଜେଡି କର୍ମୀ ଉପସ୍ଥିତ ରହିଥିଲେ । ଏହା ବ୍ୟତୀତ ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ଜିଲ୍ଲା ସଭାପତି ମାଧବ ସର୍ଦାର, ବରିଷ୍ଠ ଉପସଭାପତି ପ୍ରମୋଦ ପଟ୍ଟନାୟକ, ବ୍ଲକ ଚେୟାରମ୍ୟାନ ମାଳତୀ ନାଏକ, ଗୁମୁରା ସରପଂଚ ତପନ ନାଏକ, ନାରଦପୁର ପଂଚାୟତ ସଭାପତି ଅଖିଳ ଚନ୍ଦ୍ର ବାରିକ, ନାରଦପୁର ସମିତି ସଭ୍ୟ ଅଯୋଧା ନାଏକ, ନିମାଇଁ ମହାନ୍ତି, ଅମିତ ବାରିକ, ଶିବନାଥ ସର୍ଦାର, ନିଶ୍ଚିନ୍ତପୁର ପଂଚାୟତ ପୂର୍ବତନ ସରପଂଚ ଜ୍ଞାନ ମୁଣ୍ଡା, ରୟା ମହାନ୍ତୁ ନବୀନ ମହାକୁଡ଼ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଦଳୀୟ ନେତୃବର୍ଗଙ୍କୁ ସହଯୋଗ ଅକ୍ଷୁର୍ଣ୍ଣ ରଖିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

# ଭୁଲ୍ ସମୟରେ ଖାଇଲେ ସ୍ୱାସ୍ଥ୍ୟ ଉପରେ ପଡ଼େ ପ୍ରଭାବ : ଜାଣନ୍ତୁ , ଲଞ୍ଚ୍ ଏବଂ ଡିନର୍ ଭିତରେ କେତେ ସମୟର ଅନ୍ତର ରହିବା ଦରକାର ?



ଯେମିତି ପୁଷ୍ଟିକର ଖାଦ୍ୟ ଆମ ଶରୀରକୁ ହେଲଦି ରଖିବାରେ ସାହାଯ୍ୟ କରେ ଠିକ୍ ସେମିତି ଆପଣଙ୍କ ଖାଇବା ସମୟ ମଧ ଆପଣଙ୍କ ସୁସ୍ଥ ଜୀବନଚର୍ଯ୍ୟାକୁ ସନ୍ତୁଳନ ରଖିବାର କାମ କରେ। ଆପଣ କେତେବେଳେ , କେଉଁ ସମୟରେ ଖାଦ୍ୟ ଖାଉଛନ୍ତି ଏବଂ ଲଞ୍ଚ୍ - ଡିନର୍ ଭିତରେ କେତେ ସମୟର ଅନ୍ତରାଳ ରହିବା ଦରକାର ଏହା ଆପଣ ଜାଣିବା ନିହାତି ଦରକାର । ଅନେକ ଲୋକ ଏ ଉପରେ ଧ୍ୟାନ ଦେଉନଥିବା ବେଳେ ଏ ସମ୍ବନ୍ଧରେ ଜାଣିବା ନିହାତି ଦରକାର।

ଲଞ୍ଚ୍ ଏବଂ ଡିନର୍ ଭିତରେ ୪ ରୁ ୬ ଘଣ୍ଟା ସମୟର ଅନ୍ତର ରହିବା ଦରକାର । ଏହା ଆପଣଙ୍କ ପାଚନ ତନ୍ତ୍ର ଠିକ୍ କରିବା ସହ ଭୋଜନକୁ ହଜମ କରାଇବାରେ ସହାୟକ ହୁଏ। ଅଧିକ ସକ୍ରିୟ ଥିବା ଲୋକ କମ୍ ସମୟର ଅନ୍ତରରେ ଖାଦ୍ୟ ଖାଇବା ଉଚିତ୍ ଅନ୍ୟପକ୍ଷେ ଯେଉଁ ଲୋକଙ୍କ କ୍ଷେତ୍ରରେ ନିଷ୍କ୍ରିୟତା ଦେଖାଯାଏ ସେମାନେ ଅଧିକ ସମୟର ଅନ୍ତରାଳ ନେବା ଆବଶ୍ୟକ। ଲଞ୍ଚ୍ ଏବଂ ଡିନର୍ ଭିତରେ ଅନ୍ତର ନ ରହିବାଦ୍ୱାରା ଓଜନ ବଢ଼ିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ । ଏହାଦ୍ୱାରା ଶରୀରରେ କ୍ୟାଲୋରୀ ଜମେ ଏବଂ ଓଜନ ବଢ଼େ । ସମୟ ନଦେଇ ଲଗାତାର



ଖାଇବା ଦ୍ୱାରା ପାଚନତନ୍ତ୍ରରେ ଏହାର ପ୍ରଭାବ ପଡ଼େ । ଯାହାଦ୍ୱାରା କୋଷ୍ଠକାଠିନ୍ୟ , ଏସିଡିଟି ଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ । ଲଗାତାର ଖାଇବା ଦ୍ୱାରା ଆପଣ ସବୁବେଳେ ଥକ୍କାପଣ ଅନୁଭବ କରିବେ । ରାତିରେ ବିଳମ୍ବରେ ଖାଇବା ଦ୍ୱାରା ଆପଣଙ୍କ ନିଦରେ ମଧ ବ୍ୟାଘାତ ହୁଏ । ଏହିସବୁ ସମସ୍ୟାରୁ ଉପସମ ପାଇବାକୁ ଚାହୁଁଥିଲେ ଏକ ନିର୍ଦ୍ଧିଷ୍ଟ ସମୟକୁ ଚୟନ କରନ୍ତୁ ଏବଂ ସେହି ସମୟରେ ହିଁ ଲଞ୍ଚ୍ ଏବଂ ଡିନର୍ କରନ୍ତୁ । ଅଧିକ ସମୟ ଅନ୍ତର ହେଉଥିଲେ ହାଲକା ଜଳଖିଆ କିମ୍ବା ସ୍ନାକ୍ସ ଖାଆନ୍ତୁ । ସବୁବେଳେ ରାତ୍ରିଭୋଜନ ହାଲକା ଏବଂ ସନ୍ତୁଳନ ରଖିବାକୁ ଚେଷ୍ଟା କରନ୍ତୁ । ଯେଉଁଥିରେ ଫାଇବର୍ ଏବଂ ପ୍ରୋଟିନର ମାତ୍ରା ଅଧିକ ଥିବ। ଶୋଇବାର ୨ ରୁ ୩ ଘଣ୍ଟା ପୂର୍ବରୁ ଖାଦ୍ୟ ଖାଆନ୍ତୁ ନାହିଁ । ପ୍ରଚୁର ମାତ୍ରାରେ ପାଣି ପିଅନ୍ତୁ ଏହା ଆପଣଙ୍କ ପାଚନତନ୍ତ୍ରକୁ ସୁସ୍ଥ ରଖିବାରେ ସହାୟ ହୁଏ ।

ସୁସ୍ଥ ଶରୀର ପାଇବାକୁ ହେଲେ ଆବଶ୍ୟକ ପଡ଼େ ସୁସ୍ଥ ଖାଦ୍ୟର ଆଉ ଏହି ସୁସ୍ଥ ଖାଦ୍ୟ ଜନ୍ମ ନିଏ ସବୁଜ ପରିବାରୁ । ପିଲାଟି ବେଳରୁ ଆମେ ପାଠ ବହିରେ ପଢିଆସିଛେ ତଟକା ପରିବା ଖାଇବା , ସୁସ୍ଥ ଆମେ ରହିବା । ସବୁଜ ତଟକା ପରିବା ଖାଇବାକୁ ଡାକ୍ତର ମଧ ପରାମର୍ଶ ଦେଇଥାନ୍ତି । କୋବି , ବିନ୍ , ମଟର , କଞ୍ଚା କଦଳୀ ଆଦି ଅନେକ ପରିବା ଆମ ଶରୀରକୁ ବଳ ଯୋଗାଇବାର କାମ କରନ୍ତି । ଏହିସବୁ ପରିବା ଖାଇବା ଦ୍ୱାରା ଅନେକ ରୋଗରୁ ମଧ ଉପସମ ମିଳିଥାଏ । କିନ୍ତୁ କ'ଣ ଆପଣ ଜାଣନ୍ତି କି ଏହି ପରିବାର ଫୁଲ ମଧ ଦେହପାଇଁ କେତେ ଉପଯୋଗୀ । ଆମେ ଏଠାରେ କଞ୍ଚା କଦଳୀର କଥା କହୁଛୁ ଆଜ୍ଞା , କଦଳୀର ଉପକାରିତା ବିଷୟରେ ଆମେ ଆପଣଙ୍କୁ ଆଗରୁ କହିସାରିଛୁ । କିନ୍ତୁ କଦଳୀ ଫୁଲ ମଧ ଶରୀର ପାଇଁ ସଞ୍ଜୀବନୀର କାମ କରେ ଏଭଳି କହିଲେ ମଧ ଭୁଲ୍ ହେବନାହିଁ । କଦଳୀଫୁଲରେ ଫାଇବର୍ , ପ୍ରୋଟିନ୍ , ଭିଟାମିନ୍- ଏ , ଭିଟାମିନ୍-ସି , ଫସଫରସ୍ , ପୋଟାସିୟମର ମାତ୍ରା ମିଳିଥାଏ । ଯାହା ଖାଇବାଦ୍ୱାରା ଡାଏବେଟିସ୍ କଣ୍ଟ୍ରୋଲରେ ରହିବା ସହ ଶରୀରରୁ ଗ୍ଳୁକୋଜ୍ ସ୍ତର ମଧ କମ୍ ହୋଇଥାଏ । ଏହାଦ୍ୱାରା ବ୍ଲଡସୁଗାର୍ ମଧ କଣ୍ଟ୍ରୋଲକୁ ଆସିଥାଏ । କଦଳୀଫୁଲର କାଢା ମଧ ସେବନ କରାଯାଏ । କଦଳୀଫୁଲ କିଡନୀ ରୋଗୀଙ୍କ ପାଇଁ ମଧ ବହୁତ ଭଲ ହୋଇଥାଏ । ଏଥିରେ ଥିବା ନେଫ୍ରୋପ୍ରୋଟେକ୍ଟିଭ୍ ଗତିବିଧି କିଡନୀକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ । ଏହାଦ୍ୱାରା କିଡନୀ ଷ୍ଟୋନ୍ ସମସ୍ୟା ମଧ ଦୂର ହୁଏ । ଯଦି ଆପଣ ନିଜ ଖାଦ୍ୟରେ ନିୟମିତ କଦଳୀ ଫୁଲର ସେବନ କରୁଛନ୍ତି ତାହେଲେ ଏହା ଆପଣଙ୍କ ଓଜନ କମାଇବାରେ ମଧ ସହାୟକ ହେବ । ଏଥିରେ ଥିବା ଫାଇବରର ମାତ୍ରା ଲମ୍ବା ସମୟ ପର୍ଯ୍ୟନ୍ତ ଭୋକ ନ କରାଇବା ହେଉଛି ଓଜନ କମାଇବା ପଛର ରହସ୍ୟ । ଏଥିପାଇଁ କଦଳୀଫୁଲର କାଢା , ତରକାରୀ କିମ୍ବା ସୁପ୍ ପ୍ରସ୍ତୁତ କରି ଆପଣ ଖାଇପାରିବେ । କଦଳୀଫୁଲର ସେବନ ଦ୍ୱାରା ଆପଣ ହାଇ-ବ୍ଲଡପ୍ରେସରକୁ ବି କଣ୍ଟ୍ରୋଲରେ ଆଣିପାରିବେ । ଏହା ଆଣ୍ଟି- ଡାଇପରଟେନ୍ସିଭ୍ ଭଳି କାମ କରୁଥିବାରୁ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ

# ହାନିକାରକ DIY ସ୍କିନ୍‌କେୟାର: ଚେହେରାରେ କେବେ ବି ଲଗାନ୍ତୁ ନାହିଁ ରୋଷେଇ ଘରେ ଥିବା ଏହି ୫ଟି ଜିନିଷ





**ଆମର ଚର୍ମ ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ଏହାର ଯତ୍ନ ନେବା ପାଇଁ ସଠିକ୍ ଉପାୟ ଜାଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅନେକ ସମୟରେ ଲୋକମାନେ ଘରୋଇ ଉପଚାର ବା ଡିଓଆଇ ସ୍କିନ୍‌କେୟାର ଉପରେ ଅଧିକ ନିର୍ଭର କରନ୍ତି । ରୋଷେଇ ଘରେ ଥିବା କିଛି ଜିନିଷ ଚର୍ମ ପାଇଁ ଭଲ ବୋଲି କୁହାଯାଏ, କିନ୍ତୁ ସବୁ ଜିନିଷ ଚର୍ମ ପାଇଁ ଉପଯୁକ୍ତ ନୁହେଁ। ବାସ୍ତବରେ, କିଛି ରୋଷେଇ ଘର ସାମଗ୍ରୀ ଚେହେରାରେ ଲଗାଇବା ଦ୍ୱାରା ଲାଭ ପରିବର୍ତ୍ତେ କ୍ଷତି ହୋଇପାରେ ଏବଂ ଚର୍ମର ସବୁଠାରୁ ବଡ଼ ଶତ୍ରୁ ପାଲଟି ପାରେ। ଆସନ୍ତୁ ଜାଣିବା ଏହିପରି ୫ଟି ଜିନିଷ ବିଷୟରେ, ଯାହାକୁ ଆପଣ ଚେହେରାରେ କେବେ ବି ଲଗାଇବା ଉଚିତ୍ ନୁହେଁ।**

ଲେମ୍ବୁ ରସ : ଲେମ୍ବୁରେ ଭିଟାମିନ୍ ସି ଭରପୂର ମାତ୍ରାରେ ଥାଏ ଏବଂ ଏହାକୁ ଏକ ପ୍ରାକୃତିକ ବ୍ଲିଚିଂ ଏଜେଣ୍ଟ ଭାବରେ ଦେଖାଯାଏ । ଅନେକ ଲୋକ ଦାଗ ହଟାଇବା, ଚର୍ମକୁ ଉଜ୍ଜ୍ୱଳ କରିବା ପାଇଁ ଲେମ୍ବୁ ରସକୁ ସିଧାସଳଖ ଚେହେରାରେ ଲଗାନ୍ତି । କିନ୍ତୁ ଲେମ୍ବୁ ଅତ୍ୟଧିକ ଏସିଡିକ୍ ହୋଇଥିବାରୁ ଏହା ଚର୍ମର ପ୍ରାକୃତିକ ପିଏଚ ସ୍ତରକୁ ନଷ୍ଟ କରିପାରେ । ଏହା ଚର୍ମରେ ଜ୍ୱଳନ, ଶୁଷ୍କତା, ଲାଲିମା ଏବଂ ସୂର୍ଯ୍ୟ କିରଣ ପ୍ରତି ଅଧିକ ସମ୍ବେଦନଶୀଳତା ସୃଷ୍ଟି କରିଥାଏ । ଫଳରେ ଚର୍ମରେ କଳା ଦାଗ ବଢ଼ିପାରେ, ଯାହାକୁ ଫାଇଟୋଫୋଟୋଡର୍ମାଟାଇଟିସ୍ କୁହାଯାଏ ।

ବେକିଂ ସୋଡା : ବେକିଂ ସୋଡାକୁ ଏକ ଏକ୍ସଫୋଲିଏଣ୍ଟ ଭାବରେ ବ୍ୟବହାର କରିବାକୁ ଅନେକ ଲୋକ ପରାମର୍ଶ ଦିଅନ୍ତି । ଏହାର କ୍ଷାରୀୟ ଗୁଣ ଚର୍ମର ସାମାନ୍ୟ ଏସିଡିକ୍ ପିଏଚ ସହିତ ମେଳ ଖାଏ ନାହିଁ । ବେକିଂ ସୋଡା ଚର୍ମର ପ୍ରାକୃତିକ ତେଲ ସ୍ତରକୁ ନଷ୍ଟ କରିଦିଏ, ଯାହା ଚର୍ମର ପ୍ରତିରକ୍ଷା ପ୍ରଣାଳୀକୁ ଦୁର୍ବଳ କରିଥାଏ। ଏହା ଚର୍ମକୁ ଶୁଷ୍କ, ଖରଖରା କରିବା ସହ ବ୍ରଣ ଏବଂ ସଂକ୍ରମଣର ଆଶଙ୍କା ବଢ଼ାଇଥାଏ।

ଗରମ ମସଲା : କିଛି ମସଲା, ଯେପରିକି ଡାଲଚିନି ବା ଲବଙ୍ଗକୁ ଚର୍ମ ପାଇଁ ଲାଭଦାୟକ ବୋଲି ଭାବି କିଛି ଲୋକ ଫେସ ମାସ୍କରେ ବ୍ୟବହାର କରନ୍ତି । ଡାଲଚିନିରେ ସିନ୍ନାମାଲଡିହାଇଡ୍ ଥାଏ, ଯାହା ଅନେକ ଲୋକଙ୍କ ଚର୍ମରେ ଜ୍ୱଳନ, ଲାଲିମା, ଏବଂ ଆଲର୍ଜି ପ୍ରତିକ୍ରିୟା ସୃଷ୍ଟି କରିପାରେ । ଏହା ବିଶେଷ ଭାବରେ ସମ୍ବେଦନଶୀଳ ଚର୍ମ ପାଇଁ ଅତ୍ୟନ୍ତ ହାନିକାରକ ହୋଇଥାଏ।

ଭିନେଗାର : ସେଓ ସାଇଡର ଭିନେଗାରକୁ ବ୍ରଣ ଏବଂ ଦାଗ ପାଇଁ ଏକ ପ୍ରାକୃତିକ ଉପଚାର ଭାବରେ ବ୍ୟବହାର କରାଯାଏ। ଲେମ୍ବୁ ପରି, ଭିନେଗାର ମଧ ଅତ୍ୟଧିକ ଏସିଡିକ୍ । ସିଧାସଳଖ ଚର୍ମରେ ଏହାକୁ ଲଗାଇବା ଦ୍ୱାରା ଚର୍ମର ପ୍ରାକୃତିକ ସୁରକ୍ଷା ବାଧାପ୍ରାପ୍ତ ହୁଏ, ଯାହା ଶୁଷ୍କତା, ଜ୍ୱଳନ ଏବଂ ଲାଲିମା ସୃଷ୍ଟି କରେ। ଏହା ଚର୍ମକୁ ପୋଡ଼ି ଦେବାର ସମ୍ଭାବନା ମଧ ଥାଏ ।

ଟୁଥପେଷ୍ଟ : ବ୍ରଣ ଶୁଖାଇବା ପାଇଁ ଟୁଥପେଷ୍ଟ ଲଗାଇବା ଏକ ପୁରୁଣା ଘରୋଇ ଉପଚାର । ଟୁଥପେଷ୍ଟରେ ଥିବା ମେନ୍ଥଲ, ଆଲକୋହଲ, ଏବଂ ଅନ୍ୟ ରାସାୟନିକ ପଦାର୍ଥ ଚର୍ମ ପାଇଁ ଅତ୍ୟନ୍ତ କ୍ଷତିକାରକ ହୋଇଥାଏ। ଏହା ବ୍ରଣକୁ ଶୁଖାଇବା ପରିବର୍ତ୍ତେ, ଚର୍ମରେ ଜ୍ୱଳନ, ଲାଲିମା, ଏବଂ ଦାଗ ସୃଷ୍ଟି କରିଥାଏ । ଏହା ଚର୍ମକୁ ଅତ୍ୟଧିକ ଶୁଷ୍କ କରିଦିଏ ଏବଂ ଚର୍ମର ପ୍ରତିରକ୍ଷା କ୍ଷମତାକୁ କମାଇଦିଏ ।

ସଠିକ୍ ଯତ୍ନ ଗୁରୁତ୍ୱପୂର୍ଣ୍ଣ: ଚର୍ମର ଯତ୍ନ ନେବା ପାଇଁ ସର୍ବଦା ଚର୍ମର ପ୍ରକାର ଏବଂ ସମ୍ବେଦନଶୀଳତାକୁ ଧ୍ୟାନରେ ରଖିବା ଉଚିତ୍। ଯଦି ଆପଣ ଘରୋଇ ଉପଚାର ବ୍ୟବହାର କରିବାକୁ ଚାହୁଁଛନ୍ତି, ତେବେ ସେଗୁଡ଼ିକୁ ଚର୍ମ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ବ୍ୟବହାର କରନ୍ତୁ କିମ୍ବା ଏହାକୁ ପ୍ରଥମେ ଚେହେରାର ଏକ ଛୋଟ ଅଂଶରେ ଲଗାଇ ପରୀକ୍ଷା କରନ୍ତୁ। ଚର୍ମ ସମ୍ବନ୍ଧୀୟ କୌଣସି ସମସ୍ୟା ପାଇଁ ସର୍ବଦା ଜଣେ ଡର୍ମାଟୋଲୋଜିଷ୍ଟଙ୍କ ପରାମର୍ଶ ନେବା ଉଚିତ୍ । ନିଜ ମନମୁତାବକ ରୋଷେଇ ଘର ସାମଗ୍ରୀ ବ୍ୟବହାର କରି ଆପଣ ନିଜ ଚର୍ମକୁ ହାନି ପହଞ୍ଚାଇ ପାରନ୍ତି ।

# ଏକୁଟିଆପଣ ନେଉଛି ଜୀବନ: ପ୍ରତିଘଣ୍ଟାରେ ଯାଉଛି ୧୦୦ଜଣଙ୍କ ଜୀବନ

ପୃଥିବୀର ଜନସଂଖ୍ୟା ୮୦୦ କୋଟିରେ ପହଞ୍ଚିଲାଣି । ତଥାପି ଆପଣ ବିଶ୍ୱାସ କରୁଛନ୍ତି କି, ପ୍ରତି ୬ ଜଣରେ ଜଣେ ଏକୁଟିଆପଣ ପାଇଁ ମୃତ୍ୟୁ ମୁଖରେ ପଡୁଛନ୍ତି । ଆଜିକାଲି ବ୍ୟସ୍ତବହୁଳ ଜୀବନଶୈଳୀରେ କାହା ପାଖରେ କାହା ପାଇଁ ସମୟ ନାହିଁ । ସକାଳୁ ଉଠି ରାତି ପର୍ଯ୍ୟନ୍ତ ସମସ୍ତେ କେବଳ ଧାଉଁଛନ୍ତି । ପରସ୍ପରକୁ ଟପିବାର ପ୍ରତିଯୋଗିତାରେ ପରସ୍ପରକୁ ହିଁ ଭୁଲି ଯାଉଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ପ୍ରକାଶ ପାଇଥିବା ରିପୋର୍ଟରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି । ୮୦୦ କୋଟି ଟପିଲାଣି ବିଶ୍ୱ ଜନସଂଖ୍ୟା, ତଥାପି କିଛି ମଣିଷ ଆଜି



ଏକୁଟିଆ। ଘରଠୁ ନେଇ ରାସ୍ତାଘାଟ, ଅଫିସ, ସାଙ୍ଗସାଥିଙ୍କ ସହ ଖଟି ପରେ ବି କିଛି ମଣିଷ ଆଜି ନିଃସ୍ୱ । ଏକଥା ଆମେ କହୁନୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଗବେଷଣାରୁ ସାମ୍ନାକୁ ଆସିଛି ଏଭଳି ଚିନ୍ତାଜନକ ତଥ୍ୟ । ରିପୋର୍ଟ ଅନୁଯାୟୀ ଏକ ଘଣ୍ଟାରେ ୧୦୦ ଜଣଙ୍କ ଜୀବନ ନେଉଛି ଏହି ଲୋନ୍‌ଲିନେସ୍ ବା ଏକୁଟିଆପଣ । ଏହି ସମସ୍ୟା ସବୁ ବୟସର ଲୋକଙ୍କୁ ପ୍ରଭାବିତ କରିଥାଏ । ବିଶେଷ କରି ଯୁବବର୍ଗ ଏବଂ ନିମ୍ନ ମଧ୍ୟମ ଆୟ ଦେଶରେ ଏଭଳି ସମସ୍ୟା ଅଧିକ ଦେଖିବାକୁ ମିଳେ । ୩ ଜଣ ବୟସ୍କଙ୍କ ମଧ୍ୟରୁ ଜଣଙ୍କୁ ଏବଂ ୪ ଜଣ କିଶୋରଙ୍କ ମଧ୍ୟରୁ ଜଣଙ୍କୁ ପ୍ରଭାବିତ କରୁଛି ଏକୁଟିଆପଣ ।

# କେମିତି ଚିହ୍ନିବେ ନକଲି ମସଲା : ଜାଣିରଖନ୍ତୁ କେତୋଟି ସହଜ ଉପାୟ...

**ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ମସଲାରେ ମଧ ଅପମିଶ୍ରଣ କରାଯାଉଛି, ଯାହା ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ତେଣୁ ନକଲି ମସଲା କିପରି ଚିହ୍ନିବେ ଜାଣିରଖନ୍ତୁ କେତୋଟି ସହଜ ଉପାୟ...**




ଯଦି ପ୍ୟାକେଟ୍ ନ ଆଣି ଖୋଲାରେ ଲଙ୍କାଗୁଣ୍ଡ ଆଣିଛନ୍ତି ତେବେ ତାହା ଅସଲି କି ନୁହେଁ ଜାଣିବା ଲାଗି ଏକ ଗ୍ଲାସ୍ ପାଣି ନିଅନ୍ତୁ। ସେଥିରେ ୧ ଚାମଚ ଲଙ୍କାଗୁଣ୍ଡ ପକାନ୍ତୁ। ଯଦି ତାହା ତୁରନ୍ତ ପାଣିରେ ଗ୍ଲାସ୍‌ର ତଳ ଭାଗକୁ ବସିଯାଉଛି ତେବେ ତାହା ନକଲି। କାରଣ ଅସଲି ଲଙ୍କାଗୁଣ୍ଡ କିଛି ସମୟ ପାଣିରେ ଭାସିବା ପରେ ଧୀରେ ଧୀରେ ତଳକୁ ବସିଥାଏ। ଠିକ୍ ସେହିପରି ହଳଦୀଗୁଣ୍ଡ ଅସଲି କି ନକଲି ଯାଞ୍ଚ କରିପାରିବେ। ୧ କାଚ ଗ୍ଲାସ୍‌ରେ ପାଣି ନିଅନ୍ତୁ ଏବଂ ସେଥିରେ ୧ ଚାମଚ ହଳଦୀଗୁଣ୍ଡ ପକାନ୍ତୁ। ଯଦି ହଳଦୀଗୁଣ୍ଡ କିଛି ସମୟ ଭାସି ଧୀରେ ଧୀରେ ତଳକୁ ଯିବ ଏବଂ ପାଣି ଫିକା ହଳଦୀ ରଙ୍ଗ ଦେଖାଯିବ ତେବେ ତାହା ଅସଲି ବୋଲି ଜାଣିବେ। ଯଦି ପାଣିରେ ପକାଇବା ମାତ୍ରେ ହଳଦୀଗୁଣ୍ଡ ତଳକୁ ବସିଯିବ ଏବଂ ପାଣିର ରଙ୍ଗ ଗାଢ଼ ହଳଦିଆ ଦିଶିବ ତେବେ ତାହା ନକଲି। ଖରାପ ଜିରା ଉପରେ ରଙ୍ଗ କିମ୍ବା ପ୍ରିଜର୍ଭେଟିଭ ଭଳି ଜିନିଷ ମିଶାଯାଇ ଅଧିକ ଦିନ ରଖାଯାଉଛି। ତେଣୁ ଜିରାରେ ମିଶ୍ରଣ ଅଛି କି ନାହିଁ ଜାଣିବା ପାଇଁ କିଛି ଜିରା ନେଇ ଦୁଇ ହାତରେ ରଗଡ଼ନ୍ତୁ, ଯଦି ତାହା ସେହିପରି ରହିବ ଏବଂ ପାପୁଲିରେ କିଛି ନ ଲାଗିବ ତେବେ ତାହା ଅସଲି। ହେଲେ ଯଦି ପାପୁଲିରେ କଳା କିମ୍ବା ମାଟିଆ ରଙ୍ଗର ଧୂଳି ଲାଗିବ ତେବେ ତାହା ନକଲି। ଏକ ଗିନାରେ ପାଣି ନେଇ ଗୋଲମରିଚ ଗୁଣ୍ଡ ପକାନ୍ତୁ। ଅସଲି ଗୋଲମିରିଚ ପାଣିରେ ବୁଡ଼ିଯାଉଥିବା ବେଳେ ନକଲି ପାଣିରେ ଭାସିବ। ଗ୍ୟାସ୍ ଚୁଲା ଅନ୍ କରି ଏହି ଚାମଚ ଦେଖାନ୍ତୁ। ଯଦି ନିଆଁ ସଂସ୍ପର୍ଶରେ ଆସୁ ଆସୁ ଚାମଚରେ ଥିବା ହେଙ୍ଗୁ ଜଳିଯାଏ ତେବେ ଜାଣିବେ ଏହା ଅସଲି ଏବଂ ଠିକ୍ ଭାବେ ନ ଜଳିଲେ ଜାଣିବେ ତାହା ନକଲି।

# ପାଟିରେ ବାରମ୍ବାର ଘା' ହେବା, ପେଟ ସମସ୍ୟା ନା' ଆଉ କ'ଣ ? କ'ଣ କୁହନ୍ତି ଡାକ୍ତର ?

ଏମ୍ସର ଗ୍ୟାଷ୍ଟ୍ରୋଲୋଜି ବିଭାଗର ପୂର୍ବତନ ଡାକ୍ତର ଅନନ୍ୟ ଗୁପ୍ତା କୁହନ୍ତି ଯେ ଯଦି ଆପଣଙ୍କ ଶରୀରର ରୋଗ ପ୍ରତିରୋଧକ କ୍ଷମତା ଅର୍ଥାତ ଇମ୍ୟୁନ୍ ସିଷ୍ଟମ ଦୁର୍ବଳ ଅଛି ତେବେ ଏହା ବାରମ୍ବାର ଘା' ହେବାର ଏକ ବଡ଼ କାରଣ ହୋଇପାରେ । କିଛି ଅଟୋଇମ୍ୟୁନ୍ ରୋଗ ଯେପରିକି ଲୁପସ୍ କିମ୍ବା ବେହଚେଟ୍ ସିଣ୍ଡ୍ରୋମ୍ ଯାହା ଏକ ବିରଳ କିନ୍ତୁ ଗମ୍ଭୀର ଅଟୋଇମ୍ୟୁନ୍ ଏବଂ ଇନଫ୍ଲାମେଟୋରୀ ରୋଗ ଯାହା ଶରୀରର ରକ୍ତନଳୀଗୁଡ଼ିକରେ (ବ୍ଲଡ୍ ଭେସେଲ୍ସ) ପ୍ରଦାହ (inflammation) ସୃଷ୍ଟି କରେ । ଏହି ରୋଗ ଶରୀରର ଅନେକ ଅଂଶକୁ ଏକ ସମୟରେ ପ୍ରଭାବିତ କରିପାରେ - ଯେପରିକି ମୁହଁ, ଆଖି, ଚର୍ମ, ଯୌନାଙ୍ଗ, ଗଣ୍ଠି ଏବଂ ବେଳେବେଳେ ମସ୍ତିଷ୍କ ଓ ପାଚନ ତନ୍ତ୍ର । ଅଟୋଇମ୍ୟୁନ୍ ରୋଗ ମଧ ବାରମ୍ବାର ମୁହଁରେ କ୍ଷତ କିମ୍ବା ଘା'ର କାରଣ ହୋଇପାରେ । ଏହା ସହିତ ଲଗାତାର ଥକ୍କା ଲାଗିବା, ଦୁର୍ବଳତା କିମ୍ବା ବାରମ୍ବାର ଅସୁସ୍ଥ ହେବା ମଧ ଏହି ଅସୁବିଧାର ସଙ୍କେତ ହୋଇପାରେ । ଯେତେବେଳେ ପେଟରେ ଗ୍ୟାସ୍, କୋଷ୍ଠକାଠିନ୍ୟ କିମ୍ବା ଏସିଡିଟି ବାରମ୍ବାର ହୁଏ ସେତେବେଳେ ଏହାର ପ୍ରଭାବ ମୁହଁର ସ୍ୱାସ୍ଥ୍ୟ ଉପରେ ମଧ ପଡ଼େ । ଅଧିକ ଏସିଡ୍ ସୃଷ୍ଟି ହେବା ଦ୍ୱାରା ଶରୀରରେ ଗରମ ବଢ଼ିଥାଏ ଯେଉଁଥିପାଇଁ ମୁହଁରେ ଜ୍ୱାଳା ଏବଂ ଘା' ହୋଇପାରେ । ଭୁଲ୍ ଖାଦ୍ୟପେୟ, ବିଳମ୍ବରେ ଖାଇବା ଏବଂ ମସଲାଯୁକ୍ତ ଖାଦ୍ୟ ଏହାର ମୁଖ୍ୟ କାରଣ ହୋଇପାରେ । ଦୀର୍ଘ ସମୟ ଧରି ଲାଗି ରହିଥିବା ପାଚନ ସମସ୍ୟା ମଧ ମୁହଁରେ ଘା'କୁ ବାରମ୍ବାର ବାହାରିବାର କାରଣ ହୋଇପାରେ



। ଭିଟାମିନ୍ ଇ୧୨ , ଆଇରନ୍ ଏବଂ ଫୋଲିକ୍ ଏସିଡର ଅଭାବ ମଧ ମୁହଁରେ ବାରମ୍ବାର ଘା' ହେବାର ଏକ ବଡ଼ କାରଣ ହୋଇଥାଏ । ଯେତେବେଳେ ଶରୀରକୁ ଆବଶ୍ୟକ ପୋଷକ ତତ୍ତ୍ୱ ମିଳେ ନାହିଁ, ସେତେବେଳେ ଟିସୁଗୁଡ଼ିକର ମରାମତି କମ୍ ହୋଇଯାଏ । ଯେଉଁଥିପାଇଁ ଘା' ଶୀଘ୍ର ଭଲ ହୁଏ ନାହିଁ ଏବଂ ବାରମ୍ବାର ସମସ୍ୟା ଉପୁଜିପାରେ । ଯଦି ଘା' ଏକରୁ ଦୁଇ ସପ୍ତାହ ମଧ୍ୟରେ ଠିକ୍ ହେଉନାହିଁ କିମ୍ବା ବାରମ୍ବାର ଗୋଟିଏ ସ୍ଥାନରେ ହେଉଛି ବା ଖାଇବା ପିଇବାରେ ଅସୁବିଧା ହେଉଛି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ବେଳେବେଳେ ଏହା ମୁଖ କର୍କଟ କିମ୍ବା ଗମ୍ଭୀର ସଂକ୍ରମଣର ମଧ ସଙ୍କେତ ହୋଇପାରେ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୩ ଅକ୍ଟୋବର ୨୦୨୫, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭାରତୀୟ ନ୍ୟାୟ ବ୍ୟବସ୍ଥା: ମାମଲା ବିଚାରରେ ଅହେତୁକ ବିଳମ୍ବ

'ନ୍ୟାୟରେ ବିଳମ୍ବ ଅର୍ଥ ନ୍ୟାୟର ପ୍ରତ୍ୟାଖ୍ୟାନ।' ଦୀର୍ଘ ସମୟ ଧରି ମାମଲା ଗୁଡ଼ିକର ନିଷ୍ପତ୍ତି ନ ହେବା ଅନେକ ସମୟରେ ଲୋକଙ୍କୁ ଅଦାଲତର ଦ୍ୱାରସ୍ଥ ହେବାରୁ ନିବୃତ୍ତ କରିଥାଏ । ଭାରତ ପାଇଁ ଏହା ଏକ ଚିରନ୍ତନ ସମସ୍ୟା ହୋଇ ରହିଆସିଛି, କିନ୍ତୁ ବର୍ତ୍ତମାନ ଏହାର ପରିସର ଅତ୍ୟନ୍ତ ଚିନ୍ତାଜନକ ସ୍ତରରେ ପହଞ୍ଚିଛି। ସର୍ବୋଚ୍ଚ ନ୍ୟାୟାଳୟରେ ୮୬,୭୦୦ରୁ ଅଧିକ ମାମଲା ବିଚାରାଧୀନ ଥିବାବେଳେ, ଉଚ୍ଚ ନ୍ୟାୟାଳୟଗୁଡ଼ିକରେ ୬୩.୩ ଲକ୍ଷରୁ ଅଧିକ ଏବଂ ଜିଲ୍ଲା ତଥା ଅଧୀନସ୍ଥ ଅଦାଲତଗୁଡ଼ିକରେ ୪.୬ କୋଟି ମାମଲା ବିଚାରାଧୀନ ରହିଛି । ସମୁଦାୟରେ, ଭାରତରେ ବିଚାରାଧୀନ ମାମଲା ସଂଖ୍ୟା ୫ କୋଟିରୁ ଅଧିକ ହୋଇଛି, ଯାହା ଦେଶର ନ୍ୟାୟ ବ୍ୟବସ୍ଥା ଉପରେ ଏକ ବିରାଟ ବୋଝ ସୃଷ୍ଟି କରିଛି।

ନ୍ୟାୟିକ ପ୍ରକ୍ରିୟାର ମୁଖ୍ୟ ଅଭିନେତାମାନେ – ବିଚାରପତି, ଓକିଲ, ମକଦ୍ଦମାକାରୀ ଏବଂ ସାକ୍ଷୀ – ସାଧାରଣତଃ ସଦ୍ଭାବନା ଏବଂ ଯୁକ୍ତିଯୁକ୍ତ ଉଦ୍ଦେଶ୍ୟରେ କାର୍ଯ୍ୟ କରନ୍ତି, ତଥାପି ସେମାନଙ୍କ କାର୍ଯ୍ୟରେ ଅନେକ ଗଠନମୂଳକ ବାଧା, ପ୍ରକ୍ରିୟାଗତ ବିଳମ୍ବ ଏବଂ ବ୍ୟବସ୍ଥାଗତ ପ୍ରତିବନ୍ଧକ ସୃଷ୍ଟି ହୋଇଥାଏ। ମାମଲା ସମାଧାନରେ ଏହି ପ୍ରତିବନ୍ଧକଗୁଡ଼ିକ ଅନେକ ପରସ୍ପର ସମ୍ବନ୍ଧିତ କାରକରୁ ଉତ୍ପନ୍ନ ହୁଏ, ଯେପରିକି ଅପର୍ଯ୍ୟାପ୍ତ ଭିତ୍ତିଭୂମି ଏବଂ ଅଦାଲତ କର୍ମଚାରୀ, ଜଟିଳ ମାମଲାଗୁଡ଼ିକର ତଥ୍ୟ, ପ୍ରମାଣର ପ୍ରକୃତି ଏବଂ ମୁଖ୍ୟ ଅଂଶୀଦାରମାନଙ୍କ ସହଯୋଗର ଅଭାବ। ବିଳମ୍ବକୁ ଆହୁରି ବଢ଼ାଉଥିବା ଅନ୍ୟାନ୍ୟ କାରଣଗୁଡ଼ିକ ମଧ୍ୟରେ ବିଭିନ୍ନ ପ୍ରକାରର ମାମଲା ପାଇଁ ନିର୍ଦ୍ଦିଷ୍ଟ ସମୟସୀମାର ଅଭାବ, ବାରମ୍ବାର ମାମଲା ସ୍ଥଗିତ ରଖିବା (**adjournments**), ଏବଂ ମାମଲାଗୁଡ଼ିକୁ ଟ୍ରାକ୍ କରିବା ତଥା ଶୁଣାଣି ପାଇଁ ଏକତ୍ର କରିବା ପାଇଁ ଦୁର୍ବଳ ବ୍ୟବସ୍ଥା ଅନ୍ତର୍ଭୁକ୍ତ। ଏକ ପ୍ରମୁଖ କାରଣ ହେଉଛି ପ୍ରଭାବଶାଳୀ ମାମଲା ପରିଚାଳନା ଏବଂ କାର୍ଯ୍ୟସୂଚୀର ଅଭାବ, ଯେଉଁଥିରେ ଆବେଦନପତ୍ର ଦାଖଲ କରିବା, ସାକ୍ଷୀ ପରୀକ୍ଷା କରିବା, କିମ୍ବା ଶୁଣାଣି ପାଇଁ କୌଣସି ସ୍ପଷ୍ଟ ସମୟସୀମା ନାହିଁ । ଭାରତୀୟ ଅଦାଲତଗୁଡ଼ିକରେ ନ୍ୟାୟ ପ୍ରଦାନର ସମୟସୀମା ବିଶ୍ଳେଷଣ କଲେ ଅଦାଲତ ସ୍ତର ଏବଂ ମାମଲା ପ୍ରକାର ଅନୁଯାୟୀ ଏକ ବଡ଼ ଧରଣର ବିଭିନ୍ନତା ଦେଖିବାକୁ ମିଳେ । ରାଜ୍ୟ ବିରୋଧରେ ଅପରାଧ ଭାବରେ ବିବେଚନା କରାଯାଉଥିବା ଫୌଜଦାରୀ ମାମଲାଗୁଡ଼ିକ, ସମ୍ପତ୍ତି, ପରିବାର କିମ୍ବା ଚୁକ୍ତିନାମା ବିବାଦ ଭଳି ଦେୱାନୀ ମାମଲାଗୁଡ଼ିକ ଅପେକ୍ଷା ପ୍ରତ୍ୟେକ ସ୍ତରରେ ଶୀଘ୍ର ସମାଧାନ ହୋଇଥାଏ । ଉଚ୍ଚ ନ୍ୟାୟାଳୟଗୁଡ଼ିକ ଏକ ବର୍ଷ ମଧ୍ୟରେ ୮୫.୩% ଫୌଜଦାରୀ ମାମଲାର ନିଷ୍ପତ୍ତି କରିବାରେ ଆଗୁଆ ରହିଛନ୍ତି, ଏହା ପରେ ସର୍ବୋଚ୍ଚ ନ୍ୟାୟାଳୟ ୭୯.୫% ଏବଂ ଜିଲ୍ଲା ଅଦାଲତଗୁଡ଼ିକ ୭୦.୬% ରହିଛନ୍ତି। ପ୍ରକୃତ ଚିନ୍ତା ଜିଲ୍ଲା ସ୍ତରରେ ଦେୱାନୀ ମାମଲାଗୁଡ଼ିକରେ ରହିଛି, ଯାହା ଭାରତର ଅଧିକାଂଶ ବିଚାରାଧୀନ ମାମଲାକୁ ପରିଚାଳନା କରେ। ଏଠାରେ କେବଳ ୩୮.୭% ଦେୱାନୀ ମାମଲା ଏକ ବର୍ଷ ମଧ୍ୟରେ ସମାଧାନ ହୋଇଥାଏ, ଏବଂ ପ୍ରାୟ ୨୦% ମାମଲା ପାଞ୍ଚ ବର୍ଷରୁ ଅଧିକ ସମୟ ଧରି ଚାଲିଥାଏ । ଏହାର ଅର୍ଥ ହେଉଛି ଯେଉଁ ଅଦାଲତଗୁଡ଼ିକ ଅଧିକାଂଶ ମକଦ୍ଦମାକାରୀଙ୍କୁ ସେବା ଯୋଗାନ୍ତି, ସେମାନେ ସମୟୋଚିତ ନ୍ୟାୟ ସୁନିଶ୍ଚିତ କରିବା ପାଇଁ ସର୍ବନିମ୍ନ ସୁସଜ୍ଜିତ ଅଟନ୍ତି ।

ନ୍ୟାୟପାଳିକା ଏବଂ ସରକାର ନିରନ୍ତର ବିଭିନ୍ନ ସଂସ୍କାର ଆଣୁଥିଲେ ମଧ୍ୟ, ନ୍ୟାୟିକ ବିଳମ୍ବର ଏକ ପ୍ରମୁଖ ବ୍ୟବସ୍ଥାଗତ କାରଣ ହେଉଛି ଅଦାଲତଗୁଡ଼ିକରେ ବିଚାରପତିମାନଙ୍କ ମଞ୍ଜୁରୀପ୍ରାପ୍ତ ଏବଂ ପ୍ରକୃତ ସଂଖ୍ୟା ମଧ୍ୟରେ ଲଗାତାର ବ୍ୟବଧାନ। ଭାରତର ନ୍ୟାୟପାଳିକା ଏହାର କ୍ଷମତାର ମାତ୍ର ୭୯% ରେ କାର୍ଯ୍ୟ କରୁଛି । ୨୬,୯୨୭ ମଞ୍ଜୁରୀପ୍ରାପ୍ତ ପଦ ମଧ୍ୟରୁ ୫,୬୬୫ଟି ଖାଲି ପଡ଼ିଛି, ଯାହା ଫଳରେ କାର୍ଯ୍ୟଭାର ଅତ୍ୟଧିକ ବୃଦ୍ଧି ପାଇଛି । ଜିଲ୍ଲା ଏବଂ ଅଧୀନସ୍ଥ ଅଦାଲତଗୁଡ଼ିକ, ଯାହା ଅଧିକାଂଶ ମାମଲା ପରିଚାଳନା କରନ୍ତି, ସେମାନଙ୍କର ମାତ୍ର ୨୫,୭୭୧ ବିଚାରପତିଙ୍କ ମଞ୍ଜୁରୀପ୍ରାପ୍ତ ସଂଖ୍ୟା ରହିଛି, ଯାହା ପ୍ରତି ୧୦ ଲକ୍ଷ ଜନସଂଖ୍ୟାରେ ହାରାହାରି ୧୮ ଜଣ ବିଚାରପତି । ଭାରତରେ ପ୍ରତି ୧୦ ଲକ୍ଷ ଜନସଂଖ୍ୟାରେ ମାତ୍ର ୧୫ ଜଣ ବିଚାରପତି କାର୍ଯ୍ୟ କରୁଛନ୍ତି । ସମସ୍ତ ଅଦାଲତରେ ସମ୍ପୂର୍ଣ୍ଣ ମଞ୍ଜୁରୀପ୍ରାପ୍ତ ସଂଖ୍ୟାରେ ବିଚାରପତି ନିଯୁକ୍ତ ହେଲେ ମଧ୍ୟ, ଏହା ପ୍ରତି ୧୦ ଲକ୍ଷ ଜନସଂଖ୍ୟାରେ ମାତ୍ର ୧୯ ଜଣ ବିଚାରପତିରେ ପହଞ୍ଚିବ – ଯାହା ୧୯୮୭ର ଆଇନ ଆୟୋଗର ୫୦ ଜଣ ବିଚାରପତିଙ୍କ ସୁପାରିଶ ଠାରୁ ବହୁତ କମ୍ । ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଆମର ନ୍ୟାୟ ବ୍ୟବସ୍ଥା ମୌଳିକ ଭାବରେ ମାନବ ସମ୍ବଳର ଅଭାବର ସମ୍ମୁଖୀନ ହେଉଛି।

ବ୍ୟାପକ ଆଇନଗତ ଏବଂ ପ୍ରକ୍ରିୟାଗତ ସଂସ୍କାର ସହିତ, ବିକଳ୍ପ ବିବାଦ ସମାଧାନ (**Alternative Dispute Resolution - ADR**) ପାରମ୍ପରିକ ଅଦାଲତଗୁଡ଼ିକ ଉପରେ ଥିବା ବୋଝକୁ ହ୍ରାସ କରିବା ଏବଂ ଶୀଘ୍ର, ଅଧିକ ସୁଲଭ ଏବଂ ନାଗରିକ-ଅନୁକୂଳ ନ୍ୟାୟ ପ୍ରଦାନ କରିବା ପାଇଁ ଏକ ଆଶାବାଦୀ ମାର୍ଗ ପ୍ରଦାନ କରେ । ମଧ୍ୟସ୍ଥତା (**mediation**), ସାଲିସ (**arbitration**), ଏବଂ ଲୋକ ଅଦାଲତ ଭଳି ବ୍ୟବସ୍ଥାଗୁଡ଼ିକ ପାରମ୍ପରିକ ଅଦାଲତ ବାହାରେ ବିବାଦର ସମାଧାନ ପାଇଁ ନମନୀୟ ବିକଳ୍ପ ପ୍ରଦାନ କରନ୍ତି । ୨୦୨୧ ରୁ ମାର୍ଚ୍ଚ ୨୦୨୫ ମଧ୍ୟରେ, ଜାତୀୟ ଲୋକ ଅଦାଲତଗୁଡ଼ିକର ସଫଳତା ସ୍ପଷ୍ଟ ଭାବରେ ପ୍ରମାଣିତ ହୋଇଛି, ଯାହା ସମସ୍ତ ତାଲୁକ, ଜିଲ୍ଲା ଅଦାଲତ ଏବଂ ଉଚ୍ଚ ନ୍ୟାୟାଳୟଗୁଡ଼ିକରେ ଏକ ନିର୍ଦ୍ଦିଷ୍ଟ ତାରିଖରେ ଏକକାଳୀନ ଆୟୋଜିତ ହୋଇଥାଏ । ଏହି ସମୟ ମଧ୍ୟରେ, ସେମାନେ ୨୭.୫ କୋଟିରୁ ଅଧିକ ମାମଲାର ସମାଧାନ କରିଛନ୍ତି, ଯେଉଁଥିରେ ୨୨.୨୧ କୋଟି ମାମଲା ମକଦ୍ଦମା ପୂର୍ବରୁ ଏବଂ ୫.୩୪ କୋଟି ବିଚାରାଧୀନ ଅଦାଲତ ମାମଲା ଅନ୍ତର୍ଭୁକ୍ତ । ଏହି ତଥ୍ୟ ଇଉଜ ବ୍ୟବସ୍ଥାର ପ୍ରଭାବଶାଳୀତାକୁ ଦର୍ଶାଉଛି ଏବଂ ଭାରତରେ ନ୍ୟାୟ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଏହାର ସାମର୍ଥ୍ୟକୁ ପ୍ରମାଣିତ କରୁଛି।

ଭାରତର ନ୍ୟାୟ ବ୍ୟବସ୍ଥାରେ ବିଚାରାଧୀନ ମାମଲାଗୁଡ଼ିକର ବିରାଟ ସଂଖ୍ୟା କେବଳ ଏକ ପରିସଂଖ୍ୟାନ ନୁହେଁ । ନ୍ୟାୟ ପ୍ରଦାନରେ ବିଳମ୍ବ ସାମାଜିକ ସ୍ଥିରତା ଏବଂ ଆର୍ଥିକ ବିକାଶ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ଏହି ସମସ୍ୟାର ସମାଧାନ ପାଇଁ ଏକ ସମନ୍ୱିତ ଏବଂ ବହୁମୁଖୀ ଦୃଷ୍ଟିକୋଣର ଆବଶ୍ୟକତା ରହିଛି। ବିଚାରପତିମାନଙ୍କର ଖାଲି ପଦବୀ ପୂରଣ କରିବା, ଅଦାଲତର ଭିତ୍ତିଭୂମିରେ ଉନ୍ନତି ଆଣିବା, ଆଧୁନିକ ମାମଲା ପରିଚାଳନା ପ୍ରଣାଳୀ ଆପଣାଇବା, ଏବଂ ଇଉଜ ବ୍ୟବସ୍ଥାକୁ ଅଧିକ ପ୍ରୋତ୍ସାହିତ କରିବା ଭଳି ପଦକ୍ଷେପଗୁଡ଼ିକ ଏକ ସୁଦୃଢ଼ ତଥା ଦକ୍ଷ ନ୍ୟାୟ ବ୍ୟବସ୍ଥା ଗଠନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା କେବଳ 'ନ୍ୟାୟରେ ବିଳମ୍ବ'କୁ ହ୍ରାସ କରିବ ନାହିଁ, ବରଂ ପ୍ରତ୍ୟେକ ନାଗରିକଙ୍କ ପାଇଁ 'ନ୍ୟାୟର ପ୍ରାପ୍ତି' ସୁନିଶ୍ଚିତ କରିବ। ଏହି ସମସ୍ୟାକୁ ସମାଧାନ କରିବା ଦିଗରେ ସରକାର, ନ୍ୟାୟପାଳିକା ଏବଂ ସମାଜର ପ୍ରତ୍ୟେକ ବର୍ଗରୁ ସହଯୋଗ ଏବଂ ସମର୍ପଣ ଭାବନା ଅତ୍ୟାବଶ୍ୟକ।

# ଦେଶ ଓ ଜାତିପାଇଁ ଡକ୍ଟର ହରେକୃଷ୍ଣ ମହତାବଙ୍କ ଅବଦାନ



**ପ୍ରଶାନ୍ତ କୁମାର ନାୟକ**

ପୁଣ୍ୟ ଭାରତ ଭୂମିରେ ଯୁଗେଯୁଗେ ମହାମନୀଷି ମାନଙ୍କର ଆବିର୍ଭାବ ଘଟି ଗୌରବ ମଣ୍ଡିତ ହୋଇଛି ଏହି ଧରାଧାମ । ସେମାନଙ୍କର ଉତ୍ସର୍ଗୀକୃତ ସେବା, ତ୍ୟାଗ ଚିରଦିନ ପାଇଁ ସ୍ମରଣୀୟ ହୋଇ ରହିଥାଏ। ପବିତ୍ର ଉତ୍କଳ ଭୂଖଣ୍ଡରେ ମଧ୍ୟ ଏହିଭଳି ପ୍ରତିଭାବାନ ମହାମାନବଙ୍କର ଅଭାବ ନାହିଁ। ଏହି କିମ୍ବଦନ୍ତୀ ମହାପୁରୁଷଙ୍କ ମଧ୍ୟରେ ଉତ୍କଳ କେଶରୀ ପଦବୀର ମର୍ଯ୍ୟାଦା ମଣ୍ଡନ କରିଥିବା ଉତ୍କଳର ମହାନ ବରପୁତ୍ର ହେଉଛନ୍ତି ଡକ୍ଟର ହରେକୃଷ୍ଣ ମହତାବ । ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗଦାନକରି ସେ 'ଉତ୍କଳ କେଶରୀ' ମାନ୍ୟତା ପାଇଥିଲେ ।

ଡକ୍ଟର ହରେକୃଷ୍ଣ ମହତାବଙ୍କର ବାଲ୍ୟ ନାମ ହରେକୃଷ୍ଣ ଦାସ୍ ଥିଲା । ସେ ୧୮୯୯ ମସିହା ନଭେମ୍ବର ମାସ ୨୧ ତାରିଖରେ ବାଲେଶ୍ୱର ଜିଲ୍ଲାର ଆଗରପଡ଼ାରେ ଜନ୍ମ ଗ୍ରହଣ କରି ୧୯୮୭ ମସିହା ଜାନୁଆରୀ ୦୨ ତାରିଖରେ ୮୭ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଥିଲେ । ତାଙ୍କ ପିତାଙ୍କ ନାମ କୃଷ୍ଣଚନ୍ଦ୍ର ଦାସ୍ ଓ ମାଆ ତୋହଫା ବିବି ଥିଲେ । କାଳକ୍ରମେ ବାଲେଶ୍ୱର ଜିଲ୍ଲାର ଜମିଦାର ଜଗନ୍ନାଥ ମହତାବଙ୍କର କୌଣସି ସନ୍ତାନ ସନ୍ତତି ନଥିବାରୁ ସେ ହରେକୃଷ୍ଣ ଦାସଙ୍କୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିଥିଲେ। ଫଳରେ ସେ ହରେକୃଷ୍ଣ ଦାସ୍ ରୁ ହରେକୃଷ୍ଣ ମହତାବ ପାଲଟି ଯାଇଥିଲେ। ତାଙ୍କ ପତ୍ନୀଙ୍କ ନାମ ସୁଭଦ୍ରା ଦେବୀ ଥିଲା।

କଥାରେ ଅଛି – 'ନମ୍ରନ୍ତି ଫଳିନୋ ବୃକ୍ଷାଃ,
ନମ୍ରନ୍ତି ଗୁଣିନୋ ଜନାଃ ।'

ଅର୍ଥାତ୍ ବୃକ୍ଷ ଯେତେବେଳେ ଫଳ ଧାରଣକରେ ସେତେବେଳେ ସେ ତଳକୁ ଟିକେ ନଇଁଯାଏ। ଏବଂ ଗୁଣବାନ୍ ବ୍ୟକ୍ତି ସ୍ୱଭାବତଃ ନମ୍ର ହୋଇଥାଆନ୍ତି। ବୃକ୍ଷର ଶ୍ରେଷ୍ଠ ଅବସ୍ଥା ହେଲା ଫଳ ଧରିବା ଏବଂ ଏହିଫଳ ତା' ନିଜ କାମରେ ନଆସି ଅନ୍ୟମାନଙ୍କ ଉପକାରରେ ସର୍ବଦା ଆସିଥାଏ। ଏହି କ୍ରମରେ ମାନବ ଶରୀରର ଉଦ୍ଦେଶ୍ୟ ହେଲା ବିଭିନ୍ନ ପ୍ରକାର ସଦଗୁଣକୁ ଧାରଣକରିବା । ପ୍ରକୃତରେ ବଡଲୋକମାନଙ୍କ ପାଖରେ ସଦଗୁଣ ପ୍ରକାଶିତ ହୋଇଥାଏ । ସେମାନଙ୍କ ପାଖରେ ବଡଲୋକୀ ଉଚ୍ଚ ଭାବନା ଥାଏ । ଧନ, ସଂପଦ, ପ୍ରାଚୁର୍ଯ୍ୟ, କ୍ଷମତା ଓ ଐଶ୍ୱର୍ଯ୍ୟ ପ୍ରତିଷ୍ଠାକୁ ନେଇ ସେମାନଙ୍କ ମନରେ ଗର୍ବ ଅହଙ୍କାର ନଥାଏ । ସେମାନେ ଯେତେ ବଡ ହୋଇଥିଲେ ମଧ୍ୟ ସମାଜର ନିମ୍ନବର୍ଗର ଲୋକମାନଙ୍କର ମଙ୍ଗଳ ଚିନ୍ତା କରିଥାଆନ୍ତି। ସମାଜର ବିକାଶ ତଥା ମଙ୍ଗଳ କାମନା ହିଁ ତାଙ୍କ ଜୀବନର ବ୍ରତ ହୋଇଥାଏ। ଏଇଭଳି ଜଣେ ଉଚ୍ଚାଭିଳାଷି ବଡଲୋକ ଥିଲେ ଡକ୍ଟର ହରେକୃଷ୍ଣ ମହତାବ।

ସ୍ୱାଧୀନତା ପରବର୍ତ୍ତୀ ଓଡିଶା କଥା ଯେତେବେଳେ ଆମେ ଚିନ୍ତାକରୁ ସେତେବେଳେ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ନାମ ସ୍ୱତଃପ୍ରବୃତ୍ତ ଭାବରେ ଆମ ମନକୁ ଆସିଯାଏ । ସେ ତାଙ୍କର ପ୍ରାଥମିକ ଶିକ୍ଷା ବାଲେଶ୍ୱରରେ ସମାପ୍ତ କରିବାପରେ ରେଭେନସା ମହାବିଦ୍ୟାଳୟ ଓ ପାଟଣା ବିଶ୍ୱବିଦ୍ୟାଳୟରୁ ଉଚ୍ଚ ଶିକ୍ଷା ଲାଭକରିଥିଲେ ।

ଛାତ୍ର ଜୀବନରୁ ସେ ବିଶ୍ୱ ବିଜୟୀ ସ୍ୱାମୀ ବିବେକାନନ୍ଦଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ ଓ ଜଣେ ମେଧାବୀ ଛାତ୍ର ଭାବରେ ତାଙ୍କର ସୁଖ୍ୟାତି ମଧ୍ୟ ରହିଥିଲା । ମହାତ୍ମାଗାନ୍ଧୀଙ୍କ ଦ୍ୱାରା ପ୍ରଭାବିତ ହୋଇ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କରିଥିଲେ ଏବଂ ୧୯୨୦ ମସିହାରେ ନାଗପୁର ଅଧୀବେଶନରେ ଯୋଗଦେଇଥିଲେ । ସେଠାରେ ସେ ଉତ୍କଳମଣି ଗୋପବନ୍ଧୁଙ୍କ ସହିତ ମହତାବଙ୍କର ସାକ୍ଷାତ ହୋଇଥିଲା ଓ ସେ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ । ଗୋପବନ୍ଧୁଙ୍କୁ ଓଡ଼ିଶାର ସେବା ଭାବର ପ୍ରବର୍ତ୍ତକ ବୋଲି ସେ କହିଛନ୍ତି । ୧୯୨୩ ମସିହାରେ ମହତାବ 'ପ୍ରଜାତନ୍ତ୍ର' ନାମକ ଏକ ସାପ୍ତାହିକ ପତ୍ରିକା ଆରମ୍ଭ କରିଥିଲେ ଯାହା ପରବର୍ତ୍ତୀ ସମୟରେ ଦୈନିକ ଖବରକାଗଜ ଭାବରେ ଆଜି ବହୁ ଜନାଦୃତ ହୋଇପିରିଛି ।

ମହତାବଙ୍କ 'ସାଧନାର ପଥେ' ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷ ପର୍ଯ୍ୟନ୍ତ ତାଙ୍କ ଅଙ୍ଗେନିଭା କଥା ଅଟେ । କଲେଜରେ ଅଧ୍ୟୟନ କରୁଥିବା ସମୟରେ ସେ ପ୍ରକାଶ କରିଥିଲେ ଓଡ଼ିଆ ପତ୍ରିକା – 'ମଳୟ' ଏବଂ ଇଂରାଜୀ ପତ୍ରିକା 'ଡଷ୍ଟବିନ୍' । ତାଙ୍କ ଆତ୍ମଜୀବନୀମୂଳକ ପୁସ୍ତକ ' ଆରବ ସାଗରରୁ ଚିଲିକା' ଓ 'ହ୍ୱାଇଲ୍ ସର୍ଭିଂ ମାଇଁ ନେସନ୍'ରେ ମହତାବ ତାଙ୍କ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ସମୟର ବିଭିନ୍ନ ନିଷ୍ପତ୍ତି ଏବଂ ଚିଠିପତ୍ରର ଉଲ୍ଲେଖ କରିଛନ୍ତି । ପୂର୍ବତନ ଗଡଜାତ ରାଜ୍ୟ ରଣପୁର ଠାରେ ବେଜେଲଗେଟ୍ ହତ୍ୟାକାଣ୍ଡରେ ମହତାବଙ୍କୁ ଦୋଷୀ ବୋଲି ଇଂରେଜ ସରକାର ବିବେଚନା କରିଥିଲେ ; ମାତ୍ର ଏଥିରେ ମହାତ୍ମାଗାନ୍ଧୀ ଏବଂ ଇଂରେଜ ଅଧୀକାରୀ ମିସ୍ ହରିସନ୍ ଓ ମେଜର ଷ୍ଟିଫେନସନ୍ ଙ୍କ ହସ୍ତକ୍ଷେପ ପାଇଁ ମହତାବ ଅଳ୍ପକେ ରକ୍ଷା ପାଇଯାଇଥିଲେ ।

ତାଙ୍କର ସର୍ବାଧିକ ଲୋକପ୍ରିୟ ପ୍ରବନ୍ଧ 'ଗାଁ ମଜଲିସ୍' ଧାରାବାହିକ ଭାବରେ 'ପ୍ରଜାତନ୍ତ୍ର' ପୃଷ୍ଠାରେ ପ୍ରକାଶ ପାଇଥିଲା ଏବଂ ଏହା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମଧ୍ୟ ତାଙ୍କୁ ମିଳିଥିଲା । ଓଡ଼ିଶାପାଇଁ ତାଙ୍କର ଅବଦାନ ଅତୁଳନୀୟ ଥିଲା । ଦେଶର ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭକରି ଓଡ଼ିଶାକୁ ଏକ ରାଜ୍ୟର ମାନ୍ୟତା ଦେବାଲାଗି , ଓଡିଶା ପ୍ରଦେଶର ଗଡଜାତ ରାଜ୍ୟମାନଙ୍କର ମିଶ୍ରଣ , ସ୍ୱାଧୀନ ଭାରତ ତଥା ଓଡ଼ିଶାର ଜଣେ ଆଗଧାଡିର ନେତା ଭାବରେ ମହତାବ ଆମ ପାଖରେ ଅବତୀର୍ଣ୍ଣ ହୋଇଥିଲେ । ନୂତନ ଓଡିଶା ନିର୍ମାଣରେ ତାଙ୍କର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ତାଙ୍କର ରାଜନୈତିକ ଜୀବନରେ କେବଳ ଓଡ଼ିଶା ଭିତରେ ସୀମିତ ରହିନଥିଲେ। ତତ୍କାଳୀନ ଭାରତ ନିର୍ମାଣର ନକ୍ସା ପ୍ରସ୍ତୁତ କରିଥିବା ଭାରତର ବରେଣ୍ୟ ନେତୃଗଣଙ୍କ ମଧ୍ୟରେ ସେ ଅନ୍ୟତମ ଥିଲେ । ସୁଭାଷ ବୋଷ ତାଙ୍କ କଂଗ୍ରେସ ୱାର୍କିଂ କମିଟିପାଇଁ ନିଜେ ମହତାବଙ୍କୁ ମନୋନୀତ କରିଥିଲେ ଏବଂ ସେ ସେହି ପଦବୀରେ ୧୯୩୮ରୁ ୧୯୪୬ ଯାଏଁ କାର୍ଯ୍ୟ କରିଥିଲେ । ସେ ସମୟରେ ରାଜ୍ୟ ଲୋକ ତଦନ୍ତ କମିଟିର ସଭାପତି ରହିଥିଲେ । ୧୯୩୦ ମସିହାର ଲବଣ ସତ୍ୟାଗ୍ରହରେ ଯୋଗଦେଇ ସେ କାରାବରଣ କରିଥିଲେ। ଭାରତଛାଡ ଆନ୍ଦୋଳନରେ ତାଙ୍କର ଅତୁଳନୀୟ ଅବଦାନ ଥିଲା। ସେ ଚାହୁଁ ଥିଲେ ଆତ୍ମ ନିର୍ଭର ଭାରତ । ଯେଉଁ ଆହ୍ୱାନ ଆଜି ପ୍ରତ୍ୟେକ ଭାରତୀୟଙ୍କ ନିକଟରେ ପହଞ୍ଚିପାରିଛି । ଦେଶର ପ୍ରତ୍ୟେକ ମୂହୁର୍ତ୍ତ ସେ ନିଜ ଦେଶ ମାତୃକାପାଇଁ ଚିନ୍ତା କରିଛନ୍ତି । ଗଡଜାତ ରାଜ୍ୟଗୁଡ଼ିକ ଓଡ଼ିଶାରେ ମିଶିବାକୁ ଚାହୁଁ ନଥିବାବେଳେ ମହତାବଙ୍କ ବଳିଷ୍ଠ ନେତୃତ୍ୱ ଓ ପ୍ରଚେଷ୍ଟାରେ ସର୍ବ ପ୍ରଥମେ ନୀଳଗିରି ଗଡଜାତ ରାଜ୍ୟ ଓଡ଼ିଶାରେ ମିଶିଥିଲା। ଏହାର ସମସ୍ତ ଶ୍ରେୟ ହରେକୃଷ୍ଣଙ୍କର। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଆହ୍ୱାନ ଏବଂ ମହତାବଙ୍କ ସହଯୋଗ ଦ୍ୱାରା ଓଡ଼ିଶାର ୨୬ ଗୋଟି ଗଡଜାତ ରାଜ୍ୟ ଓଡ଼ିଶାରେ ମିଶ୍ରଣ ହୋଇଥିଲା ।

ବାଲ୍ୟକାଳରୁ ହିଁ ତାଙ୍କ ମନରେ ଦେଶପ୍ରୀତି ଜାଗ୍ରତ ହୋଇଥିଲା । ଦେଶ ମାତୃକାର ସେବାପାଇଁ ହରେକୃଷ୍ଣ ମହତାବ ଅଧାରୁ ପାଠପଢା ଛାଡି ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିଲେ । ୧୯୩୦ ରୁ ୧୯୩୧ ମସିହା ପର୍ଯ୍ୟନ୍ତ ସେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସଭାପତି ହୋଇଥିଲେ । ୧୯୩୪ ମସିହାରେ ସେ ଅସ୍ପୃଶ୍ୟତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ଏବଂ ସମସ୍ତ ଦେବାଳୟରେ ସେମାନଙ୍କର ପ୍ରବେଶଲାଗି ସେ ଦୃଢ ପଦକ୍ଷେପ ନେଇଥିଲେ । ୧୯୩୩ରୁ ୧୯୩୭ ଯାଏ ସେ ଆଗରପଡାର ଗାନ୍ଧି କର୍ମ ମଣ୍ଡଳ ଆଶ୍ରମରେ ହରିଜନମାନଙ୍କ ଉନ୍ନତି ନିମନ୍ତେ କାର୍ଯ୍ୟକରିଥିଲେ। ୧୯୩୭ ମସିହାରେ ସେ ପୁନର୍ବାର ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ୧୯୪୨ ମସିହାରେ ଗାନ୍ଧୀଙ୍କ ଭାରତଛାଡ ଆନ୍ଦୋଳନରେ ମହତାବ ଅଂଶଗ୍ରହଣ କରି ଇଂରେଜମାନଙ୍କର ଦୃଢ ପ୍ରତିରୋଧ କରିଥିଲେ। ଏଥି ନିମିତ୍ତ ତାଙ୍କୁ ଜେଲ ଦଣ୍ଡ ମଧ୍ୟ ଭୋଗିବାକୁ ପଡିଥିଲା। ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ସେ ଅନେକଥର କାରାବରଣ କରିଛନ୍ତି । ଦୀର୍ଘ ଆଠ ବର୍ଷ କାଳ ସେ ଜେଲ୍ ଦଣ୍ଡ ଭୋଗିଛନ୍ତି। ଭାରତଛାଡ ଆନ୍ଦୋଳନ ସମୟରେ ସେ ୧୯୪୨ ରୁ ୧୯୪୫ ମସିହା ପର୍ଯ୍ୟନ୍ତ କାରାବରଣ କରିଥିଲେ । ଜେଲରେ ଥିବା ସମୟରେ ସେ ତିନିଗୋଟି ଉପନ୍ୟାସ ରଚନା କରିବା ସହିତ ଅନେକ କବିତା ଏବଂ 'ଓଡ଼ିଶାର ଇତିହାସ' ରଚନା କରିଥିଲେ। ୧୯୪୬ ମସିହା ଏପ୍ରିଲ ୨୩ ତାରିଖରୁ ୧୯୫୦ ମେ' ମାସ ୧୨ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ହୋଇଥିଲେ ।

ତାଙ୍କ ରଚିତ ପୁସ୍ତକ ଓ ପତ୍ର ପତ୍ରିକା:-

ସାହିତ୍ୟ ପତ୍ରିକା 'ଝଙ୍କାର' ର ପ୍ରତିଷ୍ଠା ଓ ବିଷୁବ ମିଳନ ଆୟୋଜନ, ଇଂରାଜୀ ପତ୍ରିକା **'The Eastern Times'**

ଉପନ୍ୟାସ: ନୂତନ ଧର୍ମ, ଟାଉଟର, ଅବ୍ୟାପାର, ପ୍ରତିଭା-୧୯୪୬, ତୃତୀୟ ପର୍ବ,

ଗଳ୍ପ ସଙ୍କଳନ: ସ୍ୱର୍ଗରେ ଏମର୍ଜେନ୍ସି,

ଆତ୍ମ ଜୀବନୀ : ସାଧନାର ପଥେ,

କବିତା ସଙ୍କଳନ: ଚାରିଚକ୍ଷୁ, ପଲ୍ଲୀସୀ ଅବସାନେ, ଶେଷ ଅଶ୍ରୁ, ନନ୍ଦିକା, ଲଳିତା, ରାଜରାଣୀ, ଛାୟା ପଥର ଯାତ୍ରୀ,

ଶିଶୁ ସାହିତ୍ୟ: ବିଷ୍ଣୁପୁରର ଭିତରକଥା, ଗଣେଶଙ୍କ ପାଠପଢା

ଅନ୍ୟାନ୍ୟ: ଆତ୍ମଦାନ, ରୂପାନ୍ତର, ଇତିହାସର ପରିହାସ, ପ୍ରବଚନ, ଗୁପ୍ତ ପ୍ରଣୟ, ଉତ୍ତରୋତର, ଶମ୍ଭୁଙ୍କର ତପସ୍ୟା, ଅନ୍ଧଯୁଗ, ଯୁଗସଂକେତ, ଓଡିଶା ଇତିହାସ (୩ ଖଣ୍ଡ), ସାହିତ୍ୟ ଆଲୋଚନା, ଗାନ୍ଧିଜୀ ଓ ଓଡ଼ିଶା, ନେତା ଓ ଜନତା, ଦଶ ବର୍ଷର ଓଡ଼ିଶା, ଆରବ ସାଗରରୁ ଚିଲିକା, **Beginning of the end, History of the Odisha** ଇତ୍ୟାଦି ।

ପୁରସ୍କାର ଓ ସମ୍ମାନ:

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସଙ୍ଗୀତ ନାଟକ ଏକାଡ଼େମୀର ସଭାପତି,

ଆନ୍ଧ୍ର ବିଶ୍ୱବିଦ୍ୟାଳୟରୁ ସମ୍ମାନ ଜନକ ଡକ୍ଟରେଟ୍ ଉପାଧି,

ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡି. ଲିଟ୍ ଓ ଆଇନରେ ସାଗର ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧି ,

କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର - ୧୯୮୩(ଗାଁ ମଜଲିସ୍ ),

ତାଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରମୁଖ କାର୍ଯ୍ୟାବଳୀ:

କଟକ ପରିବର୍ତ୍ତେ ଭୁବନେଶ୍ୱରକୁ ରାଜଧାନୀର ମାନ୍ୟତା,

ବାରବାଟୀ ଷ୍ଟାଡିୟମ ନିର୍ମାଣ, ହୀରାକୁଦ ନଦୀବନ୍ଧ, ନନ୍ଦନକାନନ , ଓଡିଶା ଟେକ୍ସଟାଇଲ ଇତ୍ୟାଦି ଅନ୍ୟତମ ଅଟେ । ପ୍ରକୃତରେ ସେ କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ନଥିଲେ ବରଂ ନବ ଉତ୍କଳର ନିର୍ମାତା ଏବଂ ଓଡ଼ିଶାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇବାରେ ତାଙ୍କର ଭୂମିକା ଅତୁଳନୀୟ ଥିଲା ଯାହା ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଚିରକାଳ ସ୍ମରଣୀୟ ହୋଇ ରହିଥିବ । ସେହି ମହାପୁରୁଷଙ୍କୁ ଶତଶତ ନମନ ।


ୟୁନିଟ୍-୫, ଭୁବନେଶ୍ୱର
ମୋ: ୮୨୪୯୬୫୦୪୧୪


# ଥିଲାବାଲା ପାଇଲେ ନଥିଲା ବାଲା ଅପେକ୍ଷାରେ....



**ସୁବ୍ରତ କର**

ଦୁର୍ଗାପୂଜା ସରିଲା । ଏ ବର୍ଷ କଟକକୁ ଛାଡ଼ିଦେଲେ ପ୍ରାୟ ସବୁଠାରେ ମା'ଙ୍କ ପୂଜା ସୁରୁଖୁରୁରେ କଟିଲା । କଟକ ସହରରେ ଭଷାଣି ବେଳେ ଅଳ୍ପ ଗଣ୍ଡଗୋଳକୁ ଛାଡ଼ିଦେଲେ ଅନ୍ୟ ସହରମାନଙ୍କରେ ବିଶେଷ କିଛି ଅସୁବିଧା ହୋଇନାହିଁ । ପାଗ ମଧ ଠାକୁର ଦେଖିବା ପାଇଁ ଲୋକଙ୍କୁ ସାଥ ଦେଇଥିଲା । ଏବେ କୁହାହେଉଛି ଦେଶର ଦୈତ୍ୟ ନଗରୀର (କଟକ ଏବଂ ଭୁବନେଶ୍ୱର) ପୂଜା ସବୁଠୁ ବ୍ୟୟ ବହୁଳ ଏବଂ ଖର୍ଚ୍ଚ କଲିକତା ମଣ୍ଡପ ମାନଙ୍କଠୁ ମଧ ଅଧିକ । ଚଳିତ ବର୍ଷ ଦୁଇଟି ସହରର ପୂଜା ଖର୍ଚ୍ଚ ବାବଦକୁ ପ୍ରାୟ ୩୦୦ କୋଟିର ସୁନା ଓ ରୂପା ଅଳଙ୍କାର ବ୍ୟବହାର କରାହୋଇଥିଲା । ଆଖି ଝଲସିଲା ଭଳି ତୋରଣ, ଚିକ୍‌ମିକ୍ ଲାଇଟ ଆଉ ସୁନା ରୂପାର ମେଢ଼ ଦେଖିବାକୁ ପ୍ରବଳ ଭିଡ଼ ମଧ ଦେଖା ଯାଇଥିଲା । ଏ ବର୍ଷ କଟକରେ ଖାଲି ୩୮ଟି ଚାନ୍ଦି ମେଢ଼ ହୋଇଥିଲା ଏବଂ ପ୍ରାୟ ୧୦ଟନ ରୂପା ଲାଗିଛି ଯାହାର ଦାମ୍ ପ୍ରାୟ ୧୪୮ କୋଟି ଟଙ୍କା ହେବ । ଏହାପରେ ପ୍ରାୟ ୧୫ ଟି ମେଢ଼ରେ ପ୍ରାୟ ୭୫କେଜି ସୁନା ବ୍ୟବହାର କରା ହୋଇଥିଲା ଯାହାର ମୂଲ୍ୟ ପ୍ରାୟ ୮୭ କୋଟି ଟଙ୍କା ହେବ । ସେହିପରି ଭୁବନେଶ୍ୱରରେ ପ୍ରାୟ ୩ଟି ଚାନ୍ଦି ମେଢ଼ ଏବଂ ଅନ୍ୟ ମେଢ଼ ମାନଙ୍କରେ ମଧ ସୁନା ଚାନ୍ଦିକୁ ବ୍ୟବହାର କରା ହୋଇଥିଲା । ଭୁବନେଶ୍ୱରରେ ପ୍ରାୟ ୮ କେଜି ସୁନା ଯାହାର ମୂଲ୍ୟ ୯ କୋଟି ଟଙ୍କା ଜାତୀୟ ସର୍ଭେ ଅନୁସାରେ କଟକ ଏବଂ ଭୁବନେଶ୍ୱରର ଦୁର୍ଗାପୂଜାରେ ପ୍ରାୟ ୩୦୦ କୋଟି ଟଙ୍କାରୁ ଉର୍ଦ୍ଧ ଖର୍ଚ୍ଚ କରା ହୋଇଛି । ଏହିସବୁ ମେଢ଼ ସାର୍ବଜନୀନ ପୂଜା ହିସାବରେ ଗଣା ହୋଇଛି । ସେହି ତୁଳନାରେ ଘରୋଇ ପୂଜା ବହୁତ କମ ଏବଂ ସେମାନଙ୍କ ଆଞ୍ଚଳିକ ଅବସ୍ଥା ଏବଂ ସଙ୍ଗୀନ । ନିଜ ଘରର ସବୁ ଭାଇ କୁଟୁମ୍ବ ମିଳିମିଶି ପୁରୁଣା ପୂଜାକୁ କୌଣସି ପ୍ରକାରରେ ଚଳାଇ ଆସୁଛନ୍ତି । ଏମାନଙ୍କ ପୂଜା ପ୍ରାୟ ସବୁ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଏବଂ ଏମିତି କିଛି ଘରୁଆ ପୂଜା ୨୦୦ ବର୍ଷ ମଧ ପାର୍ ହୋଇଯାଇଛି । ଆମ ବାଲେଶ୍ୱର କଥାକୁ ନେଲେ ଏହି ସହରରେ ଏ ବର୍ଷ ପ୍ରାୟ ୮୧ ମେଢ଼ ହୋଇଥିଲା ଏବଂ ସେଥିରୁ ଘରୁଆ ଠାକୁର ପ୍ରାୟ ୬-୭ଟି ହେବ ଏବଂ ଏହି ଘରୁଆ ଠାକୁର ସବୁ ପ୍ରାୟ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଏବଂ ଏହା ଭିତରୁ ବାରବାଟିଠାରେ ଥିବା କରଘର ପୂଜା ରଜା ଘର, ଦାସ ଘର, ଘୋଷ ଘର ଏବଂ ହାଲଦାର ଘର ପୂଜା ସବୁ ୧୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ । ଏତେ କଥା କହିବାର ଉଦ୍ଦେଶ୍ୟ ହେଲା ଆମ ସରକାର ପ୍ରଥମ କରି ଦୁର୍ଗାପୂଜା ମେଢ଼ ପିଛା ୧ଲକ୍ଷ (୧୦୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିଲେ) ୭୫ହଜାର (୭୫ବର୍ଷରୁ ଉର୍ଦ୍ଧ୍ୱ ହୋଇଥିଲେ) ଏବଂ ୫୦ହଜାର ଟଙ୍କା (୫୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିଲେ) ଆର୍ଥିକ ସାହାଯ୍ୟ ପ୍ରଦାନ କରିଛନ୍ତି । ଏ ବାବଦକୁ ପ୍ରାୟ ୭ କୋଟି ଟଙ୍କାରୁଉର୍ଦ୍ଧ୍ୱ ଖର୍ଚ୍ଚ କରିଛନ୍ତି । କିନ୍ତୁ ସବୁଠୁ ଦୁଃଖର କଥା ଏହି ଆର୍ଥିକ ସାହାଯ୍ୟ ଘରୁଆ ପୂଜା ପାଇଁ ଲାଗୁ ନୁହଁ । ଏ ସବୁ ସାର୍ବଜନୀନ ପୂଜା କମିଟି ପାଇଁ ଯାହାକି ପାଖରେ କୋଟି କୋଟି ରହିଛି । ସମସ୍ତଙ୍କଠୁ ଚାନ୍ଦା ଆଦାୟ କରୁଛନ୍ତି ସେମାନେ ସରକାରଙ୍କ ସୁନାପୁଅ । ଘରୁଆ ପୂଜା ପାଁ ସରକାରଙ୍କ ତରଫରୁ ଏକ ଟଙ୍କା ମଧ ସାହାଯ୍ୟର ବ୍ୟବସ୍ଥା ହୋଇନାହିଁ । ଏ ସରକାରଙ୍କ କି ବିଚାର ? ଏମିତି ବିଚାର ବୁଦ୍ଧିମନ୍ତ ନୁହଁ । ଦିନକୁ ଦିନ ଘରୁଆ ପୂଜା କମି କମି ବନ୍ଦ ହେବାକୁ ବସିଲାଣି ତାଙ୍କ ପାଇଁ ସରକାରଙ୍କ ଟିକିଏ ହେଲେ ସହାନୁଭୂତି ନାହିଁ । ସରକାରଙ୍କୁ ଅନୁରୋଧ ସମସ୍ତଙ୍କ ପାଇଁ ସମାନ ବିଚାର କରି ଘରୁଆ ପୂଜାକୁ ମଧ ସାହାଯ୍ୟ କରନ୍ତୁ ।




## କୋଣାର୍କ

**ଲକ୍ଷ୍ମୀପ୍ରିୟା ପଣ୍ଡା**

ତୁମ ଦୃଷ୍ଟିରେ ହୋଇପାରେ କୋଣାର୍କ
ଏ ସୃଷ୍ଟିର ସପ୍ତମ ଆଶ୍ଚର୍ଯ୍ୟ,
ହେଲେ ମତେ ଦିଶେ ତା ମଧେ
ସ୍ୱପ୍ନ ଭଙ୍ଗା ଅନେକ ବିଷାଦ।

ତୁମେ ଦେଖ ଅନାବୃତ ନର୍ତ୍ତକୀର
ପ୍ରୀତି ଭରା ନଗ୍ନ ଶରୀର,
ହେଲେ ମତେ ଦିଶେ ତା ମଧରେ
ବିଶ୍ୱାଣୀର ଯୌବନ ଚିତ୍କାର ।

ତୁମେ ଦେଖ ଶିଳା ଦେହେ ଖୋଦିତ
ସୁନ୍ଦର୍ ନବୀନ କଳିକା,
ମୋତେ ଦିଶେ ପଥରରେ ପୋତି ଥିବା
ତା ସ୍ୱପ୍ନର ମାଳିକା ।

ତୁମେ ଦେଖ ସୌନ୍ଦର୍ଯ୍ୟ ଭରା
ଉତ୍କଳର କଳା କାରୁକାର୍ଯ୍ୟ,
ମୁଁ ଦେଖେ ପ୍ରୀତି ଅପେକ୍ଷାରେ ଥିବା
ନବ ତରୁଣୀର ଧର୍ଯ୍ୟ ।

ତୁମେ ଦେଖ କୋଣାରକେ ଜୀବନ୍ତ
ଚଳନ୍ତି ଶିଳା ସ୍ତୁପ ,
ମୁଁ ଦେଖେ ସେଠି ଓଡ଼ିଆଙ୍କ ତ୍ୟାଗ
ଆଉ ବଳିଦାନର ଗପ ।

ତୁମ ପାଇଁ ହୋଇ ପାରେ ସେ ରାଜାଙ୍କ
ବୀରତ୍ୱର ଚିରନ୍ତନ ଗାଥା,
ହେଲେ ସେଠି ପାଇନି ମୁଁ କାରଣ
ମୋର ଟେକିବାକୁ ମଥା ।

ଲେଖନୀ ତୁମ ଗାଏ ଚନ୍ଦ୍ରଭାଗାରେ
ସୁନ୍ଦର୍ ସବିତା, ହେଲେ
ସେ ଶିଳା ଆଜି ବି ଗାଏ ବାରଶହ
ବଢ଼େଇଙ୍କ ବିରହର ଗାଥା ।

ଦାଣ୍ଡରେ ବାଟ ଜଗି ବସିଥିବା
ପୌଢ଼ ନୟନର ଗୀତା,
ପ୍ରତୀକ୍ଷାରେ ଥିବା ତୁମ ବାକ୍ ଦାତ୍ରୀର
ଜୀବନ ସଂହିତା ।

ନାହିଁ ସେଠି ଧରମା ପରି ବାପା ବାଟ
ଚାହିଁ ଥିବା ବାଳକର ଚିତ୍ର,
ରାଜ କାର୍ଯ୍ୟେ ଅଧା ଖିଆ ପଡ଼ିଥିବା
ଚଢ଼ୁଆ କି ପତ୍ର ।

ସମୟ ଧୋଇ ଦେଲାଣି ତା ସାଥେ
ସଭିଙ୍କ ଅଦେଖା କ୍ଷତକୁ,
ନାହାନ୍ତି ସେ ବିନ୍ଧାଣୀ ଆଉ
ଏ ସବୁର ପ୍ରମାଣ ଦେବାକୁ ।

ଏ ସବୁ କଷଣ ସହି ବି ଆଜି
ଓଡ଼ିଆ ଗରବେ କହୁଛି,
ଆହା ! କି ଭାଗ୍ୟ ମୋର ମୁଁ
ପୁଣି ଓଡ଼ିଆ ହୋଇ ଜନ୍ମିଛି !


+ବଡ଼ମ୍ବା, କଟକ


## ସିନ୍ଧୁ ଦୁଲଣୀ

**ଜଗଦୀଶ ସାହୁ**



ଅଶିଣ ଶେଷ କାର୍ତ୍ତିକ ମାସ
ହେଲା ପ୍ରବେଶ
ସିନ୍ଧୁ ଦୁଲଣୀ ବିଷ୍ଣୁ ଘରଣୀ
ଆସ ମା' ଆସ ।

ମଣ୍ଡପ ସଜା ଲାଗୁଛି ମଜା
ବାଜୁଛି ବାଜା
ଭକତ ଗଣେ ତୋର ଚରଣେ
କରିବେ ପୂଜା
ଶରଧା ଭରେ ମଣ୍ଡପ ପରେ
ବସ ମା' ବସ ।

ତୋ ପୂଜା ପାଠେ ଏକଶ ଆଠ
ଦୀପାଳି ଜଳେ
ରଖ ମା' ରଖ ସୃଷ୍ଟିକୁ ରଖ
ପଣତ ତଳେ
ଚାଷୀର ଦୁଃଖ ନୋହି ବିମୁଖ
ନାଶ ମା' ନାଶ ।


+ ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬

# କୁଡିଆ ଘର

ପ୍ରଣତି ଆଚାର୍ଯ୍ୟ ମିଶ୍ର





କଲୋନୀ ବାହାରକୁ ପାଦ ଦେବା ମାତ୍ରେ ଛକରେ ଏକ ହନୁମାନ ମନ୍ଦିର । ସନ୍ଧ୍ୟାରେ କିଛି ଯୁବକ ଏବଂ ବୃଦ୍ଧ ଲୋକ ସେଠାରେ ବସିଥାନ୍ତି। ମନ୍ଦିର ପାଖରେ ବାଉଁଶରେ ତିଆରି ଏକ କୁଡ଼ିଆ ଘର । ଏହାର ମାଲିକ ହରି ଗଉଡ । ପୂର୍ବରୁ ସେ ହନୁମାନ ମନ୍ଦିର ପାଖରେ ନିଜ ଟ୍ରଲି ଗାଡ଼ି ଉପରେ ଶୋଉଥିଲେ। ତାଙ୍କୁ ବହୁ ବର୍ଷ ଧରି ସମସ୍ତେ ଦେଖି ଆସୁଛନ୍ତି । ମୁଁ ତାଙ୍କ ବ୍ୟକ୍ତିତ୍ୱ ପ୍ରତି ଆକର୍ଷିତ ଥିଲି କିନ୍ତୁ ତାଙ୍କ ବିଷୟରେ ବହୁତ କମ୍ ଜାଣେ। ସେ ପ୍ରାୟତଃ ଔଷଧ କିଣିବା ପାଇଁ ସାମ୍ନା ଦୋକାନକୁ ଆସନ୍ତି । ଅନେକଙ୍କ ପରି ମୁଁ ବି ଦୋକାନ ମାଲିକ ପାତ୍ରବାବୁଙ୍କ ପାଖରେ ଯାଇ ବସେ। ସାହିତ୍ୟ ପ୍ରତି ପାତ୍ର ବାବୁଙ୍କ ବୁଝାମଣା ବହୁତ ଗଭୀର ତେଣୁ ତାଙ୍କ ସହ ସାହିତ୍ୟ ଆଲୋଚନା କରିବାକୁ ଭଲଲାଗେ । ଆମେ କେବେ କେବେ ହରି ଗଉଡକୁ ସେଠାରେ ଭେଟିଥାଉ। ତେବେ, ଆମେ ପରସ୍ପରକୁ ଦେଖିବା ମାତ୍ରେ ଆଖି ଫେରାଇନେଉ।

ଥରେ ମୁଁ ପଚାରିଲି, କିପରି ଅଛ ? ସବୁ ଭଲ ତ ?

ସେ ହସି କହିଲେ, ମୋର କ'ଣ ଦୁଃଖ ? ସମସ୍ତ ଦୁଃଖ ଭଗବାନଙ୍କ ପାଇଁ... ! ତା'ପରେ ମୁଁ ଅନୁଭବ କଲି ଯେ ଏହି ବ୍ୟକ୍ତିଙ୍କ ହୃଦୟରେ ଏକ ଜ୍ୱାଳାମୁଖୀ ଜଳୁଛି। ତଥାପି ସେ ଏତେ ଖୁସି ଦେଖାଯାଉଛି କିପରି ?ସନ୍ତୋଷ କେବେ ତାଙ୍କ ମନରୁ ଯାଏ ନାହିଁ। ସତୁରି ବର୍ଷ ବୟସରେ ମଧ୍ୟ ସେ ଶ୍ରମିକ ଭାବରେ କାମ କରି ନିଜର ଖର୍ଚ୍ଚ ପୂରଣ କରନ୍ତି।

ଯଦି ସେ ଦୁଃଖରେ ହାର ମାନିଯାଏ ତେବେ ସକାଳର ଜଳଖିଆ ହେଉ କିମ୍ବା ରାତ୍ରୀ ଭୋଜନ ମଧ୍ୟ କରିପାରିବେ ନାହିଁ। ତାଙ୍କ ବୟସ ବଢ଼ିଚାଲିଛି, ତାଙ୍କ ଶରୀର କ୍ଲାନ୍ତ କିନ୍ତୁ ହରି ଗଉଡର ମନୋବଳ ଅକ୍ଷୁର୍ଣ୍ଣ ରହିଥାଏ। ଭଗବାନ ତାଙ୍କ ଶରୀରରେ ଏପରି କଣ ପୂରଣ କରିଛନ୍ତି କେଜାଣି ସେ କ୍ଲାନ୍ତ ଅନୁଭବ କରନ୍ତି ନାହିଁ ? ସେ ଅନେକ ଥର କହୁଥିଲେ, ଯଦି ଆଜି ପାଇଁ ରୋଜଗାର ହୋଇଗଲା, ତେବେ ଚିନ୍ତା କ'ଣ ? ପରିଶ୍ରମ କର ଏବଂ ଖୁସିରେ ରୁହନ୍ତୁ।

ଗୋଟିଏ ଦିନ ହରି ଗଉଡକୁ ପ୍ରବଳ ଜ୍ୱର ହୋଇଥିଲା। ଘରେ ଖାଇବାକୁ କିଛି ନଥିଲା। ଯଦି କାମ ନାହିଁ ତେବେ ଖାଇବା ବନ୍ଦ।

ଏପରି ଗୋଟିଏ ଦିନ, ଦ୍ୱିତୀୟ ଦିନ ଏବଂ ତୃତୀୟ ଦିନ। ଜ୍ୱର ପାଞ୍ଚ-ଛଅ ଦିନ ପର୍ଯ୍ୟନ୍ତ ରହିଲା। ସେ ନଖାଇ ନପିଇ ବହୁତ ଦୁର୍ବଳ ହୋଇଗଲା । ଛୋଟ କୁଡିଆ ଘରେ ପଡ଼ି ଯନ୍ତ୍ରଣାରେ ଛଟପଟ ହରି । କୁଡିଆ ଭିତରକୁ କେବଳ ଗୋଟିଏ ପ୍ରବେଶ ପଥ ତାହା ପୁଣି ଟ୍ରଲି ଗାଡ଼ି ଦ୍ୱାରା ଆବଦ୍ଧ।

ମୁଁ ଏହି ସମସ୍ତ ସୂଚନା ପାଇଲା ବେଳକୁ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇସାରିଥିଲେ। ଗୋଟିଏ ପ୍ରଶ୍ନ ମୋତେ ଅସ୍ଥିର କରିଦେଲା। ସେହି ଦିନଗୁଡ଼ିକରେ ଏକାକୀ ଶୋଇଥିବା ହରିଙ୍କ ମନର ଅବସ୍ଥା କ'ଣ ହୋଇଥିବ ? ତାଙ୍କର ପରିବାର, ସମ୍ପର୍କୀୟ କିମ୍ବା ଅନ୍ୟ କେହି ନଥିଲେ କି ? ଗୋଟିଏ ଦିନ ଆମେ ପାତ୍ର ବାବୁଙ୍କ ଔଷଧ ଦୋକାନରେ ତାଙ୍କୁ ଭେଟିଲୁ। ମୁଁ ଆକସ୍ମିକ ଭାବରେ ପଚାରିଲି, 'ତୁମେ କିପରି ଅଛ ?' ପୁଣି ସେହି ହସ ଯାହା ସେ ଆମ ପ୍ରଥମ ସାକ୍ଷାତ ସମୟରେ ମୋତେ ଦେଇଥିଲେ। ପୁଣି ସେହି ସଂଳାପ, 'ମୋର କ'ଣ ଦୁଃଖ ? ସମସ୍ତ ଦୁଃଖ ଭଗବାନଙ୍କ ପାଇଁ... !'

ମୁଁ ହରି ଗଉଡର ଆଖିକୁ ଚାହିଁଲି। ସତେ ଯେପରି ସେ ନିଶାଗ୍ରସ୍ତ ହୋଇଯାଇଥିଲେ ଏବଂ ତାଙ୍କ ଆଖିରେ ସନ୍ଧ୍ୟା ଫୁଟି ଉଠିଥିଲା। ଅଭିଜ୍ଞତାର ଗରମରେ ଚର୍ମ କଳା ହୋଇଯାଇଥିଲା। ହାତର ଆଙ୍ଗୁଠି ଏବଂ କପାଳ ସମ୍ପୂର୍ଣ୍ଣ ରୁକ୍ଷ ଥିଲା କିନ୍ତୁ ପାଦତଳ ଦୃଢ଼ ଥିଲା। କିଏ ଜାଣେ କେତେ ଭୂମିକମ୍ପର ଅବଶିଷ୍ଟାଂଶରୁ ସୁସ୍ଥ ହୋଇଛନ୍ତି । ମୋ ପ୍ରଶ୍ନର ଉତ୍ତର ଦେବା ସମୟରେ ତାଙ୍କ ଆଖି ପଦ୍ମପତ୍ରରେ କାକର ମୁକ୍ତା ପରି ଚମକୁଥିଲା। ସେ କହିଲେ, 'ଶରୀରରେ ଯନ୍ତ୍ରଣା ଆସିବ ଏବଂ ଚାଲିଯିବ। ଚିନ୍ତା କରିବା ମୋର ସ୍ୱଭାବ ନୁହେଁ।'

ହଁ ଜ୍ୱରରେ କିଛି ଦିନ ଶୋଇରହିଥିଲି। ବୋଧହୁଏ ଭଗବାନ ଚାହୁଁଥିଲେ ମୁଁ କିଛି ଦିନ ପାଇଁ ବିଶ୍ରାମ ନିଏ । ମୁଁ ତାଙ୍କୁ ମୁଁ କାହିଁକି ଦୁଃଖୀ ହେବି ?'

ପୁଣି ତାଙ୍କୁ ପଚାରିଲି, 'ତୁମେ କ'ଣ ଏକା ରହୁଛ ? ତୁମେ ବିବାହ କରି ନଥିଲ ?' ତା'ପରେ ତାଙ୍କ ମୁହଁର ଭାବ ପରିବର୍ତ୍ତନ ହୋଇଗଲା। ଯେପରି ମୋର ପ୍ରଶ୍ନ ତାଙ୍କ ପୁରୁଷତ୍ୱକୁ ଚ୍ୟାଲେଞ୍ଜ କରିଥିଲା। ତୁରନ୍ତ ସେ ଉତ୍ତର ଦେଲେ, 'ମୋର ଦୁଇଟି ପତ୍ନୀ ଥିଲେ, ।

ଦୁଇଟି ଏକାଠି !' ମୁଁ ତାଙ୍କୁ ଉତ୍ତେଜିତ କରିବା ପାଇଁ କହିଲି।

ହଁ, 'କିନ୍ତୁ ଏବେ ଗୋଟିଏ ବି ନାହିଁ, ଠିକ୍ ନା ?'

ସେ ଜୋରରେ ହସିବାକୁ ଲାଗିଲେ। ତା'ପରେ କହିଲେ, 'ତୁମେ ଠିକ୍ କହୁଛ। ରାଜକାର୍ଯ୍ୟ ଚାଲିଗଲା, ତେଣୁ ରାଣୀ ମାନେ ମଧ୍ୟ ଚାଲିଗଲେ।'

ସେ କହିଲେ, ' ମୋ ବାପାଙ୍କର ଦୁଇ ପୁଅ। ତାଙ୍କ ମାଆଙ୍କ ମୃତ୍ୟୁ ପରେ ବାପା ପୁଣି ବିବାହ କଲେ। ମୁଁ ହରି ଗଉଡ , ସେହି ଦ୍ୱିତୀୟ ମାଆର ପୁଅ ! ମୋ ମାଆ ମଧ୍ୟ ମୋର ଜନ୍ମ ପରେ ମୃତ୍ୟୁବରଣ କଲେ। ଦ୍ୱିତୀୟ ବର୍ଷ ବାପା ଶଙ୍କର ଗଉଡଙ୍କ ମୃତ୍ୟୁ ହେଲା। ପ୍ରଥମ ମାଆର ଉଭୟ ପୁଅ ବଡ଼ ହୋଇଯାଇଥିଲେ ଏବଂ ମୁଁ ଏକା ରହିଗଲି। ସେହି ଦିନଗୁଡ଼ିକରେ, ମୁଁ ବଞ୍ଚିବା ପାଇଁ ଶ୍ରମିକ ଭାବରେ କାମ କରିବା ଆରମ୍ଭ କଲି। ଜଣେ ବେପାରୀ ଗାଡ଼ି ଚାଳକ ମୋତେ ତାଙ୍କ ସହିତ ନେଇଗଲେ।

ଆମେ ବଡ ଆମ୍ବଡା ରୁ କଣାଗୁମୁଡା ଦେଇ ଉମରକୋଟ ଗାଡ଼ିରେ ଜିନିଷପତ୍ର ନେଇ ଯାଉଥିଲୁ। ଆମେ ସାରା ଦିନ ଯାତ୍ରା କରୁଥିଲୁ ଏବଂ ରାତିରେ ସେଠାରେ ରହୁଥିଲୁ। ଯେଉଁ ବ୍ୟକ୍ତିଙ୍କ ଘରେ ଆମେ ରହୁଥିଲୁ ତାଙ୍କର ଦୁଇଟି ଝିଅ ଥିଲେ। ସେ ମୋ ପାଇଁ ତାଙ୍କ ଝିଅ ବିଷୟରେ କହିଥିଲେ। ଯେତେବେଳେ ବିବାହ ସ୍ଥିର ହେଲା, ସେ କହିଲେ ଯେ ତୁମକୁ ସାନ ଝିଅର ମଧ୍ୟ ଯତ୍ନ ନେବାକୁ ପଡ଼ିବ। ତାଙ୍କର ଏହି ସର୍ତ୍ତ ଥିଲା କାରଣ ସେମାନଙ୍କ ବାପା ବହୁତ ବୃଦ୍ଧ ଥିଲେ। ତେଣୁ ମୁଁ ଉଭୟଙ୍କୁ ବିବାହ କରିଥିଲି। ସେତେବେଳେ ମୋତେ କୋଡିଏ ବର୍ଷ। '

ହଠାତ୍ ମୁଁ ପଚାରିଲି, ' ତୁମର ପିଲା... ?' ହରି ଗମ୍ଭୀର ଭାବରେ କହିଲେ, 'ବିବାହର ପନ୍ଦର ଦିନ ପରେ ଏକ ଘଟଣା ଘଟିଥିଲା। ଆମେ କିରୋସିନି ଡିବିରି ଜାଳି ରଖିଥିଲୁ। ହଠାତ୍ ଝଡ଼ ପବନ ବହିଲା। ଡିବି ମୋ ଉପରେ ପଡ଼ିଲା ଏବଂ ସମସ୍ତ କିରୋସିନି ମଧ୍ୟ ।' ଏହା କହି ସେ ଚୁପ୍ ହୋଇଗଲେ। କିଛି ସମୟ ପରେ, ତାଙ୍କ କୁର୍ତ୍ତା ଉଠାଇ ତାଙ୍କ ପେଟର ସେହି ଅଂଶ ଦେଖାଇଲେ ଯାହା ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ପେଟ ତଳୁ ସମ୍ପୂର୍ଣ୍ଣ ଶରୀର ପୋଡ଼ି ଯାଇଥିଲା। ଡିବିରି ତାଙ୍କ କୋଳରେ ପଡ଼ିଥିଲା। ହରି ଗଉଡ ସାମାନ୍ୟ ସ୍ମିତହାସ୍ୟ କଲେ। ହୁଏତ ଆଜି ପ୍ରଥମ ଥର ପାଇଁ ତାଙ୍କ ଜୀବନର ରହସ୍ୟ ଉନ୍ମୋଚିତ ହେଉଥିଲା। ମୁଁ ତାଙ୍କ ମାନସିକ ଅବସ୍ଥାକୁ ବୁଝିବାକୁ ଚେଷ୍ଟା କରୁଥିଲି।

ବିବାହର କିଛି ବର୍ଷ ପରେ, ପ୍ରଥମ ସ୍ତ୍ରୀ ଅସୁସ୍ଥ ହୋଇ ଡାକ୍ତରଖାନାରେ ମୃତ୍ୟୁବରଣ କଲେ। ଔଷଧ ପାଇଁ ଟଙ୍କା ନଥିଲା। କିଛି ଦିନ ପରେ, ଭଉଣୀଙ୍କ ବିଚ୍ଛେଦରେ ତାଙ୍କ ସାନ ସ୍ତ୍ରୀ ମୃତ୍ୟୁବରଣ କଲେ। ମୁଁ ଦୁଃଖିତ ଥିଲି ଯେ ସେମାନଙ୍କ ବାପା ମୋତେ ଦାୟିତ୍ୱ ଦେଇ ଉଭୟ ଝିଅଙ୍କୁ ବିବାହ କରାଇଥିଲେ ଏବଂ ମୁଁ ସେମାନଙ୍କୁ ସୁଖ ଦେଇ ପାରିଲିନି। ତଥାପି, ସେମାନଙ୍କ ମଧ୍ୟରୁ କେହି ଅଭିଯୋଗର ଶବ୍ଦ କହି ନଥିଲେ। ଆମ ଜୀବନ ଅନ୍ୟ ଲୋକମାନଙ୍କ ପରି ନଥିଲା। ଆମ ତିନି ଜଣଙ୍କ ମଧ୍ୟରେ ପ୍ରେମର ସାନ୍ତ୍ୱନା ଥିଲା ଏବଂ ଯନ୍ତ୍ରଣାର ମୂଳଦୁଆ ତଳେ ଜୀବନ ବଞ୍ଚିବାର ଆଗ୍ରହ ଥିଲା ।ମୁଁ ପଚାରିଲି ତୁମ ଉଭୟ ସ୍ତ୍ରୀ ଏକାଠି ଚାଲିଗଲେ ତୁମେ ନିଶ୍ଚିତ ଭାବରେ ନିରାଶ ଏବଂ ଏକାକୀ ହୋଇଟଗଲ ତୁମେ ଭାଙ୍ଗି ପଡିଥିବ ନିଶ୍ଚୟ। ତାଙ୍କର ପୁରୁଷାନୁଭୂତିପୂର୍ଣ୍ଣ ଉତ୍ତର ଥିଲା, 'ଯଦି ଅନେକ ବର୍ଷର ସାଥୀମାନେ ତୁମକୁ ଛାଡି ଯାଆନ୍ତି, ତେବେ ନିଶ୍ଚିତ ଭାବରେ ଏକ ସ୍ୱାଭାବିକ ମାନବ ଦୁଃଖ ହେବ। କିନ୍ତୁ ଏସବୁ ମାୟା । ଧୀରେ ଧୀରେ ସବୁକିଛି ସମୟ ଗର୍ଭରେ ଲୀନ ହୋଇଯିବ । କିଏ ଜାଣେ କାଲି ମୋର କ'ଣ ହେବ ? ମୁଁ ବର୍ତ୍ତମାନରେ ବଞ୍ଚେ। ବର୍ତ୍ତମାନକୁ ମୂଲ୍ୟ ଦିଏ। ନିଜ ପାଇଁ ରୋଜଗାର, ଯାହା ଆଜି ପାଇଁ। ମୁଁ କ'ଣ ଚିନ୍ତା କରିବି ? ସମସ୍ତ ଚିନ୍ତା ଈଶ୍ୱରଙ୍କର । ଯେ ପର୍ଯ୍ୟନ୍ତ ଜୀବନ ଅଛି ଉତ୍ସବ କର ଏବଂ ଖୁସିରେ ବଞ୍ଚି ରୁହ।'

ଆକାଶର ସନ୍ଧ୍ୟା ତାରା ଉଜ୍ଜୀବିତ ହୋଇଗଲା। ହରି ଗଉଡ ତାଙ୍କ କୁଡିଆ ଆଡକୁ ଯାଉଥିଲେ।

+ନୟାଗଡ଼
ମୋ: ୯୪୩୭୬୪୨୯୪୭

# ପ୍ରତିବାଦ

ସତ୍ୟନାରାୟଣ ପ୍ରଧାନ

ଅନେକ ଦିନ ପରେ ଘରେ ପୁତ୍ର ସନ୍ତାନଟିଏ ଜନ୍ମ ହୋଇଥିବାରୁ ପୂର୍ବରୁ ଗୋଟେ ମାନସିକ ରଖାଯାଇଥିଲା । ଭଲ ସମୟ ଦେଖି ପୂଜା କାର୍ଯ୍ୟ ବଡ଼ ଧୂମଧାମରେ ଚାଲିଥାଏ। ପରିବାର ଲୋକମାନେ ନିଜ କାମରେ ବ୍ୟସ୍ତ । ସନ୍ଧ୍ୟା ବେଳକୁ ପୂଜା ସରିଲା ସମସ୍ତେ ନିଜ ବାଟରେ ଚାଲିଗଲେ । ସେଇ କୁନି ପିଲାଟିର ବାପା ଆଉ ଡେରି ନ କରି ନିଜ ସ୍ତ୍ରୀକୁ ବାହାରିବା ପାଇଁ କହିଲେ । ସ୍ତ୍ରୀକୁ ଓ ପୁଅକୁ ଗାଡ଼ିରେ ବସାଇ ବାହାରି ପଡିଲେ ଶ୍ୱଶୁର ଘର। ଯିବା ପୂର୍ବରୁ ବାପା ମାଆଙ୍କୁ ଯିବା କଥା ମଧ୍ୟ ଜଣାଇଥିଲେ ।

ରାତିରେ ସେଠାରେ ପହଞ୍ଚିଲା ପରେ ସମସ୍ତେ ଦେଖି ଆଶ୍ଚର୍ଯ୍ୟ । ଏପରି ଅସମୟରେ ଅଚାନକ ଆସିବାର କାରଣ କିଛି ବୁଝି ହେଉ ନ ଥିଲା । ସେ ସ୍ତ୍ରୀ ପୁଅ ସହିତ କିଛି ସମୟ ବିତାଇବା ପରେ ପୁଣି ନିଜ ଘରକୁ ଚାଲି ଆସିଲେ । ଧର୍ମପତ୍ନୀ ଜଣଙ୍କ ନିଜର କିଛି ବୋଧେ ଭୁଲ ହୋଇ ଯାଇଛି ଭାବି ଭୟରେ ସ୍ୱାମୀଙ୍କୁ ଫୋନ୍ କରି ପଚାରିଲେ ।

ସେ ମନର ଅକୁହା କଥା ଗୁଡାକ ଖୋଲି କହିବାରେ ଲାଗି ପଡିଲେ । ଖରା ଦିନ ହୋଇ



ଥିବାରୁ କୁନି ପୁଅକୁ ଭାରି ଗରମ ହେଉଥିଲା । ସେ ମୁହଁ ଖୋଲି କହି ନ ପାରିଲେ ବି ନିଜ କୁଆଁ କୁଆଁ କାନ୍ଦରେ ସବୁକିଛି ଜଣାଇ ଦେଇଥିଲା । କାହା ଆଖିକୁ ପିଲାଟିର କାନ୍ଦ ଦେଖା ଯାଉ ନ ଥିଲା । ତାର କାନ୍ଦ ଗୁଡାକ ଯେପରି ପବନରେ କୁଆଡେ ମିଳେଇ ଯାଇଥିଲା । ମୁଁ ଗୋଟେ ବାପା ହେଉ କି ଘରର ପୁଅ ହିସାବରେ ଆମ ପ୍ରତି ହୋଇ ଆସୁଥିବା ଅନ୍ୟାୟ ଜାଣି ବି ପିଲାଟି ଦିନରୁ ବାପା ମାଆଙ୍କୁ ମୁହଁ ଖୋଲିବା କେବେ ଶିଖିନାହିଁ । ତେଣୁ ବାହା ସାହା ହୋଇଗଲି ବୋଲି ନିଜ ସ୍ୱାର୍ଥରେ ବାଧା ଉପୁଜିଲେ କିଛି କହିବା ମୋ ପକ୍ଷେ ସମ୍ଭବ ନୁହେଁ । ମୁଁ ଚାହିଁଥିଲେ ପୁଅକୁ ଗରମ ହେଉଛି ବୋଲି ଷ୍ଟାଣ୍ଡ ଫ୍ୟାନ ଲଗାଇ ପାରିଥାନ୍ତି । ହେଲେ ଇଲେକ୍ଟ୍ରି ବିଲ ବୃଦ୍ଧି ଲାଗି ଆଉ ଲଗାଇବା ପାଇଁ ଅନୁମତି ନ ଥିଲା । ନିଜେ ରୋଜଗାର କରି ପରିବାର ଚଳାଉଥିଲେ ବି ତଥାପି ମୁଁ ନିରୁପାୟ ।

ସ୍ୱାମୀ କଥା ଆଉ ସେପଟୁ ବୋଧେ ଶୁଭିବା କ୍ଷୀଣ ହୋଇ ଯାଇଥିଲା । ଧର୍ମପତ୍ନୀ ଏଭଳି ପରିସ୍ଥିତିରେ ତାଙ୍କ ମନର ଦୁଃଖକୁ ବୁଝି ସମୟ ଆସିଲେ ସବୁ ଠିକ ହୋଇଯିବ ବୋଲି କହିଲେ। ସୁଖ ଆଉ ଦୁଃଖ ପରା ଦୁନିଆର ନିୟମ ଚକ୍ର । ତୁମେ ପାଖରେ ଥିଲେ ଭୋକରେ ଖାଲି ପାଣି ପିଇଲେ ବି ଅମୃତ ପରି ଲାଗିବ । ଗୋଟେ ସ୍ତ୍ରୀର ଜୀବନରେ ସବୁଠୁ ଦାମିକା ଜିନିଷ ହେଉଛି ତାର ସ୍ୱାମୀ। ଆମ ବିଷୟରେ ମୋତେ ଚିନ୍ତା କରିବା ଦରକାର ନାହିଁ । ରାତି ବେଶି ହେଲାଣି ଶୋଇବ ଯାଅ ପରିବାର ଲୋକ ଯାହା କିଛି କରି ଆସୁଛନ୍ତି ତାହା ଆଦୌ ଠିକ ନୁହେଁ ଆମକୁ ଏଠାରେ ଛାଡ଼ି ଅଭିନବ ଭାବେ ତାର ପ୍ରତିବାଦ କରିବାକୁ ସେ ବାଛି ନେଇଛନ୍ତି ବୋଲି ଧର୍ମପତ୍ନୀକୁ ବୁଝିବା ଲାଗି ବେଶି ସମୟ ଲାଗି ନ ଥିଲା ।

+ ଅଣ୍ଟିଆ, ଜେନାପୁର, ଯାଜପୁର
ପିନ- ୭୫୫୦୨୩ ,
ମୋ - ୯୧୭୮୩୧୩୬୪

# ପ୍ରେମ ଭାଇରସ

ସୁନନ୍ଦା ମହାନ୍ତି



ଶୁଣାଯାଏ ଚୀନର ଏକ ନିର୍ଦ୍ଦିଷ୍ଟ ସହର ଉହାନରୁ ବାଦୁଡ଼ିମାନଙ୍କ ଦେହରୁ ପ୍ରଥମେ ଭାଇରସ ମାତି କରୋନା ଭଳି ସଂକ୍ରମଣ ବ୍ୟାପୀଥିଲା। ସୁଲଗ୍ନାଙ୍କ ଘର ଆଗସାମ୍ନାରେ ଥିବା ବଡ଼ ବରଗଛଟିରେ ଅନେକ ବାଦୁଡ଼ି ରହୁଥାନ୍ତି। ଗୋଡ଼ ଉପରକୁ ମୁଣ୍ଡ ତଳକୁ କରି ଓହଳିଥିବା ଏଇ ପକ୍ଷୀ ଗୁଡିକ ରହୁଥିବା ଏଇ ବରଗଛଟି କାଳକ୍ରମେ ବାଦୁଡ଼ିବରଗଛ ନାମକରଣ ପାଇସାରିଥିଲା। ସୁଲଗ୍ନା ବୋହୂ ହୋଇ ଆସିବା ପରେ ଚିଠି ସବୁ ଆସୁଥିଲା ବାଦୁଡ଼ିବରଗଛ ଠିକଣାରେ। ଶାଶୁ କହୁଥିଲେ ଏଇ ଗଛକୁ ପୂଜା କରି ଏ ସଂସାରର ମୁଁ ଯେମିତି ମଙ୍ଗଳ ମନାସି ଆସିଛି ତୁ ସେମିତି ଏ ଗଛକୁ ପୂଜା କରୁଥିବୁ। ଶାଶୁଙ୍କ କଥା ମାନି ସୁଲଗ୍ନା ଏଯାଏଁ ଏ ବାଦୁଡ଼ି ବରଗଛଟିକୁ ପୂଜା କରି ଆସୁଛନ୍ତି। ଘରର ଉନ୍ନତି ହେବା ସହ ଏକ ମହଲାରୁ ଦୁଇମହଲା ହୋଇଛି ଆଉ ଛାତ ଉପରେ ଚଉରାପୂଜା ସହ ବାଦୁଡ଼ି ବରଗଛର ପୂଜାରେ ସୁଲଗ୍ନା ନିଜକୁ ହଜେଇ ଦେଇ ଦେଖନ୍ତି ବାଦୁଡ଼ି ପରି ନିରୀହ ପକ୍ଷୀ ଗୁଡିକୁ। ସନ୍ଧ୍ୟା ହେଲେ ଡେଣା ଫଡ଼ଫଡ଼ କରି ଉଡିବାକୁ ଲାଗନ୍ତି ସେମାନେ ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଦିଗକୁ ଖାଦ୍ୟ ଅନ୍ୱେଷଣରେ। ତଳେ ଗୋଠବାହୁଡା ଗୋରୁ ଗାଇ ଛେଳି ମେଣ୍ଢା ଓ ଘୁଷୁରିମାନଙ୍କର ଘରବାହୁଡା ସାଙ୍ଗକୁ ଉପରେ ପକ୍ଷୀମାନଙ୍କ ନୀଡ଼ଫେରନ୍ତା ଦୃଶ୍ୟ ଖୁବ ମନମୁଗ୍ଧର ଥିଲା ବେଳେ ବାଦୁଡ଼ିଙ୍କ ଚିଂ ଚାଁ ଶବ୍ଦ ସୁଲଗ୍ନାଙ୍କୁ ଭାରି ମଜ୍ଜା ଲାଗେ। ବାଦୁଡ଼ି ବରଗଛ ପରି ଠିକଣା ବଦଳି ଗଲାଣି ଏବେ ସ୍ମାର୍ଟ ଫୋନ୍‌ର ଆଗମନ ପରେ ପରେ। ବାଦୁଡ଼ି ଦେଖା ଓ ଗଛ ସହ ତାଙ୍କୁ ପୂଜା କରିବା ଛାଡି ନଥିବା ସୁଲଗ୍ନା। ଏବେ କିନ୍ତୁ ବାଦୁଡ଼ି ସହ ସବୁ ପକ୍ଷୀଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି କୋଉ ଭାଇରସ ଭୟରେ କେଜାଣି ସୁଲଗ୍ନା !

ଏଇ କିଛି ଦିନ ଧରି ସୁଲଗ୍ନା ନିଜକୁ ଖୁବ ଏକାକୀ ମନେକରନ୍ତି। ପୁଅ ଝିଅ ଯେ ଯାହା ସଂସାରରେ ବହୁତ ଦୂରରେ। ଶାଶୁ, ଶଶୁର, ବାପା, ମାଆ ସମସ୍ତେ ଆରପାରିରେ। ସ୍ୱାମୀ ସଦା ସର୍ବଦା ନିଜକୁ ବହି ପତ୍ର ଭିତରେ ବୁଡ଼ାଇ ରଖନ୍ତି। ବହି ତାଙ୍କ ଜୀବନର ସବୁକିଛି। ସୁଲଗ୍ନାଙ୍କୁ କିନ୍ତୁ ସେସବୁ ଗନ୍ଧ ହୁଏ କାହିଁକି ? ମନେ ପଡେ ଗପଟିଏ। ଗପଟିରେ ଯେମିତି ଗନ୍ଧର ପ୍ରକୃତ ଅର୍ଥ ନବୁଝି ରାଜା ଘାରି ହେଉଥିଲେ ଆଜି ସୁଲଗ୍ନାଙ୍କ ବହି ପ୍ରତି ଗନ୍ଧର ସେମିତି ଗୋଟେ ଅଲଗା ଦିଗ ଥିଲା। ଯେମିତି ଅବନ୍ତିକା ଦେଶରେ ରବି ସିଂ ବୋଲି ଜଣେ ରାଜା ରାଜୁତି କରୁଥିଲେ। ସେ ମହାତ୍ମା ଆଶୁତୋଷଙ୍କୁ ଖୁବ୍ ଭକ୍ତି କରୁଥିଲେ। ସେଥିପାଇଁ ତାଙ୍କୁ ଭେଟିବା ଲାଗି ପ୍ରତିଦିନ ସାଧୁ ମହାତ୍ମାଙ୍କ ଆଶ୍ରମକୁ ଯାଉଥିଲେ। କିନ୍ତୁ ଯେତେବେଳେ ରାଜା ସାଧୁଙ୍କୁ ନିଜ ମହଲକୁ ଆସିବା ଲାଗି ଆମନ୍ତ୍ରଣ କରୁଥିଲେ ସେତେବେଳେ ମହାତ୍ମା ଆଶୁତୋଷ ତାଙ୍କୁ ମନା କରିଦେଉଥିଲେ। ଦିନେ ରାଜା ରବି ସିଂ ସାଧୁଙ୍କୁ ବହୁତ ଜିଦ୍ କଲେ ରାଜ ମହଲକୁ ଆସିବା ପାଇଁ। ରାଜାଙ୍କ ଜିଦ୍ ଦେଖି ମହାତ୍ମା କହିଲେ, ତୁମ ରାଜ ଭବନକୁ ଗଲେ ମୋତେ ଦୁର୍ଗନ୍ଧ ହେଉଛି। ଏହା ଶୁଣି ରବି ସିଂ ମହଲକୁ ଫେରିଲେ। ମହଲରେ ବସି ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ମହାତ୍ମା କହିଥିବା କଥା ଚିନ୍ତା କରିବାକୁ ଲାଗିଲେ, କିନ୍ତୁ କିଛି ବୁଝିପାରିଲେ ନାହିଁ।ଏହିପରି କିଛିଦିନ ବିତିଗଲା ପରେ ରାଜା ପୁଣି ମହାତ୍ମାଙ୍କ ନିକଟକୁ ଗଲେ। ସଙ୍ଗେ ସଙ୍ଗେ ରାଜାଙ୍କୁ ସାଥୀରେ ନେଇ ମହାତ୍ମା ନିକଟସ୍ଥ ଗାଁକୁ ବୁଲିବା ଲାଗି ଗଲେ। ଦୁହେଁ ଜଙ୍ଗଲ ପାର କରି ଏକ ଗ୍ରାମରେ ଯାଇ ପହଞ୍ଚିଲେ । ଦେଖିଲେ ସେହି ଗାଁରେ କେତେକ ପଶୁ ଥିଲେ। ସେମାନଙ୍କ ଚମଡାରୁ ଖୁବ୍ ଜୋର ଦୁର୍ଗନ୍ଧ ବାହାରୁଥିଲା। ସେହି ଦୁର୍ଗନ୍ଧ ଅସହ୍ୟ ହେବାରୁ ରାଜା ରବି ସିଂ ମହାତ୍ମାଙ୍କୁ କହିଲେ, ଚାଲନ୍ତୁ ଗୁରୁଦେବ ! ଏଠାରୁ ଶୀଘ୍ର ପଳାଇଯିବା,କାରଣ ଏ ଦୁର୍ଗନ୍ଧ ମୁଁ ଆଉ ସହି ପାରୁନାହିଁ। ତାହା ଶୁଣି ମହାତ୍ମା କହିଲେ, କାହିଁ ଦୁର୍ଗନ୍ଧ କେଉଁଠୁ ଆସୁଛି ? ଏଠି ତ ଏତେ ଲୋକ ଅଛନ୍ତି। ତୁମକୁ କେଉଁଠୁ ଗନ୍ଧ ଜଣାପଡୁଛି ? ରାଜା କହିଲେ, ଏଠାକାର ଲୋକମାନେ ଦୁର୍ଗନ୍ଧ ସହ ଖାପ ଖୁଆଇ ନେଇସାରିଲେଣି ।ତେଣୁ ସେମାନେ ଏଠି ରହୁଛନ୍ତି। ଏହାପରେ ରାଜାଙ୍କୁ ବୁଝାଇବାକୁ ଯାଇ ମହାତ୍ମା କହିଲେ, ରାଜନ୍ ! ତୁମ ରାଜ ଭବନର ଏହି ଅବସ୍ଥା ହୋଇଛି। ସେଠାରେ ଲୋକମାନେ ଭୋଗବିଳାସରେ ବୁଡି ରହୁଛନ୍ତି। ମୋ ଭଳି ସାଧୁ ସନ୍ନ୍ୟାସୀ ପାଇଁ ଭୋଗବିଳାସର ଦୁର୍ଗନ୍ଧ ଅସହ୍ଯ ହେବ।



ଯେହେତୁ ତୁମର ଅଭ୍ୟାସ ହୋଇଗଲାଣି, ତେଣୁ ତୁମେ ସେଠାରେ ରହିଛ କିନ୍ତୁ ମୁଁ ସେଠାକୁ ଯିବାର କଳ୍ପନା ସୁଦ୍ଧା କରିପାରୁନାହିଁ। ମନୁଷ୍ୟର ଜୀବନ ଏହିପରି ସେ ଏକାପ୍ରକାର ବାତାବରଣ ମଧ୍ୟରେ ରହିଲେ ନିର୍ଦ୍ଦିଷ୍ଟ ବ୍ୟବହାର ପ୍ରଦର୍ଶନ କରିଥା। ଏହାଦ୍ୱାରା ମନୁଷ୍ୟର ଚିନ୍ତାଧାରା, ଦୂରଦୃଷ୍ଟି ଏବଂ ମାନସିକତା ସଂକୁଚିତ ହୋଇଯାଇଥାଏ। ତେଣୁ ମନୁଷ୍ୟ ନିଜର ମନୋଭାବ ଏବଂ ଚିନ୍ତାଧାରାକୁ ସଙ୍କୁଚିତ ନକରି ସତ୍ କର୍ମ ଏବଂ ସତ୍ ବିଚାର ଦ୍ୱାରା ଜୀବନକୁ ଆଗେଇ ନେବା ଦ୍ୱାରା ସମାଜର ମଙ୍ଗଳ କରିପାରିବ। ରାଜା ଏଥର ମହାତ୍ମାଙ୍କ କଥାର ଅର୍ଥ ବୁଝିପାରିଲେ। ସୁଲଗ୍ନା ମଧ ସ୍ୱାମୀଙ୍କ ବହି ପ୍ରୀତି ଉଚିତ ବୁଝିଥିଲେ ମଧ ସ୍ୱାମୀ ସବୁବେଳେ ଜ୍ଞାନ ଗାରିମା ବଢେଇବା ପାଇଁ ବହି ଭିତରେ ବୁଡି ରହି ସୁଲଗ୍ନାଙ୍କ ପାଇଁ ଏକାକିତ୍ୱ ଡାକିଆଣୁଥିଲେ ଏଥିରେ ସନ୍ଦେହ ନଥିଲା। ତେଣୁ ସୁଲଗ୍ନାଙ୍କର ସମୟ ବିତୁଥିଲା ଛାତ ଉପରେ ପକ୍ଷୀ ଦେଖାରେ। ତେବେ ସନ୍ଦେହ କଣ ପାଇଁ ! ଡର କାହିଁକି ମାଡ଼ି ବସୁଥିଲା ସୁଲଗ୍ନାଙ୍କୁ ବୁଝିବାକୁ ଗଲେ ଦେଖାଗଲା ସ୍ୱାମୀଙ୍କ ବହି ପ୍ରୀତି ଭିତରେ ଗୋଟେ ଅଜବ ଖିଆଲ ପଶି ଆସିଥିଲା ସୁଲଗ୍ନାଙ୍କ ଜୀବନକୁ।

ଠିକ ରାତି ଗୋଟାଏରୁ ଦୁଇଟା ଭିତରେ ରାତ୍ରୀଚର ପକ୍ଷୀର ବୋବାଳି ସୁଲଗ୍ନାଙ୍କୁ ଅସ୍ତବ୍ୟସ୍ତ କରୁଥିଲା। ରାତ୍ରୀଚର ପକ୍ଷୀ ପେଚାର କ୍ରମାଗତ ବୋବାଳି ସୁଲଗ୍ନାଙ୍କୁ ଭାଇରସ ପରି ଡରର କରାଗ୍ରତ ତଥା କରାୟତ କରି ରଖିଥିଲା। ସ୍ୱାମୀ ବହି ଭିତରେ ବୁଡିରହିଲା ବେଳେ ସୁଲଗ୍ନା ଡିଜିଟାଲ ଯୁଗର ନେଟ ଭିତରେ ବୁଡି ଖୋଜୁଥିଲେ ପେଚା ବୋବାଳିର ଶୁଭ ଅଶୁଭ ଫଳ। ବିରକ୍ତ ହେଉଥିଲେ ସ୍ୱାମୀ। ପୂଜା କରୁଥିଲେ ସୁଲଗ୍ନା ବରଗଛକୁ। ଶାଶୁ କହିଯାଇଛନ୍ତି ଏ ବରଗଛକୁ ପୂଜା କରୁଥିଲେ କୌଣସି ବିପତ୍ତି ପଡିବ ନାହିଁ। ବାପା ମାଆଙ୍କ ପରେ ଶିବଲିଙ୍ଗସ ଅର୍ଥାତ ଭାଇଭଉଣୀମାନଙ୍କ ଯିବାଆସିବା କ୍ରମେ କମିଆସିବା ମଧ ନକାରାତ୍ମକ ପ୍ରଭାବ ପକେଇ ଚାଲିଥିଲା ସୁଲଗ୍ନାଙ୍କ ଉପରେ। ତାଙ୍କ ଭିତରୁ କେହି କେହି କେବେ ପଚାରୁଥିଲେ ସେ ବାଦୁଡ଼ି ରହୁଥିବା ବରଗଛ ଅଛି ? ସୁଲଗ୍ନା ହଁ କଲେ ସେମାନଙ୍କ ଭିତରୁ କେହି କହୁଥିଲା ଅନେଶତ ମହାବାତ୍ୟା, ଫନି ଇତ୍ୟାଦି ଏତେ ବାତ୍ୟା ଗଲା କିନ୍ତୁ ବରଗଛର କିଛି ହେଇନି ? ସତେ ଯେମିତି ଦୁର୍ଗନ୍ଧ ହେଉଥିଲା ସେମାନଙ୍କୁ ଯେମିତି ମହାତ୍ମାଙ୍କୁ ରାଜଦରବାର ଓ ସୁଲଗ୍ନାଙ୍କୁ ସ୍ୱାମୀଙ୍କ ବହି ପ୍ରୀତି ଗନ୍ଧାଇଥାଏ।

କଥାଟା ସେତିକିରେ ସୀମିତ ନଥିଲା। ପ୍ରତିବର୍ଷ ଭାଇଭଉଣୀମାନେ ସେମାନଙ୍କ ଘରେ ବନ୍ଧୁମିଳନର ଆୟୋଜନ କରୁଥିବା ବେଳେ ସୁଲଗ୍ନା ଯେବେ ନିଜ ଘରକୁ ସେମାନଙ୍କୁ ନିମନ୍ତ୍ରଣ କରନ୍ତି ସେମାନେ କୌଣସି ନା କୌଣସି ଆଳ ଦେଖାଇ କାଟିଦିଅନ୍ତି। ଏଣିକି ରାତିରେ ପେଚା ଶବ୍ଦ ଶୁଣିବା ଭଳି ଡ଼ର ଓ ଭୟର କାରଣ ସେଇ ବାଦୁଡ଼ି ବରଗଛ ବୋଲି ସେମାନେ ମତ ଦେଲାବେଳେ ସୁଲଗ୍ନା କହନ୍ତି ଏତେ ଏତେ ବାତ୍ୟାରେ ମଧ୍ୟ ସେ ବରଗଛ ଥିବାରୁ ଅନ୍ୟ କୌଣସି ଗଛ ଆମ ଘର ଉପରେ ପଡିନି। ସବୁ ଭଙ୍ଗା ଡ଼ାଳ ଓ ଗଛକୁ ବହନ କରି ବରଗଛ ଜରଦ୍ଗବ ପରି ଆମ ଘରକୁ ରକ୍ଷା କଲାବେଳେ ଶାଶୁ ମନେପଡନ୍ତି ।ଏମିତିକି ନିଜେ ଭାଙ୍ଗିପଡ଼ି ଅନ୍ୟ ଆଡ଼େ ପଡିଛି ବରଗଛର ଡ଼ାଳ ସତ କିନ୍ତୁ ସିଧାରେ ଥବା ଆମ ଘର ଉପରେ କେବେ ନୁହେଁ। ତଥାପି ବାଦୁଡ଼ି ପ୍ରତି ସତର୍କ ରହିଥିବୁ କହି ଭାଇ ଭଉଣୀମାନେ ଆଉ ସୁଲଗ୍ନାଙ୍କ ଘରକୁ ଆସୁନଥିବା ବେଳେ ବାଦୁଡ଼ି ଯୋଗୁଁ ଭାଇରସ ବ୍ୟାପୀ ଭୁତାଣୁ ଜନିତ ରୋଗ ବାହାକ ବାଦୁଡ଼ି ପ୍ରତି ନକାରାତ୍ମକ ଚିନ୍ତାଧାରା ସୁଲଗ୍ନାଙ୍କୁ ଖୁବ ଦୁଃଖ ଦେଇଥିଲା ବେଳେ ସ୍ୱାମୀ ବୁଝେଇ ଦେଇଥିଲେ ତୁମର ଯେମିତି ପେଚା ପ୍ରତି ଗନ୍ଧ ଅଛି ସେମାନଙ୍କର ସେମିତି ବାଦୁଡ଼ି ପ୍ରତି। ଏସବୁ କଥା ଓ କାମ ଭିତରେ ସୁଲଗ୍ନା ଲକ୍ଷ କଲେ ତାଙ୍କ ଦାଣ୍ଡଦୁଆର ଆଗରେ ଥିବା ବରଗଛଟିରୁ ଏବେ ବାଦୁଡ଼ିମାନେ ଅନ୍ୟ ଏକ ଦୂରରେ ତଥା ପୂର୍ବପଟେ ଥିବା ବରଗଛ ଆଡକୁ ମୁହାଁଇଛନ୍ତି। ସୁଲଗ୍ନା ଦୁଃଖରେ ଭାବୁଥାଆନ୍ତି ବିଚରା ବାଦୁଡ଼ିଗୁଡା ପରିବର୍ତ୍ତେ ସେ ପେଚା କୁଆଡେ ଯାଉନି କାହିଁକି ! ନିଶ୍ଚୟ ଏହି ବରଗଛରେ ଘର କରି ରହି ରାତିରେ ଶୀକାର କରିବାକୁ ଯାଇ ବୋବାଳି ଛାଡୁଛି ଯାହା ଶୁଣି ସୁଲଗ୍ନାଙ୍କ ବ୍ଲଡ ପ୍ରେସର ବଢୁଛି, ଅଶୁଭତ୍ୱ ଆଶଙ୍କାରେ।

ସେଦିନ ସାହିତ୍ୟ ଆସରକୁ ଯିବା ବାଟରେ ସମସ୍ତେ ସୁଲଗ୍ନାଙ୍କ କ୍ଷୀଣ ଓ ଦୁର୍ବଳ ସ୍ୱାସ୍ଥ୍ୟ କଥା କହିବା ପରେ ସୁଲଗ୍ନା ଗୋପନୀୟ କଥାଟାକୁ ଫିଟାଇ ଦେଇଥିଲେ। ପେଚା ବୋବାଳି ଡର ଭାଇରସ ତାଙ୍କୁ କବଳିତ କରି ଗ୍ରାସ କରିସାରିଛି। ସବୁଦିନ ନିର୍ଦ୍ଦିଷ୍ଟ ସମୟରେ ପେଚା ବୋବାଳି ଘର ପରିବାର ପ୍ରତି ଅଶୁଭ ମନେକରି ତାଙ୍କର ଏ ଅବସ୍ଥା ଶୁଣି ଜଣେ କହିଲେ ସେ ପେଚା ବୋଲି ଆପଣ କାହିଁକି ଅଶୁଭ ହେବ ବୋଲି ଭାବୁଛନ୍ତି ! ପେଚା ତ ଶୁଭ। ଲକ୍ଷ୍ମୀମାଆଙ୍କ ବାହାନ। ତାକୁ ଦେଖିଲେ ସିନା ଶୁଭ। ବୋବାଳି ଶୁଣିଲେ ପରା ଅଶୁଭ ବୋଲି ନେଟରୁ ପଢି ଜାଣିଲି ଶୁଣି ଜଣେ ସାହିତ୍ୟିକା ବାନ୍ଧବୀ ପ୍ରତିକାର ପାଇଁ ଜଗନ୍ନାଥଙ୍କ ନାକଚଣା ମାଳ ଆଣି ଠାକୁରଘରେ ରଖି ପୂଜା କରିବାକୁ ପରାମର୍ଶ ଦେଉଥିବା ବେଳେ ଆଉ ଜଣେ ସାହିତ୍ୟିକ ବନ୍ଧୁ କହୁଥିଲେ ଗୀତା ପଢନ୍ତୁ। ସବୁ ଶୁଣି ଅଟୋ ଚାଳକ କହିଲେ ସେ ପେଚା ନୁହେଁ ଗୁରୁମା ସେ ବାଦୁଡ଼ି ହୋଇଥିବ। ସବୁ ପକ୍ଷୀ ପରି ବାଦୁଡ଼ିର ମଧ ଭିର୍ନ୍ନ ଭିନ୍ନ ବୋବାଳି ଅଛି। ପେଚା ତ ଶୁଭ କିନ୍ତୁ ବାଦୁଡ଼ି ଭାଇରସ ବାହାକ। ତୁମେ କେମିତି ଜାଣିଲ ଭାଇ ? ବହି ପଢି ଜାଣିଲି ଗୁରୁମା। ସେଦିନଠାରୁ ସୁଲଗ୍ନା ଘରକୁ ଫେରି ଠାକୁରଙ୍କୁ ପ୍ରଣତି ଜଣେଇ କହୁଥିଲେ ପ୍ରଭୁହେ ଦୀନବାନ୍ଧବ ତୁମେ ଏ ଗଛରେ ଥାଇ ଯେମିତି ରକ୍ଷା କରୁଛ ଏ ଘର ଓ ଘରର ସଦସ୍ୟଙ୍କୁ ସେମିତି କରୁଥାଅ ପ୍ରଭୁ। ସ୍ୱାମୀ ବହି ପଢ଼ା ଛାଡି ଉଠି ଆସି କହୁଥିଲେ କଣ ହେଲା ତୁମ ପେଚା ଭାଇରସ କଥା ? କିଛି ଖରାପ ହେଲାକି ? ସୁଲଗ୍ନା କହୁଥିଲେ ନାହିଁ କିଛି ନାହିଁ ଯେ ମତେ ତୁମ ବହି ଦୁଇଖଣ୍ଡ ଦେବ ମତେ । ମୋର ତ ସବୁ ପଢ଼ା ବହି। କୋଉ ବହି ଆଉ ଦେଖିବାକୁ ଥାଏ କି ? ସବୁ ବହି ହିଁ ପଢ଼ା ବହି। ପଢିଲେ ଜାଣିହୁଏ ସବୁ କହି ସୁଲଗ୍ନା ସ୍ୱାମୀଙ୍କ ଟେବୁଲ ଉପରୁ ବହି ଦୁଇଖଣ୍ଡ ଉଠେଇ ନେଉ ନେଉ ସ୍ୱାମୀ ପ୍ରତିବାଦ କରି କହୁଥିଲେ ଆରେ ସେସବୁ ସାହିତ୍ୟ ବହି ନୁହେଁ। ନହେଉ ଭାଇରସ ତ ନୁହେଁ କହି ସୁଲଗ୍ନା ଚାଲିଯାଉଥିଲେ ବହି ନେଇ ରାତିରେ ପଢିବାକୁ ତ ସ୍ୱାମୀ ଚାହିଁ ରହିଥିଲେ ଅବୁଝା ପତ୍ନୀଙ୍କୁ।

+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# ବିଜେଡିର ଜନସମ୍ପର୍କ ପଦଯାତ୍ରା ଉପଲକ୍ଷେ ପ୍ରସ୍ତୁତି ବୈଠକ

ଭଦ୍ରକ, ୧୨/୧୦ (ନି.ପ୍ର): ବିଜୁ ଜନତା ଦଳ ଭଦ୍ରକ ନିର୍ବାଚନ ମଣ୍ଡଳୀ ତରଫରୁ ବିଜେଡ଼ି ଜିଲ୍ଲା କାର୍ଯ୍ୟାଳୟରେ ଆମ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଜୀଙ୍କ ଆସନ୍ତା ଜନ୍ମଦିବସ (୧୬ ଅକ୍ଟୋବର) ଓ ଚଳିତ 'ଜନ ସମ୍ପର୍କ ପଦଯାତ୍ରା' ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହେଲା । ଉକ୍ତ ବୈଠକରେ ଆଗାମୀ ନବୀନ ବାବୁଙ୍କ ଜନ୍ମ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର ସହିତ ଜନ ସମ୍ପର୍କ ପଦଯାତ୍ରା ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସର୍ବ ସହମତି କ୍ରମେ ସୂଚନା ଦିଆଯାଇଅଛି । ଉକ୍ତ ବୈଠକଟି ଭଦ୍ରକ ବ୍ଲକ ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ବରିଷ୍ଠ ଉପ-ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ, ଦେବୀଦରା ମହାନ୍ତି, ସୁଚିସ୍ମିତା ସାହୁ, ଦିଲ୍ଲୀପ ନାୟକ(ୱାର୍ଡ ନଂ ୫) ବିଶୁ ନାୟକ, ଅକ୍ଷୟ କୁମାର ମହାନ୍ତି, ଗଣେଶ ପଣ୍ଡା, ମୁକ୍ତିକାନ୍ତ ସାହୁ, ପଙ୍କଜ ବଳ, ଫରହାତ ଆଲମ୍ ଖାନ, ଅଧିବକ୍ତା ପଓ୍ୱନ ଶର୍ମା, ଚନ୍ଦ୍ରକାନ୍ତ ମହାପାତ୍ର, ରତ୍ନାକର ସାମଲ, ବିଶ୍ୱନାଥ ଉପାଧ୍ୟାୟ, ଦିଲ୍ଲୀପ ନାୟକ(ହରିପୁର), ଶଙ୍କର୍ଷଣ ପଣ୍ଡା, ଟୁଲୁ ପୁହାଣ, ଗୋପାଳ ଚନ୍ଦ୍ର ଦାସ, ରଘୁନାଥ ପଣ୍ଡା, ସୁଶାନ୍ତ ଚୌଧୁରୀ, ପ୍ରତାପ ମହାନ୍ତି, ଦାଶରଥି ମିଶ୍ର, ବସନ୍ତ ଜେନା, ଖଗେଶ୍ୱର ମିଶ୍ର ମେହେବୁ ଖାନ, ଗୋପୀନାଥ ନାୟକ, ହରିହର ଜେନା, ସୁବ୍ରତ କୁମାର ଦାସ, କୁମାର କେଶରୀ ନାୟକ, ପ୍ରିୟବ୍ରତ ନାୟକ, ବିକାଶ ଶ୍ରେଷ୍ଠା, ଆଶିଷ କୁମାର ମହାନ୍ତି, ସୌମେନ୍ଦ୍ର ସାହୁ, ନାସିରୁଦ୍ଦିନ ଖାନ, ଦେବାଶିଷ ଭାରତୀ, ଜିତନ ପଣ୍ଡା, ଗୁରୁଦୟାଲ ସାମଲ, କାମେଶ ବାରିକ ଙ୍କ ସହିତ ବରିଷ୍ଠ, ମହିଳା ଓ ଯୁବଛାତ୍ର ନେତୃମଣ୍ଡଳୀ ଉପସ୍ଥିତ ଥିଲେ ।

# ଭଦ୍ରକ-ଆରଡି ରାଜ୍ୟ ରାଜପଥକୁ ଦୋହରିକରଣ କରିବା ପାଇଁ ବୁଦ୍ଧିଜୀବି ମହଲରୁ ଦାବି : ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ଅଂଚଳବାସୀ

ଭଦ୍ରକ, ୧୨/୧୦ (ନି.ପ୍ର): ରାଜ୍ୟ ସରକାର ଭଦ୍ରକ-ଆରଡି ରାସ୍ତାକୁ ଷ୍ଟେଟ ହାଇୱେ ନମ୍ବର ୩୫ ଘୋଷଣା କରିଛନ୍ତି । ଓଡିଶା ରାଜ୍ୟର ଅନେକ ଜିଲ୍ଲାର ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଲୋକ ଏହି ରାସ୍ତା ଉପରେ ନିର୍ଭର କରନ୍ତି । ହେଲେ ରାସ୍ତା ର ଗୁରୁତ୍ୱ ନେଇ ରାଜ୍ୟ ସରକାର ୨୦୨୧-୨୨ ଆର୍ଥିକ ବର୍ଷରେ ଟ ୪୦ କୋଟି ଟଙ୍କା ଭଦ୍ରକ- ଆରଡି ରାସ୍ତାକୁ ପ୍ରଶସ୍ତ ଓ ଉନ୍ନତି କରିବା ପାଇଁ ରାଜ୍ୟ ସରକାର ଯୋଜନା କରି ପ୍ରଶାସନିକକୁ ଆଦେଶ ଦେଇଥିଲେ । ଭଦ୍ରକର ଆର.ଏଣ୍ଡ.ବି ଅଧକ୍ଷକ ଯନ୍ତ୍ରୀଙ୍କ ସହିତ ୨୫.୦୮.୨୦୨୨ ରିଖରେ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଥିଲା । ଚୁକ୍ତି ମୁତାବକ ରାସ୍ତା ତା ୦୫.୦୯.୨୦୨୨ ରିଖ ରେ କାର୍ଯ୍ୟ ଆରମ୍ଭ ହୋଇ ତା ୪.୯.୨୦୨୪ ରିଖ ରେ ରାସ୍ତା ପ୍ରଶସ୍ତିକରଣ ଓ ଉନ୍ନତି କାର୍ଯ୍ୟ ଶେଷ ହେବାର ସ୍ଥିର କରାଯାଇଥିଲା । ତେବେ ୪୦ କୋଟି ରୁ ଘୁରି ଯାଇ ୩୦ କୋଟି ଟଙ୍କାର ରାସ୍ତା ଖର୍ଚ୍ଚ ପାଇଁ ବିଭାଗୀୟ ଅଧିକାରି କାର୍ଯ୍ୟ ପାଇଁ ଚୁକ୍ତି ବଦ୍ଧ କରିଥିଲା । ତେବେ ରାସ୍ତା କାର୍ଯ୍ୟ ର ଅବଧି ସରିଥିଲେ ସୁଧା ଅଦ୍ୟାବଧି କାର୍ଯ୍ୟ ସରିପାରିଲାନାହିଁ । ଏ ନେଇ ଧୁଶୁରୀ ଠାରେ ହୃଦାନନ୍ଦ ପାଠାଗାର ଠାରେ ଶନିବାର ଦିନ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ବରିଷ୍ଠ ଆଇନିଯିବି ଶଶୀ ଭୂଷଣ ପଣ୍ଡା ଙ୍କ ଆବାହକତ୍ୱରେ ତୁରନ୍ତ ରାସ୍ତା କାର୍ଯ୍ୟ ସାରିବା ସହ ରାସ୍ତାକାର୍ଯ୍ୟପାଖରେ ବିଭାଗୀୟ ଅଧିକାରୀ ଙ୍କ ଉପସ୍ଥିତ ରହିବା, ରାସ୍ତା ନିର୍ମାଣ ପାଇଁ ରାସ୍ତାର ଦୁଇ ପାଖରେ କଟାଯାଇଥିବା ଗଛ ପାଇ ନୂତନ ଚାରା ଲଗାଇବା, ରାସ୍ତା ମଝିରେ ବିଭାଜକ ନିର୍ମାଣ କରା ଯାଇ ସେ ସ୍ଥାନ ରେ ଚାରା ରୋପଣ କରାଯିବା ଆଦି ଆଲୋଚନା କରା ଯାଇଥିଲା । ଯଦି ଏ ସବୁ ଦାବି ପୁରଣ ନହୁଏ ଆଗମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆ ଯାଇଥିଲା । ତେବେ ଉକ୍ତ ରାସ୍ତା ସଂପର୍କ ରେ ପ୍ରଥମେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ଭଦ୍ରକ ଜିଲ୍ଲାପାଳ, ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଙ୍କୁ ଦାବିପତ୍ର ପ୍ରଦାନ କରା ଯିବବୋଲି ଏହି ସାମ୍ବାଦିକ ସମ୍ମିଳନୀ ରେ ବୁଦ୍ଧିଯିବି ରମେଶ ବେହେରା ,ଆଲୋକ ସ୍ୱାଇଁ, ସତ୍ୟମୂର୍ତ୍ତି ବେହେରା,ଶରତ ସୂତାର,ବିଜୟ ମହାପାତ୍ର, ରତନ ବେହେରା ପ୍ରମୁଖ ସୁଚନା ଦେଇଛନ୍ତି ।

# କଲେଜ ଛାତ୍ରୀଙ୍କୁ କମେଂଟ ମରାକୁ ନେଇ ଗଣ୍ଡଗୋଳ : ଥାନାରେ ଏତଲା

ଧର୍ମଶାଳା, ୧୨/୧୦ (ନି.ପ୍ର): ରାସ୍ତାରେ ଯାଉଥିବା କଲେଜ ଛାତ୍ରୀଙ୍କୁ କମେଂଟ ମରାକୁ ନେଇ ଗଣ୍ଡଗୋଳ । ଏଭଳି ଅଭାବନୀୟ ଘଟଣା ଘଟିଛି ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ବ୍ରହ୍ମବରଦା ଥାନା ଅନ୍ତର୍ଗତ ଝାଲପଡା ପଂଚାୟତରେ । ଏନେଇ ବ୍ରହ୍ମବରଦା ଥାନାରେ କଲେଜ ଛାତ୍ରୀଙ୍କ ପରିବାର ପକ୍ଷରୁ ଅଭିଯୋଗ କରିଥିବା ବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ଏହି ଘଟଣାକୁ ନେଇ ପଂଚାୟତରେ ଚାପା ସୃଷ୍ଟି ହୋଇଛି । ଅଭିଯୋଗ ମୁତାବକ, ବ୍ରହ୍ମବରଦା ଥାନା ଅନ୍ତର୍ଗତ ଝାଲପଡା ପଂଚାୟତସ୍ଥ ଝାଲପଡା ଗ୍ରାମ ମୁଖ୍ୟ ରାସ୍ତାରେ ଗଲା କିଛି ଦିନ ହେବ ଅସାମାଜିକ ଯୁବକ ଜଲେଜ ଯାତାୟତ କରୁଥିବା ଛାତ୍ରୀଙ୍କୁ କମେଂଟ ମାରି ଆସୁଥିଲେ । ଏନେଇ କଲେଜ ଛାତ୍ରୀ ଜଣକ ପରିବାରଙ୍କୁ ଜଣାଇ ଥିଲେ । ପରିବାର ଲୋକେ କମେଂଟ ମାରୁ ଥିବା ଯୁବକଙ୍କ ପରିବାରଙ୍କୁ ଜଣାଇଥିଲେ । ଏହି ଘଟଣାକୁ ନେଇ ଉଭୟଙ୍କ ମଧ ବଚସା ହୋଇଥିଲା । ଶୁକ୍ରବାର ଦିନ ଗ୍ରାମର ଅନ୍ତ ବାସୁଳାଇ ମନ୍ଦିର ନିକଟରେ ଛାତ୍ରୀ ଜଣକ ଭାଇ ସହିତ କଲେଜ ଯିବା ସମୟରେ ସେହି ଅସାମାଜିକ ଯୁବକମାନେ କମେଂଟ ମାରିଥିଲେ । ଏହାକୁ ନେଇ ଛାତ୍ରୀଙ୍କ ଭାଇ ପ୍ରତିବାଦ କରିବାରୁ ୨ଜଣ ଅସାମାଜିକ ଯୁବକମାନେ ଆକ୍ରମଣ କରିଥିଲେ । ତେବେ ଆଜି ଛାତ୍ରୀଙ୍କ ଭାଇ ଓ ସମ୍ପର୍କୀୟ ଭାଇ ଝାଲପଡା ନଦୀ ବନ୍ଧ ଉପରେ ଯିବା ସମୟରେ ପୁନଃର୍ବାର ୨ ଅସାମାଜିକ ଯୁବକ ଓ ଅନ୍ୟ ୨ଜଣ ସହଯୋଗୀ ସେମାନଙ୍କୁ ଅଟକାଇ ମାଡ ମାରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଯାହାକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ହାତାହାତି ହୋଇଥିଲା । ଖବର ପାଇ ବ୍ରହ୍ମବରଦା ପୋଲିସ ସଦଳବଳେ ଘଟଣାସ୍ଥଳରେ ପଂହଚିବା ପରେ ଘଟଣା ଶାନ୍ତ ପଡିଥିଲା । ଏନେଇ କଲେଜ ଛାତ୍ରୀଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିବା ବେଳେ ଓ ଅପର ପକ୍ଷରୁ ବ୍ରହ୍ମବରଦା ଥାନାରେ ପାଲଟା ଅଭିଯୋଗ ହୋଇଥିବା ଜଣାପଡିଛି ।

# ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

କେନ୍ଦ୍ରାପଡ଼ା, ୧୨/୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାସମାଜ ମଙ୍ଗଳ ବିଭାଗ ପକ୍ଷରୁ ଆନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ୨୦୨୫ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷ୍ମମା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ନବକ୍ରିଷ୍ଟ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଡିଓ ଅଭିଶେକ ସ୍ୱାଇଁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ବର୍ଷ ଅକ୍ଟୋବର ମାସ ୧୧ ତାରିଖ ରେ ଆନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ କରାଯାଏ । ସଖୀ ସହେଲୀ ଗ୍ରୁପ୍ର ମୁଖ୍ୟ ସଂପର୍କରେ ଆଲୋଚନା କରାଯାଇ ଥିଲା । କିଶୋରୀମାନେ ସେମାନଙ୍କ ଜୀବନ ନେତୃତ୍ୱର ଅଭିଜ୍ଞତା ସଂପର୍କରେ ଆଲୋଚନା କରିଥିଲେ । କିଭଳି ନେତୃତ୍ୱ ନେଇ ଆଗକୁ ବଢିପାରିବେ ସେ ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା । ଜିଲ୍ଲାର ୯ଟି ବ୍ଲକର ଶହେରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ରେ ବିଭିନ୍ନ ପ୍ରତିଯୋଗୀତା ରେ ଅଂଶ ଗ୍ରହଣ କରି ଉତୀର୍ଣ୍ଣ ହୋଇଥିବା ୨୬ଜଣଙ୍କୁ ପୁରସ୍କୃତ କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ହବ୍‌ର ଡିସି ଲଲାତେନ୍ଦୁ ଭୋଇ, ଭାରତୀ ବେହେରା, ସୁକାନ୍ତିଲତା ମହାପାତ୍ର, ସବିତାରାଣୀ ସ୍ୱାଇଁ, ପୋଷଣର ଡିସି ସଂଜୟ ପାତ୍ର, ମମତାର ଡିସି ମନୋରଞ୍ଜନ ଦାସଙ୍କ ସମେତ ସମସ୍ତ ସିଡିପିଓ, ସୁପର ଭାଇଜର, ହବ୍‌ର ଅଙ୍ଗନୱାଡୀ କର୍ମୀ, କିଶୋରୀ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ଧନଧାନ୍ୟ କୃଷି ଯୋଜନା ସମାରୋହ ଆୟୋଜିତ

କେନ୍ଦୁଝର, ୧୨/୧୦ (ନି.ପ୍ର): ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ କରକମଳରେ ଶୁଭାରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଧନଧାନ କୃଷି ଯୋଜନା ଓ ଜାତୀୟ ଡାଲି ମିଶନ ଉପଲକ୍ଷେ ଆଜି ଜୁଡ଼ିଆ ସ୍ଥିତ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରର ସଭାଗୃହରେ ଆୟୋଜିତ ହୋଇଥିବା ଜିଲ୍ଲାସ୍ତରୀୟ ସମାରୋହକୁ କେନ୍ଦୁଝରଗଡ଼ ମୁନିସିପାଲିଟିର ଚେୟାରମ୍ୟାନ ନିକୁ ସାହୁ ବୃକ୍ଷରେ ଜଳଦାନ କରି ଉଦଘାଟନ କରିଛନ୍ତି । ଉଦଘାଟନ ପର୍ବରେ ଜୁଡ଼ିଆ କୃଷି ଫାର୍ମର ମୁଖ୍ୟ କିଶୋର ସାହୁ ଓ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସତ୍ୟବାନ ସୋରେନ ପ୍ରମୁଖ ସଭାମଂଚରେ ଉପସ୍ଥିତ ଥିଲେ । ଉକ୍ତ ସମାରୋହରେ ବିଭିନ୍ନ ବ୍ଲକରୁ ଆସିଥିବା କୃଷକ ଭାଇଭଉଣୀ, ବିଭିନ୍ନ ବିଭାଗର ଅଧିକାରୀ, କୃଷି ବୈଜ୍ଞାନିକ, କୃଷି ସମ୍ପ୍ରସାରଣକର୍ମୀ ପ୍ରମୁଖ ଆଭାସୀ ଯୋଜନା ମାଧମରେ, ମାନନୀୟ ପ୍ରଧାନମନ୍ତ୍ରୀଙ୍କ କରକମଳରେ ଉଦଘାଟିତ ପ୍ରଧାନମନ୍ତ୍ରୀ ଧନଧାନ୍ୟ ଯୋଜନା ଓ ଜାତୀୟ ଡାଲି ମିଶନ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଓ ମୁଖ୍ୟ କୃଷି ବୈଜ୍ଞାନିକ କୃଷି ଜ୍ଞାନ କୌଶଳର ଉପଯୋଗ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ ।

ମୁଖ୍ୟଅତିଥି ନିକୁ ସାହୁ କୃଷି ଜ୍ଞାନ କୌଶଳର ଉପଯୋଗ ଓ ବିଭିନ୍ନ ଯୋଜନାରେ ମିଳୁଥିବା ସୁବିଧାକୁ ଉପଯୋଗ କରି ଆତ୍ମନିର୍ଭର ଭାରତ ଗଠନରେ ସହାୟକ ହେବାକୁ ଉପସ୍ଥିତ କୃଷକ ଭାଇଭଉଣୀଙ୍କୁ ଅନୁରୋଧ କରିଥିଲେ । ଶେଷରେ କେନ୍ଦୁଝର ଜିଲ୍ଲା କୃଷି ଅଧିକାରୀ ଶ୍ରୀ ବିଶ୍ୱଜୟୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଧାୟକଙ୍କ କଥା ରଖିଲେ ମୁଖ୍ୟମନ୍ତ୍ରୀ : ଚଣ୍ଡିଖୋଲରେ ସ୍ଥାପନ ହେବ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ

ଧର୍ମଶାଳା, ୧୨/୧୦ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଓ ଚଣ୍ଡିଖୋଲ ଅଂଚଳରେ ଆଇନଶୃଙ୍ଖଳା ପରିସ୍ଥିତି କୁ ସୃଦୃଢ଼ କରିବା ନିମନ୍ତେ ଏକ ଏସଡିପିଓ କାର୍ଯ୍ୟାଳୟ ସ୍ଥାପନ କରାଯିବା ନେଇ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ବିଧାନ ସଭାରେ ପ୍ରସ୍ତାବ ରଖିଥିଲେ । ଏହି ପ୍ରସ୍ତାବ କ୍ରମେ ଚଣ୍ଡିଖୋଲ ଠାରେ ଏକ ନୂତନ ଏସଡିପିଓଙ୍କ କାର୍ଯ୍ୟାଳୟ ସ୍ଥାପନ କରାଯିବା ନେଇ ଓଡ଼ିଶା ସରକାର ଙ୍କ ପକ୍ଷରୁ ଚିଠି ହୋଇଛି । ଜିଲ୍ଲାରେ ଯାଜପୁର ରୋଡ ଏବଂ ଯାଜପୁର ଟାଉନ ଦୁଇଟି ଏସଡିପିଓ କାର୍ଯ୍ୟାଳୟ ରହିଛି । ଯାଜପୁର ରୋଡ ସ୍ଥିତ ଏସଡିପିଓ ଙ୍କ ଅଧୀନରେ ୧୦ଟି ଥାନା ଏବଂ ଗୋଟିଏ ଟ୍ରାଫିକ ଥାନା ରହିଛି । ଯାଜପୁର ରୋଡ ସ୍ଥିତ ଏସଡିପିଓ ଙ୍କ କାର୍ଯ୍ୟାଳୟ ଠାରୁ ଧର୍ମଶାଳା , ଜେନାପୁର , ବଡ଼ଚଣା , ବୈରି, ବାଲିଚନ୍ଦ୍ରପୁର ଭଳି ବିଭିନ୍ନ ଥାନାର ଦୂରତା ଯଥେଷ୍ଟ ରହିଛି । ଯାହାଫଳରେ କୌଣସି ଅପରାଧିକ କାର୍ଯ୍ୟକଳାପ ରୋକିବାରେ ସମସ୍ୟା ଦେଖାଦେଉଛି । ଚଣ୍ଡିଖୋଲ ଓ ଏହାର ଆଖପାଖ ଅଂଚଳରେ ଦିନକୁ ଦିନ ନିଶା କାରବାର ବଢିବା ସହ ଅପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି । ତେଣୁ ଏହି ଅଂଚଳରେ ଏକ ନୂତନ ଏସଡିପିଓ କାର୍ଯ୍ୟାଳୟ ସ୍ଥାପନ ନିମନ୍ତେ ବିଧାୟକ ଶ୍ରୀ ସହୁ ଅକ୍ଟୋବର ମାସ ୨୨ତାରିଖ ରେ ବିଧାନସଭା ଅଧିବେଶନରେ ପ୍ରଶ୍ନ କରିଥିଲେ । ସରକାର ଏହାକୁ ଗୁରୁତର ସହ ନେଇ ତୁରନ୍ତ କାର୍ଯ୍ୟାଳୟ ଖୋଲିବା ପାଇଁ ମଞ୍ଜୁରୀ ପ୍ରଦାନ କରିବା ପରେ ବିଧାୟକ ହିମାଂଶୁ ଶେଖର ସାହୁ ସରକାରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଗଣଦୁଷ୍କର୍ମକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା ସିପିଏମ୍



ଜଳେଶ୍ୱର, ୧୨/୧୦ (ନି.ପ୍ର): ପଶ୍ଚିମବଙ୍ଗ ସ୍ଥିତ ଆର ଜି କର ମେଡିକାଲ କଲେଜର ଡାକ୍ତର ଛାତ୍ରୀଙ୍କୁ ବଳାତ୍କାର ଓ ବିଭତ୍ସ ହତ୍ୟାକାଣ୍ଡକୁ ଲୋକେ ଭୁଲିନଥିବା ବେଳେ ଦୁର୍ଗାପୁର ଠାରେ ଅବସ୍ଥିତ ଆଉ ଏକ ଘରୋଇ ମେଡିକାଲ କଲେଜର ଛାତ୍ରୀ ନାରକୀୟ ଗଣ ଦୁଷ୍କର୍ମର ଶିକାର ହେବା ଅତ୍ୟନ୍ତ ନିନ୍ଦନୀୟ ଘଟଣା । ଏହି ଅମାନୁଷିକ ଘଟଣାକୁ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ଜଳେଶ୍ୱର ଆଞ୍ଚଳିକ କମିଟି ତରଫରୁ ଘୋର ନିନ୍ଦା କରାଯାଇଛି । ଏହି ଘଟଣା ଯେ ସେଠାକାର ସରକାରକୁ କାଠ ଗଡାରେ ଛିଡ଼ା କରାଇ ଦେଇଛି ଏଥିରେ ସନ୍ଦେହ ନାହିଁ । ଦୁଷ୍କର୍ମର ଶିକାର ହୋଇଥିବ ଡାକ୍ତର ଛାତ୍ରୀ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଜଳେଶ୍ୱର ଅଞ୍ଚଳର ଜଣା ପଡ଼ିବା ପରେ ପାର୍ଟିର ଏକ ପ୍ରତିନିଧି ଦଳ ପୀଡ଼ିତାଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ବୁଝାସୁଝା କରିବା ସହିତ ଏଭଳି ବିପଦ ବେଳେ ଦଳ ପରିବାର ପାଖରେ ଛିଡ଼ା ହେବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଛି । ସେଠାକାର ସରକାର ଓ ପୋଲିସ ପୀଡ଼ିତାଙ୍କ ପରିବାରକୁ ଠିକ୍ ଭାବରେ ସହଯୋଗ କରୁନଥିବା ଶୁଣିବା ପରେ ଦୁଷ୍କର୍ମକାରୀମାନେ ଧରା ପଡ଼ିବା ଏବଂ ଦଣ୍ଡିତ ହେବା ନେଇ ଦଳ ଆଶଙ୍କା ପ୍ରକଟ କରିଛି । ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଯଦି ସେଠାକାର ସରକାର ହାଲୁକା ଢ଼ଙ୍ଗରେ ନେଉଥାନ୍ତି ତେବେ ଏହାଠାରୁ ଦୁଃଖ ଓ ପରିତାପର ବିଷୟ କିଛି ହୋଇନପାରେ । ଏଭଳି ଅମାନବୀୟ ଘଟଣା ବାରମ୍ବାର ଘଟିବା ଏବଂ ଦୋଷୀ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନହେବା ପଛରେ ପଶ୍ଚିମବଙ୍ଗର ତୃଣମୂଳ ସରକାର ଓ କେନ୍ଦ୍ରର ବିଜେପି ସରକାର ମଧ୍ୟରେ ଏକ ଗୁପ୍ତ ଅସାଧୁ ମେଣ୍ଟ କାମ କରୁଛି ବୋଲି ଦଳ ପକ୍ଷରୁ ସଙ୍ଗୀନ ଅଭିଯୋଗ କରାଯାଇଛି । ତୁରନ୍ତ ଦୁଷ୍କର୍ମକାରୀ ମାନଙ୍କୁ ଧରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ପୀଡ଼ିତାଙ୍କୁ ଏକ କୋଟ ଟଙ୍କାର ସହାୟତା ରାଶି , ଛାତ୍ରୀଙ୍କର ସମସ୍ତ ପଢ଼ା ଖର୍ଚ୍ଚ ପଶ୍ଚିମବଙ୍ଗର ସରକାର ଯୋଗାଇଦେବାର ବ୍ୟବସ୍ଥା କରନ୍ତୁ ଏବଂ ପୀଡ଼ିତାଙ୍କ ନିରାପତ୍ତାର ସମ୍ପୂର୍ଣ୍ଣ ଦାୟିତ୍ୱ ସରକାର ନିଅନ୍ତୁ ବୋଲି ସିପିଏମ ତରଫରୁ ପ୍ରତିନିଧି ଦଳରେ ଥିବା ବରିଷ୍ଠ ବାମପନ୍ଥୀ ନେତା ଦିଲ୍ଲୀପ କୁମାର ଗିରି, ବାଲେଶ୍ୱର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଦିପ୍ତିମାନ ଆଚାର୍ଯ୍ୟ, ପୂର୍ବତନ ସରପଞ୍ଚ ଦିଲ୍ଲୀପ ପରିଡ଼ା, କୃଷକ ନେତା ରବିନ୍ଦ୍ର ବାରିକ ଓ ଗଣତାନ୍ତ୍ରିକ ମହିଳା ସମିତିର ସବିତା ଭୂୟାଁ ଦାବୀ କରିଛନ୍ତି ।

# ମଦ୍ୟପ ସ୍ୱାମୀର ଉନ୍ମତକାଣ୍ଡ : ଟାଙ୍ଗିଆ ଚୋଟରେ ସ୍ତ୍ରୀ ମୃତ

ବାରିପଦା, ୧୨/୧୦ (ନି.ପ୍ର): ସ୍ତ୍ରୀକୁ ଟାଙ୍ଗିଆରେ ହାଣି ସ୍ୱାମୀ ହତ୍ୟା କରିଦେଇଛି । ଏହିପରି ହତ୍ୟାକାଣ୍ଡ ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ସାଲେଇବେଡା ଗ୍ରାମପଂଚାୟତ ଅନ୍ତର୍ଗତ ଆସନକୁଦର ଗ୍ରାମ ପୁରୁଣା ଖେଡ଼ିଆ ସାହିରେ ଘଟିଛି । ସୂଚନା ଅନୁଯାୟୀ ଆସନକୁଦର ଗ୍ରାମରେ ଥିବା ପୁରୁଣାସାହିରେ ଖଡ଼ିଆ ଜନ ଜାତିର କିଛି ପରିବାର ରୁହନ୍ତି । ସୁବୁଦ୍ଧି ଦେହୁରୀ (୫୫) କୌଣସି କାରଣରୁ ସ୍ତ୍ରୀ ଟୁନି ଦେହୁରୀ ସହ ବଚସା ହୋଇଥିଲା । ଏଥିରେ ସୁବୁଦ୍ଧି ଉତକ୍ଷିପ୍ତ ହୋଇ ଘର ଭିତରେ ଥିବା ଟାଙ୍ଗିଆ ଆଣି ସ୍ତ୍ରୀ ବେକକୁ ହାଣି ହତ୍ୟା କରିଥିଲେ । ଯାହା ଫଳରେ ତାଙ୍କର ମୃତ୍ୟୁ ହୋଇଛି । ଖବର ପାଇ ଠାକୁରମୁଣ୍ଡା ଥାନା ପୋଲିସ ଘଟନସ୍ଥଳରେ ପହଂଚି ଶବକୁ ଜବତ କରି ସ୍ୱାମୀ ସୁବୁଦ୍ଧିକୁ ଆଣି ଥାନାରେ ଅଟକ ରଖିଛନ୍ତି । ସାଇଂଟିଫିକ୍ ଟିମକୁ ଘଟଣାସ୍ଥଳରେ ପହଂଚି ତଦନ୍ତ ଜାରି ରଖିଛନ୍ତି ।

# ବଲାଙ୍ଗୀର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଶ୍ୱ ମାନସିକ ଦିବସ ପାଳିତ

ବଲାଙ୍ଗୀର, ୧୨/୧୦ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ବଲାଙ୍ଗୀର ତରଫରୁ, ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ବିଶ୍ୱ ମାନସିକ ଦିବସ, ଏ.ଏନ୍.ଏମ୍ ଟ୍ରେନିଂ ସେଂଟର ଠାରେ ପାଳନ କରାଯାଇଅଛି । କାର୍ଯ୍ୟକ୍ରମଟି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନମିତା ମିଶ୍ର(ଭାରପ୍ରାପ୍ତ ଅଧିକାରୀ)ଙ୍କର ମାର୍ଗଦର୍ଶକରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସେକ୍ରେଟାରୀ ପବିତ୍ରାନନ୍ଦ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ । ମାନସିକ ରୋଗୀର ଅଧିକାର ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଦିବ୍ୟ କିଶୋର ପତି, ମାନସିକ ରୋଗ ଲକ୍ଷଣ ଓ ନିରାକରଣ ଉପରେ ଉପସ୍ଥାପନ କରିଥିଲେ । ପୂର୍ବତନ ମାନସିକ ବିଭାଗର ପରିଚାଳକ ସୁଖୀଶ୍ୟାମ ତ୍ରିପାଠି, ମାନସିକ ରୋଗୀମାନଙ୍କର ସେବା ଓ ଥଇଥାନ ବିଷୟରେ ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମରେ ଭୀମ ଭୋଇ ମେଡିକାଲ କଲେଜ, ମାନସିକ ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ଡା. ଆଶିର୍ବାଦ ଶତପଥୀ, ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ଅଧିକାରୀ ଡା. ଅନିଲ କୁମାର ନାୟକ, ଏ.ଏନ୍.ଏମ୍ ଟ୍ରେନିଂ ସେଂଟର ଅଧକ୍ଷା ବିନୋଦିନୀ ଦାସ, ଜିଲ୍ଲା ଅବକାରୀ ବିଭାଗର କର୍ମଚାରୀ ବୃନ୍ଦ, ଜିଲ୍ଲା ଆରକ୍ଷୀ ବିଭାଗର କର୍ମଚାରୀବୃନ୍ଦ, ରେଡକ୍ରସ ସଦସ୍ୟ ବୃନ୍ଦ, ସରକାରୀ ନର୍ସିଂ ବିଦ୍ୟାଳୟ ଛାତ୍ରୀ ଓ ଅଧ୍ୟାପିକାମାନେ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସେବକ ଓ ସେବିକ ବୃନ୍ଦ ଏବଂ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଓ ଜିଲ୍ଲା ନିଶା ନିବାରଣ କେନ୍ଦ୍ରର ସଦସ୍ୟଗଣ ଉପସ୍ଥିତ ରହିଥିଲେ । ମାନସିକ ସାମାଜିକ କର୍ମୀ ମଳୟ କୁମାର ନାଗ ସଭାଟିକୁ ପରିଚାଳନା କରିଥିଲେ । ଏହି ଦିବସ ଉପଲକ୍ଷେ ଏକ ରାଲି ଓ ପଥପ୍ରନ୍ତ ନାଟକ ପରିବେଷଣ କରାଯାଇଥିଲା । ଶେଷରେ କ୍ଲିନିକାଲ ସାଇକୋଲୋଜିଷ୍ଟ ସୁଶ୍ରୀ ପ୍ରିୟା ପ୍ରତୀକ୍ଷା ଧାରୁଆ ଉପସ୍ଥିତ ସଦସ୍ୟବୃନ୍ଦଙ୍କୁ ଧନ୍ୟବାଦ ଦେଇଥିଲେ ।

# ଅରୁଣୋଦୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

ସମ୍ବଲପୁର, ୧୨/୧୦ (ନି.ପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ସ୍ଥିତ ଅରୁଣଦୟ ମାନସିକ ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । କୁଚିଣ୍ଡା ତାଲୁକ ସ୍ତରୀୟ ଆଇନ ସେବା କମିଟି ପକ୍ଷରୁ ଏହି ଦିବସ ବିଦ୍ୟାଳୟରେ ଆୟୋଜିତ କରାଯାଇଥିଲା । ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଦୌରା ଜଜ ପ୍ରଭାକର ଗାଣ୍ଡିଆଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଡାକ୍ତର ଶରତ ଚନ୍ଦ୍ର ଗୌନ୍ତିଆ, ସମ୍ମାନିତ ଅତିଥି ଭାବେ ଦେୱାନୀ ଜଜ୍ ପଲ୍ଲବୀ ରାଣୀ ସାହୁ, ଏସଡିଜେଏମ ଅବିନାଶ ଚିନ୍ନରା ,ତାଲୁକ ସ୍ତରୀୟ ଆଇନ ସେବା କମିଟି ସଦସ୍ୟ କରୁଣାକର କିସାନ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ସଭାକୁ ରୋପ୍ ଅନୁଷ୍ଠାନ ନିର୍ଦ୍ଦେଶକ ପ୍ରଦୀପ କୁମାର ପରିଚାଳନା କରିଥଲେ । ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥିଗଣ ମାନସିକ ଶିଶୁଙ୍କ ସେବା, ଯତ୍ନ, ସୁରକ୍ଷା ଓ ଆଇନଗତ ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ଦେଇଥିଲେ । କୁଚିଣ୍ଡା ବରିଷ୍ଠ ନାଗରିକ ପରିଷଦ, 'ମାନ୍ୟତା' ସମାଜସେବୀ ଅନୁଷ୍ଠାନର କର୍ମକର୍ତ୍ତା ମାନେ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୧୫ ଜଣ ଶିଶୁଙ୍କ ସମେତ ଶିଶୁଙ୍କ ପିତା ମାତା, ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଏବଂ ରୋପ୍' କର୍ମକର୍ତାଗଣ ଉପସ୍ଥିତ ଥିଲେ । ଏହି ଅବସରରେ ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିୟନସିପ ଟ୍ରଫି ଖେଳି ରୌପ୍ୟ ଓ ବ୍ରୋଞ୍ଜ୍ ପଦକ ହାସଲ କରିଥିବା ସୋମ୍ୟକାନ୍ତ ମହକୁଲଙ୍କୁ ଏକ ଟ୍ରଫି ଅତିଥି ଗଣ ପ୍ରଦାନ କରି ସମ୍ମାନିତ କରିଥିଲେ । ଡ଼ା ଶରତ ଚନ୍ଦ୍ର ଗୌନ୍ତିଆ ସ୍କୁଲ୍କୁ ଏକ ନିମ୍ବୁଲାଇଜର ଓ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ । ମାନ୍ୟତା ଗ୍ରୁପ ର ସହଯୋଗରେ ୨୦ ଟି କଦଳୀ ଚରା ମୂଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥି ଗଣଙ୍କ ଦ୍ୱାରା ରୋପଣ କରାଯାଇଥିଲା । ସଭାରେ ପ୍ରକାଶ ଗୁପ୍ତା, ଆରତୀ ନାୟକ, ପର୍ଶୁରାମ ମିଶ୍ର, ସୁରଥ ନାୟକ, ମଳୟ ବେହେରା, ମନୋଜ ସାହୁ, ବିଜୟ ଶଙ୍କର ସାହୁ, ସୁଶାନ୍ତ ମହକୁଲ ପ୍ରମୁଖ ଉପସ୍ଥିତ ରହିଥିଲେ । ଶେଷରେ ଅରୁଣୋଦୟ ସମ୍ପାଦକ ଶାନ୍ତନୁ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ବିଶ୍ୱ କଲ୍ୟାଣ ପାଇଁ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଓ କାର୍ତ୍ତିକ ମେଳା ପ୍ରସ୍ତୁତି ବୈଠକ

ସମ୍ବଲପୁର, ୧୨/୧୦ (ନି.ପ୍ର): ପ୍ରତିବର୍ଷ ଗୁଦଗୁଦା ଜଳପ୍ରପାତ ନିକଟସ୍ଥ ସୁପ୍ତ ଗଙ୍ଗେଶ୍ୱର କ୍ଷେତ୍ର ବଡବାହାଲ ଠାରେ ବିଶ୍ୱ କଲ୍ୟାଣ ନିମିତ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଓ କାର୍ତିକ ମେଳାର ପବିତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ । ଯାହାକି ଅନେକ ଦୂର ଦୁରନ୍ତରୁ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥାଏ । ଏହି ଅନୁଷ୍ଠାନ କାର୍ତିକ ମାସର ଚତୁର୍ଦ୍ଦଶୀ ଦିନରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିଥାଏ । ମହାଯଜ୍ଞର ଅନ୍ତର୍ଗତ ଅଷ୍ଟପ୍ରହର ନାମକୀର୍ତନ, ହୋମ ଯଜ୍ଞ, ଚଣ୍ଡୀପାଠ, ରୁଦ୍ରାଭିଷେକ, ଅନ୍ନଯଜ୍ଞ, ଦାନଯଜ୍ଞ ଓ ଭଜନ ସମାରୋହ ଆଦି ବିବିଧ ପୂଜା ପାଠ ସହିତ ଦୁଇ ଦିନ ଧରି ଅନୁଷ୍ଠିତ ହୁଏ । ପାରମ୍ପରିକ ନୃତ୍ୟ ଓ ଭଜନ ମଧ ଏହାର ଅଂଶ ବିଶେଷ ରହିଛି । ଏହି ବିଶିଷ୍ଟ ଆୟୋଜନ ପ୍ରକୃତିପୂଜାର ବିଶେଷ ଦୃଷ୍ଟାନ୍ତ, ଯେଉଁଥିରେ ବର୍ଷର ପ୍ରତ୍ୟେକ ମାସର ଦୁଇପକ୍ଷ ଚତୁର୍ଦ୍ଦଶୀ ସନ୍ଧ୍ୟାରେ ଗଙ୍ଗା ଆଳତୀ ଓ କାର୍ତିକ ପୂର୍ଣ୍ଣିମା ଦିନ ମହାଆଳତି ଆୟୋଜିତ ହୋଇଥାଏ । ଏହା ଦ୍ୱାରା ମାନବମଙ୍ଗଳ, ସମୃଦ୍ଧି ଓ ପ୍ରକୃତି ପ୍ରେମ ସୂଚିତ ହୁଏ । ଏହି ମର୍ମରେ ଚଳିତ ବର୍ଷ ନଭେମ୍ବର ୪ ତାରିଖ ଦିନ ସକାଳେ ଅଧିବାସ ଓ ୫ ତାରିଖ ପୂର୍ଣ୍ଣାହୁତି ହେବାର ଯୋଜନା ସ୍ଥିରୀକୃତ ହୋଇଛି । ଏଥିରେ ଆଂଚଳିକ ଲୋକ ଓ ଦୂର ଦୁରନ୍ତରୁ ଆସିଥିବା ଶ୍ରଦ୍ଧାଳୁ ମିଶି ଆସନ୍ତି ଓ ବିଶ୍ୱ କଲ୍ୟାଣ ପାଇଁ ଆଶୀର୍ବାଦ ସହ ଘରକୁ ପ୍ରତ୍ୟାବର୍ତନ କରିବେ । ଆଜି ଏସମ୍ପର୍କରେ କୁସୁମୀ ସ୍ଥିତ ଆର୍ଯ୍ୟ ଗ୍ଲୋବାଲ ସ୍କୁଲ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଜିର ବୈଠକରେ ମିତ୍ରଭାନୁ ପଟେଲ ସଭାପତିତ୍ୱ କରିଥିବା ବେଳେ ବୈଠକରେ ଅନିରୁଦ୍ଧ ନାଏକ, କ୍ଷୀରୋଦ ପଟେଲ, ନରେଶ ପଟେଲ, ଦୀପକ ପଟେଲ, ବିଶ୍ୱହିନ୍ଦୁ ପରିଷଦର କେନ୍ଦ୍ରୀୟ ମାର୍ଗଦର୍ଶକ ଜୀବନ ମୁକ୍ତନନ୍ଦ ପୁରୀ ଜି ମହାରାଜ, ପ୍ରଦୀପ ନନ୍ଦ, ଚୂଡ଼ାମଣି ମାଝୀ, ଉପେନ୍ଦ୍ର ପଟେଲ, ଦେବଦତ ନାଏକ, ବିଭୂତି କଲ୍ୟାଣ ପଟେଲ, ସଞ୍ଜୀବ ପଟେଲ, ଅର୍ଜୁନ ପାତ୍ର, ଧନୁର୍ଜୟ ନାଏକ, ପସ୍ପୁ ସିଂ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ ।

# କୃଷି ବିଜ୍ଞାନ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ପିଏମ୍ ଧନଧାନ୍ୟ ଯୋଜନା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୧୨/୧୦ (ନି.ପ୍ର): ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଚାଷୀ ଭାଇ ଭଉଣୀ ମାନଙ୍କୁ କୃଷି ପ୍ରକଳ୍ପର ଉପହାର ସ୍ୱରୂପ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଅନୁଷ୍ଠିତ ହୋଇଯାଇଛି । କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡଃ. ଅରବିନ୍ଦ ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ୨୦୦ ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଧନଧାନ୍ୟ କୃଷି ଯୋଜନା ଓ ଡାଲି ଆତ୍ମ ନିର୍ଭରତା ମିଶନର ଶୁଭାରମ୍ଭ ହେବା ସହ କୃଷି ଭିତିଭୂମି ପାଣ୍ଠି, ପଶୁପାଳନ, ମତ୍ସ୍ୟ ପାଳନ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୧୧୦୦ରୁ ଅଧିକ ପ୍ରକଳ୍ପ ଉଦ୍‌ଘାଟନ ହୋଇଥିଲା ।

# ବାଛୁରୀପଡାରେ ବାଣ ଦୋକାନ ଖୋଲିବାକୁ ନେଇ ଅନିଶ୍ଚିତତା : ତଦନ୍ତ ପାଇଁ ଉପଜିଲ୍ଲାପାଳ ଏବଂ ତହସିଲଦାରଙ୍କ ସ୍ଥିତି ଅନୁଧ୍ୟାନ



ବୈଶିଙ୍ଗା , ୧୨/୧୦ (ନି.ପ୍ର): ଦୀର୍ଘ ବର୍ଷ ଧରି ବୈଶିଙ୍ଗା ଥାନା ଅନ୍ତର୍ଗତ ବାଛୁରିପଡା ଗ୍ରାମରେ ବାଣ ତିଆରି ଏକ କୁଟୀର ଶିଳ୍ପରେ ପରିଣତ ହେବା ଘଟଣା ପ୍ରାୟ ସମସ୍ତଙ୍କୁ ଜଣା । ଦୀପାବଳୀର ଏକ ମାସ ପୂର୍ବରୁ ଜିଲ୍ଲା ବାହାରୁ ବ୍ୟବସାୟୀ ମାନେ ଆସି ଏହିଠାରୁ ବାଣ ନେଇ ବ୍ୟବସାୟ କରିଥାନ୍ତି ।ଏହି ଗ୍ରାମରେ କେବଳ ୪ଜଣ ଙ୍କ ନାମରେ ଗ୍ରୀନ ବାଣ ବିକ୍ରୀ ପାଇଁ ବିଧିବଦ୍ଧ ଲାଇସେନ୍ସ ଥିଲେ ମଧ୍ୟ ବେଆଇନ ଭାବେ ୪୦/୫୦ ପରିବାର ବାଣ ତିଆରି କରିଥାନ୍ତି । ମାତ୍ର ସରକାରଙ୍କ ଗାଇଡ ଲାଇନ୍ କୁ ଦେଖାତିର କରି ବାଣ ତିଆରି କରୁଥିବା ରୁ ପ୍ରତିବର୍ଷ ଅଘଟଣ ଘଟି ମୃତ୍ୟୁବରଣ କରୁଥିବାର ଜଣାଯାଇଛି ।୨୦୨୨ ରେ ଜଣେ,୨୦୨୩ରେ ଜଣେ ଏବଂ ଚଳିତ ବର୍ଷ ଅକ୍ଟୋବର ୫ ତାରିଖ ଦିନ ବିସ୍ଫୋରଣ ଘଟି ସନ୍ତୋଷ ଦାସ ଙ୍କ ପୁଅ ଅନୀଲ ଦାସ (୩୫)ଙ୍କ କଟକ ବଡ ମେଡିକାଲରେ ୬ତାରିଖ ଦିନ ମୃତ୍ୟୁ ଘଟିବା ପରେ ଜିଲ୍ଲ ପ୍ରଶାସନର ନିଦ ଭାଙ୍ଗିଥିଲା । ଏଥି ସହିତ ପୁରୁଣିଆ ସରପଞ୍ଚ ସୁନ୍ଦରମୋହନ ସିଂ ଏବଂ ବେତନଟୀ ବ୍ଲକ ଉପାଧ୍ୟକ୍ଷ ଦେବଦତ୍ତ ତିଆଡି ଏଭଳି ଅଘଟଣ କୁ ରୋକିବା ପାଇଁ ଜିଲ୍ଲାପାଳ, ଉପ ଜିଲ୍ଲାପାଳ,ଏସପି, ଡ଼ିଆଇଜି ଏବଂ ତହସିଲଦାର ଓ ଆଇ ଆଇ ସି ଙ୍କୁ ଏକ ଅଭିଯୋଗ ପତ୍ର ମାଧ୍ୟମରେ ଗ୍ରାମ ସଂଲଗ୍ନ ଜଙ୍ଗଲ ଜମିରେ 'ବାଣ ମେଳା' ବନ୍ଦ କରିବାକୁ ନିବେଦନ କରିଥିଲେ ।ଏହି ଅଭିଯୋଗ ପାଇ ଆଜି ରବିବାର ପୂର୍ବାହ୍ନରେ ସଦର ଉପ ଜିଲ୍ଲାପାଳ ଦୟାସିନ୍ଧୁ ପରିଡା ଏବଂ ବେତନଟୀ ଅତିରିକ୍ତ ତହସିଲଦାର ଈଶ୍ୱର ଚନ୍ଦ୍ର ରଣା ବୈଶିଙ୍ଗା ପୋଲିସ ଟିମ ସହିତ ବାଛୁରୀପଡ଼ା ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ସାଙ୍ଗରେ ଅଗ୍ନିଶମ ବାହିନୀ ମଧ୍ୟ ଉପସ୍ଥିତ ରହିଥିଲେ । ଏଥି ସହିତ ଅଭିଯୋଗକାରୀ ଦେବଦତ୍ତ ତିଆଡି ଏବଂ ସୁନ୍ଦର ମୋହନ ସିଂ ମଧ୍ୟ ଉପସ୍ଥିତ ରହି ସମସ୍ତ ବୃତ୍ତାନ୍ତ କହିବା ସହିତ ଆଗକୁ ଆଉ କିପରି ଅଘଟଣ ନ ଘଟୁ ସେଥିପାଇଁ ଅସ୍ଥାୟୀ ବିକ୍ରୀ ଲାଇସେନ୍ସ ନ ଦେବାକୁ ଅନୁରୋଧ କରିଥିଲେ। ଏଥି ସହିତ ୫ ତାରିଖ ବିସ୍ଫୋରଣ ଘଟିବା ଦିନ ଗ୍ରାମ ପାର୍ଶ୍ୱରେ ଅର୍ଦ୍ଧ ନିର୍ମିତ ପଞ୍ଚାୟତ ସମିତି ତରଫରୁ ନିର୍ମାଣାଧିନ ଛାତ ଘରୁ ୩୫ ବସ୍ତା ତିଆରି ବାଣ କୁ ବୈଶିଙ୍ଗା ପୋଲିସ ଜବତ କରିଥିବା ଏହି ଘରଟିକୁ ଉପ ଜିଲ୍ଲାପାଳଙ୍କୁ ଦେଖାଇଥିଲେ । ସିଧାସଳଖ ଜେଇ,ଏ ଇ ଇ ଏବଂ ବିଡିଓ ଏହି ଘଟଣାରେ ଜଡ଼ିତ ଥିବା ନେଇ ବୈଶିଙ୍ଗା ଥାନାରେ ମଧ୍ୟ ଅଭିଯୋଗ କରା ଯାଇଛି । ତେବେ ଘଟଣାସ୍ଥଳରେ ସାମ୍ବାଦିକ ପହଞ୍ଚି ଉପଜିଲ୍ଲାପାଳ ଙ୍କୁ ପଚାରିଲେ ଏହି ଘଟଣା ପରେ ବାଣ ବିକ୍ରୀ ପାଇଁ ଅନୁମତି ଦେବେ କି? ତା ଉତ୍ତରରେ ସେ କହିଲେ ହେବା ତ ଅନୁଚିତ ତେବେ ମୁଁ ସ୍ଥିତି ବିଷୟରେ ଜିଲ୍ଲାପାଳ ଙ୍କୁ ଜଣାଇବି ସେ ଯାହା ନିଷ୍ପତ୍ତି ନେବେ ।

# ନିଖୋଜ ନାବାଳିକା ଅମର୍ଦ୍ଦାରୋଡରୁ ଉଦ୍ଧାର



ବସ୍ତା , ୧୨/୧୦ (ନି.ପ୍ର): ମା' ଗାଈ ପାଇଁ ଘାସ କାଟିବାକୁ ଯାଇଥିବା ବେଳେ ନାବାଳିକା ଝିଅ ମାକୁ ଖୋଜୁ ଖୋଜୁ ଅପହରଣ ର ସ୍ୱୀକାର ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ଗତକାଲି ଦିନ ୪ଟା ଠାରୁ ନାବାଳିକା ଝିଅ ଟି ନିଖୋଜ ଥିଇଯାଇଥିବା ବେଳେ ପରିବାର ଲୋକେ ଚାରିଆଡ଼େ ଖୋଜା ଖୋଜି କରିଥିଲେ। ସନ୍ଧାନ ନ ପାଇ ବିଳମ୍ବିତ ରାତିରେ ଅମର୍ଦା ରୋଡ ଫାଣ୍ଡିକୁ ଯାଇଥିଲେ। ସାଙ୍ଗରେ ଝିଅର ଫୋଟ ନଥିବାରୁ ଫାଣ୍ଡି ଅଧିକାରୀ ସକାଳେ ଆସି ବାକୁ କହିଥିଲେ ।ରାତି ତମାମ ଜ୍ଞାତି କୁଟୁମ୍ବ ଘରେ ଖୋଜାଖୋଜି କରି ପରିବାର ବର୍ଗ ଝିଅକୁ ନ ପାଇ ଚିନ୍ତାରେ ଭାଙ୍ଗି ପଡିଥିଲେ। କିନ୍ତୁ ଦିନକ ପରେ ନାବାଳିକା ଝିଅ ଟିକୁ ଅମର୍ଦ୍ଦାରୋଡ ସିଦ୍ଧେଶ୍ୱର କଲେଜ ନିକଟ ରାସ୍ତାରେ ଝିଅଟି କାନ୍ଦୁ ଥିବାର ଦେଖି ଝିଅଟିକୁ ପଚାରି ରାତିରେ ତାଙ୍କ ଘରେ ରଖିଥିଲେ ।ତେବେ ଆଜି ସକାଳେ ସମ୍ପର୍କୀୟ ମଉସା ଏବଂ ଭଉ ଣୀ ପିଲାଟିକୁ ଖୋଜି ଖୋଜି କରି ଆସୁଥିବା ବେଳେ ଜୈନିକ ବ୍ୟକ୍ତିଙ୍କ ଗେଟ ଆଗରେ ବସି କାନ୍ଦୁଥିବାର ଦେଖିଥିଲେ। ଏବଂ ଘରକୁ ଖବର ଦେବା ସହ ନାବାଳିକା ଝିଅକୁ ସାଙ୍ଗରେ ଆଣି ଛାଡି ଥିଲେ। ସୂଚନା ମୁତାବକ ବସ୍ତା ଥାନା ଅର୍ନ୍ତଗତ ପୁରୁଷୋତ୍ତମପୁର ପଞ୍ଚାୟତର ବିରିପଦା ଗ୍ରାମର ସନ୍ନ୍ୟାସି ସେଣଙ୍କ ୭ବର୍ଷର ଝିଅ ସଞ୍ଜିତା ସେଣ ଚନ୍ଦ୍ର ଶେଖର ଉଚ୍ଚପ୍ରାଥମିକ ବିଦ୍ୟାଳୟ ଦରଖୋଳି ରେ ଦିତୀୟ ଶ୍ରେଣୀର ଛାତ୍ରୀ ଅଟେ। ସ୍କୁଲ ଛୁଟି ଥିବାରୁ ଗତ କାଲି ସନ୍ଧ୍ୟା ସମୟରେ ମା ଆଶାଲତା ଗାଈ ପାଇଁ ଘାସ କାଟିବାକୁ ଯାଇ ଥିବା ବେଳେ ଝିଅଟି ମା'କୁ ଖୋଜି ଖୋଜି ନିକଟସ୍ଥ ନୁଣିଆ ପୋଖ ରି ପର୍ଯ୍ୟନ୍ତ ଯାଇଥିଲେ ।ସେହି ସମୟରେ ସେହି ରାସ୍ତା ଦେଇ ଏକ ଅଜଣା ଅଟୋ ଯାଉଥିଲା। ଅଟୋ ବାଲା ଝିଅଟିକୁ ଏକୁଟିଆ ଦେଖି ମା ପାଖରେ ଛାଡ଼ିଦେବେ କହି ଅଟୋରେ ବସାଇ ଥିଲା ଏବଂ ଆଖିରେ କିଛି ସ୍ପ୍ରେ କରି ନେଇଯାଇଥିବା ବେଳେ ଘର ଠାରୁ ୬କିମି ଦୂରରେ ପିଲାଟିକୁ ଓହ୍ଲାଇ ଦେଇ ପଳାଇଥିଲେ। ତେବେ ଟିକିନା ଜେନା ନାମକ ବ୍ୟକ୍ତି ଗତକାଲି ରାତି ୭ଟା ବେଳେ ରାସ୍ତାରେ ଛିଡ଼ାହୋଇ ପିଲାଟି କାନ୍ଦୁଥିବାର ଦେଖି ପଚରା ଉଚୁରା କରି ରାତିରେ ତାଙ୍କ ଘରେ ରଖିଥିଲେ। ଏପଟେ ରାତି ତମାମ ପରିବାର ଲୋକେ ଖୋଜାଖୋଜି କରିବା ସହ ସୋସିଆଲ ମିଡିଆରେ ଝିଅ ଟିର ଫୋଟ ପୋଷ୍ଟକରି ନିଖୋଜ ବାର୍ତ୍ତା ଦେଇଥିଲେ। ତେବେ ଆଜି ସମ୍ପର୍କୀୟ ମାନେ ଖୋଜିଖୋଜି କରି ଆସୁଥିବା ବେଳେ ଅମର୍ଦ୍ଦାରୋଡ ସିଦ୍ଧେଶ୍ୱର କଲେଜ ନିକଟ ଟିକନା ଜେନା ଘର ଗଳିରେ ବସି କାନ୍ଦୁଥିବାର ଦେଖିଥିଲେ ଏବଂ ବିରିପଦା ସ୍ଥିତ ନାବାଳିକା ଝିଅ ଘରକୁ ଖବର ଦେଇଥିଲେ। ତେବେ ଏଭଳି ଘଟଣାରେ ଗ୍ରାମରେ କକୁଆ ଭୟର ବାତାବରଣ ସୃଷ୍ଟି କରିଥିଲା। ପିଲାଟିକୁ କୌଣସି ଦୁର୍ବୃତ ଅପହରଣ ଉଦ୍ୟମ କରୁଥିବା ସନ୍ଦେହ କରି ପରିବାର ଲୋକ ଅମର୍ଦ୍ଦାରୋଡ ଫାଣ୍ଡିରେ ଅଭିଯୋଗ କରିଛନ୍ତି ଏବଂ ପିଲାଟିକୁ ଡାକ୍ତରୀ ଚିକିତ୍ସା କରାଇଥିଲେ ।ତେବେ ଆଜି ସକାଳେ ପିଲାଟି ଘରକୁ ଫେରିଲା ପରେ ପରିବାର ଲୋକେ ଭଗବାନଙ୍କୁ ଧନ୍ୟବାଦ ଦେଇ ଘରେ ପୂଜାର୍ଚ୍ଚନା କରିଥିଲେ ।ଏ ବାବଦରେ ଅମର୍ଦ୍ଦାରୋଡ ପୋଲିସ ଅନୁସନ୍ଧାନ ଜାରି ରଖିଥିବା ଜଣାପଡିଛି।

# ଶ୍ରୀ ବଳଦେବଜୀଉ ସାଉଣ୍ଡ ଓ ଲାଇଟ ସଂଘର ବୈଠକ

କେନ୍ଦ୍ରାପଡ଼ା, ୧୨/୧୦ (ନି.ପ୍ର): କେନ୍ଦ୍ରାପଡା ର ଶ୍ରୀ ବଳଦେବଜୀଉ ସାଉଣ୍ଡ ଓ ଲାଇଟ ସଂଘର ଏକ ବୈଠକ ସ୍ଥାନୀୟ ଜଇପୁରା ସ୍ଥିତ ଦିବ୍ୟ ପ୍ୟାଲେସରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ସରୋଜ ମେକାପଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସଂପାଦକ କିଶୋର କୁମାର ସାହୁଙ୍କ ସମେତ ରାମପ୍ରସାଦ ଚକ୍ରବର୍ତ୍ତୀ, ଜନ୍ମେଜୟ ସାହୁ, ସନ୍ତୋଷ କୁମାର ପଣ୍ଡା, ରଶ୍ମିରଂଜନ ସୂତାର ପ୍ରମୁଖ ଉପସ୍ଥିତ ରହି ସଂଘର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ବିଭାଗର ପର୍ବପର୍ବାଣି ଏବଂ ଶୋଭାଯାତ୍ରାର ଅନୁମତି ନେଲାପରେ ମଧ୍ୟ ଜିଲ୍ଲାର ବିଭିନ୍ନ ଅଂଚଳରେ ଥିବା ଥାନା ଅଧିକାରୀ ମାନେ ଏମାନଙ୍କୁ ହଇରାଣ ହରକତ କରିବା ସହିତ ଗାଡି ଜବତ କରୁଛନ୍ତି ।

# ଶିବାନନ୍ଦ ଆଶ୍ରମ ପକ୍ଷରୁ ଭ୍ରାମ୍ୟମାଣ ସତସଙ୍ଗ

କେନ୍ଦ୍ରାପଡ଼ା, ୧୨/୧୦ (ନି.ପ୍ର): ଗରାପୁର ଶିବାନନ୍ଦ ଆଶ୍ରମ ପକ୍ଷରୁ କାକଟସ୍ଥିତ କାଳୀୟଦଳନ ମେଢ ନିକଟରେ ଏକ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରାପଡାର ଗଣପର୍ବ ଗଜଲକ୍ଷ୍ମୀ ପୂଜାରେ କୌଣସି ମେଢ ନିକଟରେ ଅଶ୍ଳୀଳ ନାଚଗୀତ କରାନଯାଇ ଭଜନ ଓ କୀର୍ତନ ପରିବେଷଣ କରାଯିବାକୁ ସମସ୍ତ ପୂଜା କମିଟିର କର୍ମକର୍ତାମାନଙ୍କୁ ନିବେଦନ କରିଥିଲେ। ଏଥିସହିତ ମେଢଗୁଡିକ ନିକଟରେ ଗୀତାପାଠ ଓ ଲକ୍ଷ୍ମୀପୁରାଣ ପାଠ କରାଯିବାକୁ ଶ୍ରୀ'ମା ପରାମର୍ଶ ଦେଇ କହିଥିଲେ ଯେ ଏହାଦ୍ୱାରା ପରିବେଶ ଓ ବାତାବରଣରେ ସୁଧାର ଆସିପାରିବ। ଏହାବ୍ୟତିତ ଏକ ମହିଳା ସତସଙ୍ଗ ମଣ୍ଡଳୀ ଗଠନ କରି ପ୍ରତ୍ୟେକ ପୂଜା ମଣ୍ଡପ ନିକଟରେ ସତସଙ୍ଗ କାର୍ଯ୍ୟକ୍ରମ କରାଗଲେ ପରିବେଶ ଓ ମନରେ ଶାନ୍ତି ଆସିବା ସହ ସତ୍‌ଚିନ୍ତା ଓ ସଦ୍‌ଭାବନାର ଉତ୍ସ ଉଦଯିବିତ ହୋଇପାରିବ ବୋଲି ଶ୍ରୀ'ମା କହିଥିଲେ। କେନ୍ଦ୍ରାପଡାରେ ପ୍ରଥମେ ଏଭଳି କାର୍ଯ୍ୟ ଆରମ୍ଭ ହେଲେ ତାହା ସାରା ଓଡିଶାକୁ ଦିଗଦର୍ଶନ ଦେଇପାରିବ ବୋଲି ଶ୍ରୀ'ମା କହିଛନ୍ତି।

# ହଳଦୀପଦାଠାରେ ୯କୋଟି ଟଙ୍କାର ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କଲେ ବିଧାୟକ ମାନସ କୁମାର ଦତ୍ତ



ବାଲେଶ୍ୱର, ୧୨/୧୦ (ନି.ପ୍ର): ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ହଳଦୀପଦାରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅନ୍ତର୍ଗତ ପିଡବ୍ଲୁଡ଼ି ରାସ୍ତା ଠାରୁ ପିଞ୍ଚାବଣିଆ ରାସ୍ତାର ଉନ୍ନତିକରଣ ପାଇଁ ଶିଳାନ୍ୟାସ କରାଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୯କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ଅଟକଳରେ ୫.୬ କିଲୋମିଟର ଲମ୍ବର ଏହି ରାସ୍ତା ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପର ଶୁଭ ଦେଇଥିଲେ । ହଳଦୀପଦାରୁ ରୂପସା ପର୍ଯ୍ୟନ୍ତ ରାସ୍ତାରେ ଯାତାୟତ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଜନସାଧାରଣଙ୍କ ଦାବିକୁ ସମ୍ମାନ ପ୍ରଦାନ ପୂର୍ବକ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ବିଧାୟକ ଶ୍ରୀ ଦତ୍ତ କହିଛନ୍ତି । ଏହି ରାସ୍ତା ନିର୍ମାଣ ଦ୍ୱାରା ପ୍ରସିଦ୍ଧ ପିଞ୍ଚାବଣିଆ ବୋଲି ମେଲଣ ଉତ୍ସବକୁ ଉପଯୁକ୍ତ ମାନ୍ୟତା ପ୍ରଦାନ ସହ ହୋଲି ଉତ୍ସବରେ ଅଧିକ ଜନସମାଗମ ହେବ । ହଳଦୀପଦା ଓ ରୂପସା ସମେତ ଆଖପାଖ ୭ଖଣ୍ଡ ପଞ୍ଚାୟତର ଜନସାଧାରଣ ଏହି ରାସ୍ତା ମାଧ୍ୟମରେ ଉପକୃତ ହେବେ ବୋଲି ଶ୍ରୀ ଦତ୍ତ କହିଛନ୍ତି । ସଠିକ ମାନଦଣ୍ଡ ଓ ଗୁଣବତା ଯୁକ୍ତ ରାସ୍ତା ନିର୍ମାଣ ପାଇଁ ବିଧାୟକ ଶ୍ରୀ ଦତ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯୋଜନାବଦ୍ଧ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ ହେବ ବୋଲି ଶ୍ରୀ ଦତ୍ତ ଆଶା ପ୍ରକାଶ କରିଛନ୍ତି । ସଦର ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ସୁରେଶ ନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୌଭାଗ୍ୟ କୁମାର ଦାସ, କନିଷ୍ଠ ଯନ୍ତ୍ରୀ ଉପେନ୍ଦ୍ର ବେହେରା, ବିଧାୟକଙ୍କ ପ୍ରତିନିଧି କାର୍ତ୍ତିକ ପ୍ରଧାନ, କୁରାଡ଼ିହା ପଞ୍ଚାୟତର ଭାରପ୍ରାପ୍ତ ସରପଞ୍ଚ ସୁମିତ୍ରା ବାରିକ, ରୂପସା ପଞ୍ଚାୟତର ନାଏବ ସରପଞ୍ଚ ରାଜ ବର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ ।

# ବର୍ଷିଆନ ଯାତ୍ରା କଳାକାର ଓ ସାମାଜିକ କର୍ମୀ ପ୍ରଶାନ୍ତ କୁମାର ପାଢ଼ୀଙ୍କ ତିରୋଧାନ

ବାଲେଶ୍ୱର, ୧୨/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ହରିଡ଼ା ଗ୍ରାମର ଲୋକପ୍ରିୟ ଯାତ୍ରା କଳାକାର ପ୍ରଶାନ୍ତ କୁମାର ପାଢ଼ିଙ୍କ ଦୁର୍ଘଟଣା ଜନିତ ମୃତ୍ୟୁ ଖବର ଅଞ୍ଚଳରେ ଶୋକ ଛାଇଯାଇଛି। ସେ ଜଣେ ଭଲ ମଣିଷ ଭାବରେ ସମସ୍ତଙ୍କର ପ୍ରିୟଥିଲେ। ମୂଳଘର ବଡକିଆରୁ ଆସି କିଛି ବର୍ଷ ଧରି ହରିଡ଼ାଗ୍ରାମରେ ଘରକରି ବସବାସ କରି ଆସୁଥିଲେ। ଯାତ୍ରା ଅଭିନୟ ପ୍ରତି ସମର୍ପଣ ଭାବ, ଖଳନାୟକର ଅଭିନୟ ଲୋକଙ୍କ ପାଖର ପରିଚିତି ଆଣିଦେଇଥିଲା , ତାଙ୍କର ସଂଳାପ ଥରେ ଯିଏ ଶୁଣିଛି, ତାଙ୍କୁ ସବୁଦିନେ ମନେରଖିଛି। ବିଭିନ୍ନ ଯାତ୍ରା ଦଳରେ ଅଭିନୟ କରିଥିବା ସହ, ସମ୍ପ୍ରତି କଳିଙ୍ଗ ଦରବାର ଯାତ୍ରା ଦଳରେ ଅଭିନନ୍ଦନ କରୁଥିଲେ। ଅବସର ସମୟରେ ସାମାଜିକ କର୍ମରେ ନିଜକୁ ମଧ୍ୟ ନିୟୋଜିତ କରୁଥିଲେ। ସୂଚନାଧିକାରକର୍ମୀ ହିସାବରେ ବାଲେଶ୍ୱରରେ ବେଶ ପରିଚିତ ଥିଲେ, କୁରୁଡ଼ା ଦୁର୍ଗାପୂଜା କମିଟି, କୁରୁଡ଼ା ମହୋତ୍ସ କମିଟି, ଆଞ୍ଚଳିକ ସୁରକ୍ଷା ମଞ୍ଚ ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନରେ ସଦସ୍ୟତା ଗ୍ରହଣକରିଥିଲେ। ଯାତ୍ରା ଅଭିନୟ ପାଇଁ ମୟୁରଭଞ୍ଜର ଠାକୁର ମୁଣ୍ଡା ଯାଉଥିବା ବେଳେ କୌଣସି କାରଣରୁ ନିଜେ ଚଳାଉଥିବା ବୁଲେଟରୁ ପଡି ଗୁରୁତର ଆହତ ହୋଇଥିଲେ। ଖବର ପାଇ ସହଯୋଗୀ ଯାତ୍ରାକଳାକାର ଓ ସ୍ଥାନୀୟ ଗ୍ରାମବାସୀ ମନେ ନିକଟସ୍ଥ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ଓ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ କୁ ନେଇ ଆସିଥିଲେ। ଆଜି ଦିବା ୧ଘଟିକାରେ ରେ ଇହଲୀଳା ସମ୍ବରଣ କରିଥିଲେ। ସେ ଭଳି ମେଳାପୀ, ସମାଜ ପ୍ରତି ଉତ୍ସର୍ଗୀକୃତ ମଣିଷ,ଉଚ୍ଚକୋଟୀର ଅଭିନେତାକୁ ହରାଇ ଅଞ୍ଚଳ ଶୋକରେ ବୁଡ଼ିଯାଇଛି। ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି, ଅଞ୍ଚଳବାସୀ ଶେଷ ଦର୍ଶନ କରିଥିଲେ। କୁରୁଡା ଦୁର୍ଗା ପୂଜାକମିଟି , କୁରୁଡା ମହୋତ୍ସବ କମିଟି, ଆଞ୍ଚଳିକ ସୁରକ୍ଷା ମଞ୍ଚର ସମସ୍ତ କର୍ମକର୍ତ୍ତାମନେ ଶୋକ ପ୍ରକାଶ କରିଛନ୍ତି। ମୃତ୍ୟୁ ବେଳକୁ ୫୪ ବର୍ଷ ହୋଇଥିଲା, ପାଖରେ ଏକମାତ୍ର ପୁଅ ଓ ପତ୍ନୀ ଥିଲେ।

# ବ୍ରଜମୋହନଙ୍କୁ ଭେଟିଲେ ପଶ୍ଚିମବଙ୍ଗ ବିଜେପି ନେତା



ଜଳେଶ୍ୱର, ୧୨/୧୦ (ନି.ପ୍ର): ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଜେପି ନେତା ବ୍ରଜମୋହନ ପ୍ରଧାନଙ୍କୁ ତାଙ୍କ ଜଳେଶ୍ୱର ଷ୍ଟେସନ ବଜାର ସ୍ଥିତ ବାସଭବନରେ ଗତକାଲି ସାକ୍ଷାତ କରିଛନ୍ତି ପଶ୍ଚିମବଙ୍ଗର ବରିଷ୍ଠ ବିଜେପି ନେତା ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରମୁଖ ସଂଚାଳକ ଅଜିତ୍ ଜାନା ।ମଧ୍ୟାହ୍ନ ସାଢେ ୧୨ ଟା ସମୟରେ ପାଖାପାଖି ଏକ ଘଣ୍ଟା ଧରି ଏହି ସାକ୍ଷାତ ଆଲୋଚନା ହୋଇଥିଲା। ଆଲୋଚନା ସମୟରେ ଓଡିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ଥିବା ରାଜନୈତିକ, ସାମାଜିକ,ସାଂସ୍କୃତିକ ସମତା ସମ୍ପର୍କରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଦୁଇ ରାଜ୍ୟର ସୀମାନ୍ତ ଅଧିବାସୀଙ୍କ ମଧ୍ୟରେ ଭାଇଚାରା ସମ୍ପର୍କ କିପରି ଅତୁଟ ରହିବ ଓ ମଜବୁତ ହେବ,ଦୁଇ ରାଜ୍ୟର ବିକାଶ ପାଇଁ ପରସ୍ପର ମଧ୍ୟରେ କିପରି ସମନ୍ୱୟ ରହିବ, ଉଭୟ ରାଜ୍ୟର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଚଳି ଆସୁଥିବା ଚଳଣି, ପରମ୍ପରା, ସଂସ୍କୃତି ଯେପରି ଅକ୍ଷୁର୍ଣ୍ଣ ରହିବ ସେନେଇ ଏହି ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଆଗାମୀ ୨୦୨୬ ମସିହାରେ ପଶ୍ଚିମବଙ୍ଗ ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ନିର୍ବାଚନ ସମୟରେ ପଶ୍ଚିମବଙ୍ଗ ରେ ଯେପରି ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆସିବ ସେନେଇ ଶ୍ରୀ ଜେନା ଓ ଶ୍ରୀ ପ୍ରଧାନ ଆଲୋଚନା କରିଥିଲେ ।ଏହି ଆଲୋଚନା ସମୟରେ ଭାରତ ସରକାରଙ୍କ ସାମରିକ କର୍ମଚାରୀ ସୁଶାନ୍ତ ପରିଡା, ଯୁବନେତା କାଳି ଚରଣ ଦାସ,ରବିନ୍ଦ୍ର ପ୍ରଧାନ, ପିନାକୀ ଚାଟାର୍ଜୀ, ଅମର ପାତ୍ର, ତନ୍ମୟ ଚାନ୍ଦ, ଦୀନକୃଷ୍ଣ କୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅଟଳ ବିହାରୀ ମହାବିଦ୍ୟାଳୟର ପୂର୍ବତନ କର୍ମଚାରୀଙ୍କ ପରଲୋକ



ବାସୁଦେବପୁର , ୧୨/୧୦ (ନି.ପ୍ର): ଭଦ୍ରକ ଜିଲ୍ଲା ବାସୁଦେବପୁର ପୌର ପରିଷଦର ଆଠ ନମ୍ବର୍ ୱାର୍ଡ଼ରେ ଅଭିମନ୍ୟୁ ମଲ୍ଲିକ୍ ଜଣେ ଧର୍ମ ପରାୟଣ ବ୍ୟକ୍ତି ଓ ସମାଜସେବୀ ଥିଲେ। ଦୀର୍ଘ ଦିନ ଧରି ଅଟଳ ବିହାରୀ ମହାବିଦ୍ୟାଳୟରେ ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। ସେ ଜଣେ ସମାଜସେବୀ ଭାବ ରେ ପରିଚିତ ଥିଲେ । ତାଙ୍କ ପାଖକୁ ପ୍ରତ୍ୟେକ ଦିନ ଅନେକ ଲୋକ ଆସୁଥିଲେ ଓ ସେ ସମସ୍ତ ଙ୍କୁ ନିଜ ସକ୍ଷମ ଅନୁସାରେ ସେବା ପ୍ରଦାନ କରୁଥିଲେ। ଦିନେ ଲୋକଙ୍କ ଦୁଃଖ ଦୂର କରୁଥିବା ବ୍ୟକ୍ତି ସମସ୍ତ ଙ୍କୁ ଭବସାଗରରେ ଭସାଇ ଇହଲୀଳା ସମ୍ବରଣ କରିଛନ୍ତି। ତାଙ୍କ ଯୁବକ ଅବସ୍ଥାରେ ସେ ଜଣେ ପରାକ୍ରମୀ ଜନ ହିତକାରୀ ବ୍ୟକ୍ତି ଭାବରେ ଜଣାଶୁଣା ଥିଲେ। ତାଙ୍କର ବିୟୋଗରେ ସହ ପରିବାର, ବନ୍ଧୁବାନ୍ଧବ, ସାଇପଡିଶା ଏବଂ ବାସୁଦେବପୁର ଜନସାଧାରଣ ଜଣେ ନିଃସ୍ୱାର୍ଥପର ବ୍ୟକ୍ତି ଙ୍କୁ ହରାଇଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ।

# କାର୍ତ୍ତିକ ମାସ ଆରମ୍ଭରୁ ପରିବା ଦର ଆକାଶ ଛୁଆଁ : ଟଙ୍କା ୫୦୦ରେ ବି ବ୍ୟାଗ୍ ପୁରୁନି



ଭଦ୍ରକ, ୧୨/୧୦ (ନି.ପ୍ର): କାର୍ତ୍ତିକ ମାସ ଆରମ୍ଭ ହେଉ ହେଉ ପରିବା ଦରରେ ନିଆଁ ଲାଗିବା ଆରମ୍ଭ ହୋଇଛି । ଆକାଶ ଛୁଆଁ ହେବାରେ ଲାଗିଛି ପନିପରିବା ଦର । ଯେପରି ଲାଗୁଛି କାର୍ତ୍ତିକରେ ପନିପରିବା ଅଛୁଆଁ ହୋଇଯାଇଛି । ଯେଉଁ ପରିବାକୁ ଧରିଲେ କିଲୋ ପିଛା ଦାମ୬୦ରୁ ୭୦ଟଙ୍କା ଉପରେ । କିଛି ତ ୮୦ । ଆଉ କିଛି ୧୦୦ ଛୁଇଁ ସାରିଲାଣି । ଆଗରପଡ଼ା ଓ ବନ୍ତ ସ୍ଥିତ ବିଭିନ୍ନ ହାଟରେ ଭଲ ବିଲାତି (ଟମାଟୋ)କିଲୋ ପିଛା ମୂଲ୍ୟ ୫୦ଟଙ୍କା ଥିବା ବେଳେ ବାଇଗଣ କିଲୋ ପିଛା ମୂଲ୍ୟ ୬୦ଟଙ୍କାରେ ବିକ୍ରି ହେଉଛି । କଂଚାଲଙ୍କା, ପୋଟଳ, ଜହ୍ନି, କଲରା, ବିନ୍ସ, ଝୁଡୁଙ୍ଗ, କ୍ୟାପସିକମ୍,ଖମ୍ବଆଳୁ ଆଦିର ଦର ମଧ୍ୟ କହିଲେ ନସରେ । ହାଟକୁ ଟଙ୍କା ୫୦୦ ନେଇକି ଗଲେ ବି ବ୍ୟାଗ୍ ପୁରୁନି । କେତେକଙ୍କ ଘରେ ତ ପନିପରିବା ଶୂନ୍ୟ ହୋଇଗଲାଣି । ଏପରି ଦରରେ ଖାଉଟି ଖାଇବ କ'ଣ ବୋଲି ଚିନ୍ତିତ ହୋଇପଡ଼ିଛି । ପନିପରିବାର ଏହିପରି ଦର ପାଇଁ କେହି କେହି ଶୀତଳଭଣ୍ଡାର ନଥିବା ଘଟଣାକୁ ଦାୟୀ କରୁଛନ୍ତି। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ କେନ୍ଦ୍ର ଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ସମସ୍ତେ କୃଷି ଓ କୃଷକର ଉନ୍ନତି ପାଇଁ ବହୁମୁଖି ଯୋଜନା ପ୍ରସ୍ତୁତ କରିଛନ୍ତି । ତତ୍ ସହିତ ଏକାଦଶ ଯୋଜନାରେ ୪ପ୍ରତିଶତ କୃଷିର ଅଭିବୃଦ୍ଧିକରି କୃଷକମାନଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ସରକାର ୨୦୦୮ ମସିହାରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା କାର୍ଯ୍ୟକାରୀ କରିବା ସହ ୨୦୨୪ ସୁଦ୍ଧା ସେମାନଙ୍କର ଆୟ ଦୁଇ ଗୁଣ ବୃଦ୍ଧିପାଇଁ ପରିକଳ୍ପନା କରି ଏହାର ସଫଳ ରୂପାୟନପାଇଁ ପ୍ରତି ବ୍ଲକରେ ପ୍ରତିଷ୍ଠା କରିଛନ୍ତି କୃଷି ସୂଚନା ପରାମର୍ଶକେନ୍ଦ୍ର । ଉକ୍ତ କେନ୍ଦ୍ର ମାଧ୍ୟମରେ ଚାଷୀ ମାନଙ୍କୁ ଆବଶ୍ୟକୀୟ କୃଷି ସାମଗ୍ରୀ ସହ ଉଚିତ ପରାମର୍ଶ ପ୍ରଦାନ ମଧ୍ୟ କରୁଛନ୍ତି । କିନ୍ତୁ ଚାଷୀଙ୍କ ଦ୍ୱାରା ବହୁକଷ୍ଟରେ ଉତ୍ପାଦିତ ପନିପରିବାର ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ନଥିବାରୁ ସେମାନେ ଅଭାବି ବିକ୍ରିର ଶିକାର ହେଉଛନ୍ତି । ଯଦ୍ୱାରା ବର୍ତ୍ତମାନ କାର୍ତ୍ତିକ ମାସ ଆରମ୍ଭ ହୋଇଥିବା ବେଳେ ପରିବା ଦର ଆକାଶ ଛୁଆଁ ହୋଇଛି । ଏହିପରି ସ୍ଥଳେ ବ୍ଲକ ଅଧିନରେ ଥିବା ୧୮ଜହାର ୮ଶହ ୬୫ହେକ୍ଟର ଚାଷଜମି ଥିବାରୁ ଏଥିରେ ଧାନ ଚାଷ କରାଯାଇଥିଲେ ମଧ୍ୟ ବିଭିନ୍ନ ପଂଚାୟତରେ ଏକ ହଜାରରୁ ଉର୍ଦ୍ଧ ଜମିରେ ବିଭିନ୍ନ ଡ଼ାଳିଜାତୀୟ ଫସଲ ସହ ବିଭିନ୍ନ ପ୍ରକାରର ପନିପରିବା ଚାଷ କରାଯାଏ । ପରିବା ଚାଷ ପାଇଁ ଏହି ଅଂଚଳ ବେଶ ପରିଚିତ ହୋଇଛି । ତନ୍ମଧ୍ୟରୁ ଛୟାଳସିଂହ, କାଦବରାଙ୍ଗ, ଓଡଙ୍ଗ, ଅଣିଜୋ, ଗୋପିନାଥପୁର, ବଡ଼ ମଇଁଷଗୋଠ, ବଡ଼ବଳିକୟାଁ, ରାମପୁର ଓ ନିଳୋକ ସହ ଅନ୍ୟାନ୍ୟ ପଂଚାୟତରେ ଧାନ ଚାଷ ପରେ ରବି ଋତୁରେ ଡ଼ାଲିଜାତୀୟ ଶଷ୍ୟ ସହ ବିଭିନ୍ନ ପନି ପରିବା ଭେଣ୍ଡି, କଲରା, ବିଲାତି, ବାଇଗଣ, ଜହ୍ନି, କାକୁଡ଼ି, ଲଙ୍କା,ମକା ,ବେଇତି କଖାରୁ ସହ ଅନ୍ୟାନ୍ୟ ପନିପରିବା ଚାଷ କରାଯାଏ । ଏହି ପଂଚାୟତରେ ଚାଷୀ ଦୀର୍ଘବର୍ଷ ଧରି ଏହାକୁ ନିଜର ଜୀବନ ଆଉ ଜୀବିକା ଭାବେ ଗ୍ରହଣ କରି ନିଜର ଗୁଜୁରାଣ ମେଣ୍ଟାଇବା ସହ ଉକ୍ତ ଅଂଚଳକୁ ସବୁଜ ପନିପରିବା ଯୋଗାଇଥାନ୍ତି । ତେବେ ଏଠାରେ ପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ନଥିବାରୁ ଉଭୟ ଚାଷୀ ଓ ଖାଉଟି କ୍ଷତିରେ ପଡୁଛନ୍ତି । ପରିବା ଉତ୍ପାଦନ ସମୟରେ ଦର ବହୁ କମିଯାଉଥିବାରୁ ଚାଷୀ କ୍ଷତିରେ ପଡୁଛନ୍ତି ।

# ମାର୍କେଟ କମ୍ପ୍ଲେକ୍ସରେ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ବ୍ୟକ୍ତ କଲେ ରମାକାନ୍ତ ସେବା ଫାଉଣ୍ଡେସନର ସଦସ୍ୟ



ବାସୁଦେବପୁର, ୧୨/୧୦ (ନି.ପ୍ର): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ସ୍ଥାନୀୟ ନାୟକାଣିଡିହି ପଞ୍ଚାୟତରେ ଥିବା ମାର୍କେଟ କମ୍ପ୍ଲେକ୍ସରେ ବିଭିନ୍ନ ସ୍ଥାନରେ ମଇଳା ଆବର୍ଜନା କୁଡା ଥିବାରୁ ନାନା ଦୁର୍ଗନ୍ଧ ବାହାରୁଥିବା ସହ ମାର୍କେଟ କମ୍ପ୍ଲେକ୍ସ ରେ ବିଭିନ୍ନ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ବ୍ୟକ୍ତ କଲେ ରମାକାନ୍ତ ସେବା ଫାଉଣ୍ଡେସନର ସଦସ୍ୟ ମାନେ। ସମସ୍ତେ ଏକଜୁଟ ହୋଇ ମାର୍କେଟ କମ୍ପ୍ଲେକ୍ସରେ ବିଭିନ୍ନ ସ୍ଥାନ କୁ ବୁଲି ଦେଖିବା ସହ ସ୍ଥାନୀୟ ସରପଞ୍ଚ ଙ୍କୁ ଜଣେଇ ଥିଲେ। ସୂଚନା ଥାଉ କି ମାର୍କେଟ କମ୍ପ୍ଲେକ୍ସକୁ ଆର୍ ଏମ ସି ନେଇଛି। ଘଟଣା ସମ୍ପର୍କରେ ସରପଞ୍ଚ କହିଛନ୍ତି ଯେ ଏ ବାବଦ ରେ ଆର ଏମସିକୁ ଜଣାଇ ଥିବା ବେଳେ କୌଣଷି ପଦକ୍ଷେପ ଆର୍ ଏମ ସି ନେଉ ନାହାନ୍ତି। ଏ ବାବଦ ରେ ଆର୍ ଏମ ସି ସହ ଯୋଗାଯୋଗ ହୋଇ ପାରି ନାହିଁ କି ପ୍ରତିକ୍ରିୟା ମିଳି ପାରି ନାହିଁ।

ସୋମବାର, ଅକ୍ଟୋବର ୧୩, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ସାନପାଟପୁର ଉଚ୍ଚନୋଡାଲ ବିଦ୍ୟାଳୟରେ ହୀରକ ଜୟନ୍ତୀ ସମାରୋହ ପାଳନ ନେଇ ପ୍ରସ୍ତୁତି ବୈଠକ

ନୀଳଗିରି , ୧୨/୧୦ (ନି.ପ୍ର): ନୀଳଗିରି ଉପଖଣ୍ଡ ଅନ୍ତର୍ଗତ ବାଉଁଶବଣିଆ ଗ୍ରାମପଞ୍ଚାୟତରେ ଅବସ୍ଥିତ ସାନପାଟପୁର ଉଚ୍ଚ ନୋଡାଲ ସ୍କୁଲରେ ହୀରକ ଜୟନ୍ତୀ ସମାରୋହ୨୦୨୬ ପାଳନ ନେଇ ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଛାତ୍ରସଂସଦର ସଭାପତି ଡ଼ଃ ଉପେନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଛାତ୍ରସଂସଦର ସଂପାଦକ ଜନ୍ମେଜୟ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ଆଗାମୀ ଜାନୁଆରୀ ମାସର ୧୦/୧୧ ତାରିଖରେ ଦୁଇଦିନ ବ୍ୟାପି ସମାରୋହ ଅନୁଷ୍ଠିତ ହେବୋଲି ନିଷ୍ପତ୍ତି ହେଇଥିଲା । ସାଧାରଣ ସମ୍ପାଦକ ଦୀପକ ବେହେରା , ସଂପାଦକ ଶନୈଷ୍ଟ ରଞ୍ଜନ ବେହେରା , ବିଜୟ ବେହେରା, ମନୋରଞ୍ଜନ ମହାନ୍ତି, ବିଦ୍ୟାଧର ପ୍ରଧାନ, ଅବସରପ୍ରାପ୍ତ ବିଜେବି କଲେଜର ଅଧକ୍ଷ ସୁରେନ୍ଦ୍ର ମହାନ୍ତି, ମୁଖ୍ୟ ଉପଦେଷ୍ଟା ନିରଞ୍ଜନ ବାରିକ,ଉପଦେଷ୍ଟା ଶରତ ଚନ୍ଦ୍ର ମହାପାତ୍ର,ଗୋଲକ ଜେନା ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ହୃଷିକେଶ ପଣ୍ଡା , ପୂର୍ବତନ ଶିକ୍ଷକ ପ୍ରତାପ ଚୈତୁରୀ, ମଧୁସୂଦନ ପାଣିଗ୍ରାହୀ, ରଘୁନାଥ ଜେନା ପୂର୍ବତନ ବ୍ଲକ ଅଧକ୍ଷ ରାମଚନ୍ଦ୍ର ବେହେରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀକାନ୍ତ ମଳିକ , କପିଳ ଭୂୟାଁ, ଅନିରୁଦ୍ଧ ବେହେରା ଉପସ୍ଥିତ ରହି କିପରି ହୀରକ ଜୟନ୍ତୀ ସମାରୋହରେ ପାଳନ ହେବ ସେ ବିଷୟରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ବହୁ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ରହି ସମାରୋହକୁ ସରସ ସୁନ୍ଦର କରାଯିବାକୁ ମତବ୍ୟକ୍ତ କରିଥିଲେ । ଉପ ସଭାପତି ରମେନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ ।

# ରାଜ୍ୟସ୍ତରୀୟ ସଂସ୍କୃତ ସଂସ୍କୃତି ମହୋତ୍ସବ ଉଦ୍‌ଯାପିତ




ଭଦ୍ରକ , ୧୨/୧୦ (ନି.ପ୍ର): ଭଦ୍ରକସ୍ଥିତ ଗୀତା ଭବନ ପରିସରରେ ଦ୍ୱିଦିବସୀୟ କର୍ମଶାଳା, ଗୀତାପାଠ ଭଦ୍ରକ କାଳୀ ପର୍ଯ୍ୟନ୍ତ ବିଶ୍ୱବନ୍ଧୁତ୍ୱ ପଦଯାତ୍ରା ମହାସମ୍ମେଳନର ଆବାହକ ପଣ୍ଡିତ ଦୟାନିଧି ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ପ୍ରାତଃ ସମୟରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ସଂସ୍କୃତ ବିଦ୍ୱାନ, ପଣ୍ଡିତ, ସଂସ୍କୃତି ପ୍ରିୟ ବ୍ୟକ୍ତିତ୍ୱ ଓ ସମାଜସେବୀମାନେ ଗୀତା ଭବନରୁ ଭଦ୍ରକ କାଳୀ ପର୍ଯ୍ୟନ୍ତ ବିଶ୍ୱ ବନ୍ଧୁତ୍ୱ ପଦଯାତ୍ରାକୁ ଆନୁଷ୍ଠାନିକ ଭାବେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନରସିଂହ ପଣ୍ଡା ମହୋତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ପ୍ରଫେସର ମଧୁସୂଦନ ମିଶ୍ର, ମୁଖ୍ୟ ବକ୍ତା ପଣ୍ଡିତ କିଶୋର ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଅଧାପକ ନିରଞ୍ଜନ ବେହେରା, ସଞ୍ଜୟ କୁମାର ପଣ୍ଡା, ଗୋପାଳକୃଷ୍ଣ ପାଢ଼ୀ ପ୍ରମୁଖ ଯୋଗଦାନ କରି ସଂସ୍କୃତ ବିଶ୍ୱ ବନ୍ଧୁତ୍ୱର ପ୍ରତୀକ ଓ ସଂସ୍କୃତ ସଂସ୍କୃତି ସୁରକ୍ଷା ସଂପର୍କରେ ଆଲୋକପାତ କରିଥିଲେ । ପ୍ରାଚୀନ ଅନୁଷ୍ଠାନ ଦାମୋଦର ସଂସ୍କୃତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଗୁରୁ ପୂଜନ କାର୍ଯ୍ୟକ୍ରମରେ ଭାବଗ୍ରାହୀ ମିଶ୍ର ଓ ପଣ୍ଡିତ ପଦ୍ମନାଭ ପଣ୍ଡାଙ୍କୁ ଗୁରୁ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା । ମହାସମ୍ମେଳନର ସଂପାଦକ ଡ଼. ନିତ୍ୟାନନ୍ଦ ମିଶ୍ର ସଂପାଦକୀୟ ଉପସ୍ଥାପନ କରିବା ସଂଗେ ସଂଗେ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଉକ୍ତ ମହୋତ୍ସବରେ ବିଶିଷ୍ଟ ବିଦ୍ୱାନ ପଣ୍ଡିତ, ଗବେଷକ ଓ ସମାଜସେବୀଙ୍କୁ ସମ୍ମାନିତ କରାଯାଇଥିଲା । ସହାସମ୍ମେଳନର କର୍ମକର୍ତ୍ତା ଦୈତ୍ୟାରି ଦୀକ୍ଷିତ, ଦେବଦର୍ଶନ ଦାଶ, ପଣ୍ଡିତ ନିତ୍ୟାନନ୍ଦ ମିଶ୍ର, ଚନ୍ଦନ କୁମାର ଦାଶ, ମନୋରମା ଆଚାର୍ଯ୍ୟ, କରୁଣାକର ପଣ୍ଡା, ଅକ୍ଷୟ କୁମାର ପାଣିଗ୍ରାହୀ, ରାଧାକାନ୍ତ ଦୀକ୍ଷିତଃ, କୁଶ ମଲ୍ଲିକ ଓ ମଞ୍ଜୁଳତା ମହାପାତ୍ର ପ୍ରମୁଖ ସଭା ସଂଚାଳନ କରିଥିବା ବେଳେ ମହାସମ୍ମେଳନର ସଂଯୋଜକ ସନ୍ତୋଷ କୁମାର ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

# ନୂଆପଡା ଉପନିର୍ବାଚନରେ କଂଗ୍ରେସ ବିଜୟୀ ହେବ: ଭକ୍ତ ଦାସ

ଭୁବନେଶ୍ୱର, ୧୨/୧୦ (ନି.ପ୍ର): ନୂଆପଡା ଉପ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହେବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ । ସେ କହିଛନ୍ତି ଯେ, ବିଜେଡି ମେଜୋରିଟି ଭୋଟ କଂଗ୍ରେସ କୁ ଆସିବ । କଂଗ୍ରେସ ସହ ବିଜେଡି ବିଜେପି ମିଶି ଲଢ଼ିବେ । ସେ କହିଛନ୍ତି ଯେ ବିଜେଡି ଏବେ ଟୋକନ ପ୍ରାର୍ଥୀ ଦେବ । ବିଜେଡି ଛାଡିଲା ପରେ ଜୟ ଢୋଲକିଆ ଙ୍କ ପ୍ରତି ଆଉ ଅନୁକମ୍ପା ନାହିଁ । ନୂଆପଡାରେ କଂଗ୍ରେସ ର ପୋଜିସନ ଭଲ ଅଛି । କଂଗ୍ରେସ ପ୍ରାର୍ଥୀ ଙ୍କସହ ଲୋକଙ୍କ ସମବେଦନା ଅଛି । ୧୯ ରେ ପାୱାର ସୋ କରି କଂଗ୍ରେସ ପ୍ରାର୍ଥୀ ପତ୍ର ଦାଖଲ କରିବ ।

# କୁଲଡିହା ଦନ୍ତାହାତୀ ମୃତ୍ୟୁ ଘଟଣା: ତିନି ଜଣିଆ ଡାକ୍ତରୀଦଳ ଦ୍ୱାରା ଶବ ବ୍ୟବଚ୍ଛେଦ

ନୀଳଗିରି , ୧୨/୧୦ (ନି.ପ୍ର): ବହୁଚର୍ଚ୍ଚିତ କୁଲଡିହା ଦନ୍ତାହାତୀ ମୃତ୍ୟୁ ଘଟଣାରେ ମାଜିଷ୍ଟ୍ରେଟ, ସ୍ଥାନୀୟ ଜନ ପ୍ରତିନିଧି,ଅନରାଲି ୱାଇଡ ଲାଇଫ ୱାଡେନ ଓ ବନବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ତିନିଜଣିଆ ଡାକ୍ତରୀଦଳଙ୍କ ଦ୍ୱାରା ଶବ ବ୍ୟବଚ୍ଛେଦ କରାଯାଇଛି । ଆଜି ପୂର୍ବାହ୍ନରେ ବ୍ୟବଚ୍ଛେଦ ସମୟରେ ବାଲେଶ୍ୱର ଡ଼ିଏଫଓ ପ୍ରଫୁଲ୍ଲ ମଲ୍ଲିକ, ଅନରାଲି ୱାଇଡଲାଇଫ ୱାଡେନ ଅଶ୍ୱନୀ କୁମାର ଦାସ, ଜେଟିଏଫ ରେଣୁବାଳା ସାହୁ, ନୀଳଗିରି ତହସିଲଦାର ସୋନମ ଦାସ, ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ା, ଏସିଏଫ ତଟନୀସେଠୀ, ଗରଡ଼ିହି ସରପଞ୍ଚ ଶିବାଜୀ ସିଂ, ସମିତିସଭ୍ୟ ଭାଗିରଥି ସିଂ, ପଶୁ ଚିକିତ୍ସା ଅଧିକାରୀଡ. ମାୟାଧର ପୁହାଣ,ଡ. ଚିନ୍ମୟ ମିଶ୍ର, ଡ. ସୌମ୍ୟାଶ୍ରୀ ବେହେରା, ନୀଳଗିରି ରେଞ୍ଜର ମନୱାର ଖାଁ, ନୀଳଗିରି ରେଞ୍ଜର ସୁବ୍ରତ କୁମାର ବେହେରା ଉପସ୍ଥିତରେ ମୃତ ଦନ୍ତାହାତୀର ଶବବ୍ୟବଚ୍ଛେଦ କରାଯାଇ ପାହାଡ ପାଦ ଦେଶରେ ପୋତି ଦିଆଯାଇଥିବା ଜଣାପଡିଛି । ଏନେଇ ବନ ବିଭାଗ ପକ୍ଷରୁ କେଶ ନମ୍ବର ୬/୨୫ରେ ଏକ ମାମଲା ରୁଜ୍ଜୁ କରାଯାଇଥିବା ଜଣାପଡ଼ିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହାତୀମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଡି ଏଫ ଓ ଶ୍ରୀଯୁକ୍ତ ମଲ୍ଲିକ ସୂଚନା ଦେଇଛନ୍ତି । ସୂଚନା ଯୋଗ୍ୟ ନୀଳଗିରି ଉପଖଣ୍ଡ କୁଲଡିହା ଅଭ୍ୟାୟରଣ୍ୟ ଅଧିନ ତେଣ୍ଡା ବିଟ ହାଉସ ଏବଂ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଅଧିନ ଜଙ୍ଗଲ ପାଦଦେଶ ଅଞ୍ଚଳ ଆମ୍ବଝର ଗାଁ ମୁଣ୍ଡ ନିକଟସ୍ଥ ଏକ ବିଲ କିଆରି ମଝିରେ ଗତକାଲି ଏକ ଦନ୍ତାହାତୀ ମରି ପଡିଥିବା ଗ୍ରାମବାସୀ ସକାଳେ ଦେଖିବାକୁ ପାଇଥିଲେ । ପରେ ଆମ୍ବଝର ଫରେଷ୍ଟର ହୃଷିକେଶ ପ୍ରଧାନ, କୁଲଡିହା ବନ ଅଧିକାରୀ ସୁବ୍ରତ ବେହେରା ଘଟଣା ସମ୍ପର୍କରେ ବାଲେଶ୍ୱର ଡିଏଫଓ ପ୍ରଫୁଲ୍ଲ ମଲ୍ଲିକ ଙ୍କୁ ଜଣାଇଥିଲେ ।ଯେହେତୁ ବିଲ ନିକଟରେ ହାତୀର ମୃତଦେହ ପଡିଛି । କେହି ଦୁର୍ବୃତ୍ତ ବିଦ୍ୟୁତ ଆଘାତରେ ମାରିଥାଇ ପାରନ୍ତି ବୋଲି ସନ୍ଦେହ କରାଯାଇଛି ।

# ମୁଣ୍ଡାରୀ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବାକୁ ଦାବି



ବୈଶିଙ୍ଗା, ୧୨/୧୦ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଆ ପଞ୍ଚାୟତର ପଦ୍ମପୁର ଠାରେ ପଦ୍ମପୁର,ବଣ ଦାମୋଦରପୁର, ଡୁଟୁଟଲା ଗ୍ରାମର ଶତାଧିକ ମହିଳା/ପୁରୁଷ ଏକତ୍ରିତ ହୋଇଥିଲେ । ସିର୍ଜନ ମୁଣ୍ଡାରୀ କାଲଚୁରାଲ ଟ୍ରଷ୍ଟ ପକ୍ଷରୁ ଆହୋଜିତ ଏହି ବୈଠକରେ ରଥ ସିଂ, ଶତ୍ରୁଘ୍ନ ସିଂ, ଶ୍ୟାମ ସିଂ, ରୁଦ୍ୟା ସିଂ ପ୍ରମୂଖ ନେତୃତ୍ୱ ନେଇଥିଲେ । ଟ୍ରଷ୍ଟ ର ଉପଦେଷ୍ଟା ଗୁରା ସିଂ ମୂଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ସଚେତନ କରାଇଥିଲେ । ସଂପାଦକ ତୁଫାନ ସିଂ, କଟି ସିଂ, ଦିଲୁ ସିଂ, ସୁରେନ ସିଂ ପ୍ରମୂଖ ସହଯୋଗ କରିଥିଲେ । ବେତନଟୀ ବ୍ଲକ ମୁଣ୍ଡାରୀ ଭାଷା ସମନ୍ୱୟ ସମିତିର ଆବାହକ ତପନ ସିଂ ଯୋଗଦେଇ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ । ଆଗାମୀ ଶୀତ ଅଧିବେଶନ ସମୟରେ ଦିଲ୍ଲୀର ଯନ୍ତର ମନ୍ତର ଠାରେ ଏକତ୍ରୀତ ହୋଇ ମୁଣ୍ଡାରୀ ଭାଷାକୁ ସମ୍ବିଧାନରେ ସାମିଲ କରିବା, ଶିକ୍ଷା, ସ୍ୱାସ୍ଥ୍ୟ, ନିଶା ନିବାରଣ ତଥା ପେସା ଆଇନ ପ୍ରତି ସରକାର ଯତ୍ନବାନ ହେବାକୁ ଦାବୀ କରାଯିବାର ସିଦ୍ଧାନ୍ତ ନିଆ ଯାଇଥିଲା ।

# ଦୁର୍ଗାପୁର ମେଡିକାଲ କଲେଜର ପୀଡିତାଙ୍କୁ ନ୍ୟାୟ ଦିଆଯାଉ: ପ୍ରତାପ ଷଡଙ୍ଗୀ

ଭୁବନେଶ୍ୱର, ୧୨/୧୦ (ନି.ପ୍ର): ପଶ୍ଚିମ ବଙ୍ଗରେ ଓଡ଼ିଆ ମେଡିକାଲ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲାରେ ମମତା ବାନାର୍ଜୀଙ୍କ ଉପରେ ବର୍ଷିଛନ୍ତି ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ । ସେ କହିଛନ୍ତି ଯେ ପୀଡିତା ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରାଯିବାକୁ ସେ ଦାବି କରିଛନ୍ତି । ସେ କହିଛନ୍ତି ଯେ, ଆରଜି କର ହସ୍ପିଟାଲ ଘଟଣାରେ ମମତା ବାନାର୍ଜୀ କଣ କଲେ ତାହା ସମସ୍ତେ ଜାଣିଛନ୍ତି । ବଙ୍ଗଳାରେ ପ୍ରତିଦିନ ପଲିଟିକାଲ ମର୍ଡର ହେଉଛି ତାହା ସମସ୍ତଙ୍କୁ ଜଣା ଅଛି । ପ୍ରତିଦିନ ସାଧାରଣ ଲୋକଙ୍କ ଜୀବନ ଯାଉଛି । ଅନୁପ୍ରବେଶକାରିଙ୍କୁ ପ୍ରୋତ୍ସାହନ ଦେଉଛନ୍ତି । ଆତଂକବାଦୀଂକୁ ସୁରକ୍ଷା ଦେଉଛନ୍ତି । ତାଙ୍କ ବିଷୟରେ ଦୁନିଆ ଜାଣିଛି । ଏହି ଘଟଣାରେ ମୁଁ ନିଜେ ଯିବି । ଓଡ଼ିଶା ରେ ଯାହା ଘଟଣା ଘଟୁଛି ଓଡ଼ିଶା ସରକାର ପଦକ୍ଷେପ ନେଉଛନ୍ତି । ଆମର ଦାବି ପ୍ରଥମେ ପୀଡିତାକୁ ନ୍ୟାୟ ଦିଆଯାଉ, ସବୁ ଅପରାଧୀଙ୍କୁ ଧରାଯାଉ, ପଲିଟିକାଲ ଚାପରେ କାହାରିକୁ ଛଡିଦିଆନଯାଉ, ପୀଡିତଙ୍କ ପରିବାରକୁ କ୍ଷତିପୂରଣ ଦିଆଯାଉ ଏବଂ ଭବିଷ୍ୟତରେ ଯେପରି ଏପରି ଘଟଣା ନଘଟେ ସେଥିପ୍ରତି ଦୃଷ୍ଟି ଦିଆଯିବା ଦରକାର ।

# ବାଲେଶ୍ୱରରେ ପୋଲିଓ ଦିବସ ପାଳିତ



ବାଲେଶ୍ୱର, ୧୨/୧୦ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ପିପିସି କେନ୍ଦ୍ରରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ମାନଙ୍କ ଉପସ୍ଥିତିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀଯୁକ୍ତ ପ୍ରଭାତ କୁମାର ବେହେରା ଶିଶୁକୁ ପୋଲିଓ ବୁନ୍ଦା ଖୁଆଇ କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରିଥିଲେ । ପରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପରେଶ ଚନ୍ଦ୍ର ନନ୍ଦୀ, ଡାକ୍ତର ସଂଜୀବ କୁମାର ପ୍ରଧାନ, ଜିଲ୍ଲା ସଞ୍ଚାଳନ ଅଧିକାରୀ ଶ୍ରୀଯୁକ୍ତ ଚକ୍ରଧର ଜେନା, ଡିଏମଆର୍ସିଏଚ ଜିତେନ୍ଦ୍ର ବିଶ୍ୱାଳ, ପ୍ରଦୀପ କୁମାର ସାହୁ, ବିଶ୍ୱରଂଜନ ନାୟକ,ଶାଶ୍ୱତୀ ପରିଡା ଉପସ୍ଥିତ ଶିଶୁ ମାନଙ୍କୁ ପୋଲିଓ ବୁନ୍ଦା ଖୁଆଇଥିଲେ ।ଏହି ଅବସରରେ ସମଗ୍ର ଜିଲ୍ଲାରେ ୧୦୬୩ ଟି କେନ୍ଦ୍ର,୪୬ ଟି ଟ୍ରାଞ୍ଜିଟ ଦଳ ଏବଂ ୨୩ ଟି ଭ୍ରାମ୍ୟମାଣ ଦଳ ମାଧ୍ୟମରେ ୨୦୯୭୪୦ ଜନ ଶିଶୁ (୦-୫) ବର୍ଷ ଙ୍କୁ ଦୁଇ ବୁନ୍ଦା ପୋଲିଓ ଖୁଆଇବାର ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ୧୩୬୩୩୮ ରୁ ଉର୍ଦ୍ଧ ଶିଶୁଙ୍କୁ ଦୁଇ ବୁନ୍ଦା ପୋଲିଓ ଖୁଆ ଯାଇଅଛି । ଏହା ତା ୧୨.୧୦.୨୦୨୫ ଠାରୁ ୧୪.୧୦.୨୦୨୫ ରିଖ ପର୍ଯ୍ୟନ୍ତ ଚାଲିବ । ତା୧୨.୧୦.୨୦୨୫ ରିଖ ଦିନ ନିର୍ଦ୍ଧାରିତ କେନ୍ଦ୍ରରେ ପୋଲିଓ ବୁନ୍ଦା ଦିଆଯାଇଥିଲା ଏବଂ ୧୩ ଏବଂ ୧୪ ତାରିଖ ଦିନ କର୍ମୀ ମାନେ ପ୍ରତ୍ୟେକ ଘରକୁ ଘରକୁ ବୁଲି ପୋଲିଓ ବୁନ୍ଦା ଖାଇ ନଥିବା ଶିଶୁ ମାନଙ୍କୁ ଖୁଆଇବେ । ଏହି କାର୍ଯ୍ୟକ୍ରମରେ ୪୩୯୦ କର୍ମୀ ଏବଂ୨୧୯ ଜନ ପରିଦର୍ଶକ ନିୟୋଜିତ ହୋଇ କାର୍ଯ୍ୟକ୍ରମକୁ ସତ ପ୍ରତିଶତ ସଫଳ କରାଇବା ପାଇଁ ପ୍ରତିଜ୍ଞାବଦ୍ଧ ।

# ଦୁର୍ଗାପୁର ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା ରାଜ୍ୟ ମହିଳା କମିଶନ

ଭୁବନେଶ୍ୱର, ୧୨/୧୦ (ନି.ପ୍ର): ପଶ୍ଚିମବଙ୍ଗରେ ଓଡ଼ିଆ ଝିଅଙ୍କୁ ଗଣ ଦୁଷ୍କର୍ମ ଘଟଣାରେ ମୁଁ ପଶ୍ଚିମବଙ୍ଗ ମହିଳା କମିଶନଙ୍କ ସହ କଥା ହେବାକୁ ଚେଷ୍ଟା କରିଛି । ହେଲେ ସେ ବ୍ୟସ୍ତ ଥିବା କଥାକହି କୌଣସି ରେସ୍ପଣ୍ଡ କରିନାହାନ୍ତି ବୋଲି କହିଛନ୍ତି ରାଜ୍ୟ ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତି ।
ସେ କହିଛନ୍ତି ଯେ, ଆଜି ରାଜ୍ୟ ପୋଲିସ ଡିଜିଙ୍କୁ ଭେଟି ଦୃଢ଼ କାର୍ଯ୍ୟନୁଷ୍ଠାନ ପାଇଁ କହିଛି । ପଶ୍ଚିମ ବଙ୍ଗ ମହିଳା କମିଶନଙ୍କୁ ମେଲ କରାଯାଇଛି । ପୀଡିତାଙ୍କ ବାପାଙ୍କ ସହ କଥା ହୋଇଛି । ତିନିଜଣ ଦୁର୍ବୃତ୍ତ ତାଙ୍କୁ ବଳାତ୍କାର କଲେ, ଏହା ବର୍ବର ଘଟଣା । ଏଭଳି ଘଟଣା ଦୁଃଖଦାୟକ । ଆଜି ବାଲେଶ୍ୱର ଏଡ଼ିଏମଙ୍କ ନେତୃତ୍ୱରେ ଏକ ଟିମ୍ ପଠାଯାଇଛି । ଘଟଣାର ୩୬ ଘଣ୍ଟା ପରେ ମାତ୍ର ୩ ଜଣ ଗିରଫ ହୋଇଛନ୍ତି । ଆଉ ୨ ଜଣ ଏବେବି ଫେରାର ଅଛନ୍ତି ଯ ପଶ୍ଚିମ ବଙ୍ଗ ସରକାରର ଅବହେଳା ଯୋଗୁଁ ଏଭଳି ଘଟଣା ଘଟିଲା । ରାଜ୍ୟ ମହିଳା କମିଶନର ଏକ ସ୍ୱତନ୍ତ୍ର ଟିମ ପଶ୍ଚିମ ବଙ୍ଗ ଯିବ ବୋଲି ସେ ସୂଚନା ଦେଇଛନ୍ତି ।

# ହସପିଟାଲରେ ଆଖି ବୁଜିଲେ ଗୁରୁତର ଆହତ ବୃଦ୍ଧ: ଅଭିଯୋଗର ୯ ଦିନ ପରେ ବି ଗିରଫ ହୋଇ ପାରିଲାନି ଅଭିଯୁକ୍ତ

ଖଇରା, ୧୨/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା କୁପାରୀ ଗ୍ରାମ ପଞ୍ଚାୟତ ଅଧୀନ ଚୁନନଟୀ ଗ୍ରାମରେ ପୁତୁରାଙ୍କଯକ କୋଦାଲ ଚୋଟରେ ସମ୍ପର୍କୀୟ ଦାଦା ଗୁରୁତର ହେବାର ୧୦ଦିନ ପରେ ଦାଦା ଆଖିବୁଜିଥିବା ବେଳେ ଅଭିଯୁକ୍ତ ପୁତୁରାକୁ ଖଇରା ପୋଲିସ ଗିରଫ କରିବାକୁ ଅସମର୍ଥ ହୋଇଛି । ପ୍ରତିବାଦରେ ପରିବାର ଲୋକେ ଖଇରା ଥାନା ଆଗରେ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି । ଗତ ୨ତାରିଖ ଦିନ ଗ୍ରାମର କଂକ୍ରିଟ ରାସ୍ତାରେ ପାଣିନାଳ ଖୋଳିବାକୁ କେନ୍ଦ୍ର କରି ସମ୍ପର୍କୀୟ ପୁତୁରା ସୁରେଶ ଦାସଙ୍କ କୋଦାଲ ଚୋଟରେ ଦାଦା ବାବାଜୀ ଦାସ(୭୨)ଙ୍କ ମୁଣ୍ଡରେ ଆଘାତ ଲାଗିଥିଲା ଓ ସେ ଗୁରୁତର ଆହତ ହୋଇ ପଡିଥିଲେ । ଚିକିତ୍ସା ପାଇଁ ଖଇରା, ଭଦ୍ରକ ଓ ପରେ କଟକର ଏକ ଘରୋଇ ହସପିଟାଲରେ ଭର୍ତ୍ତୀ କରାଯାଇଥିଲା । ଏ ସମ୍ପର୍କରେ ପତ୍ନୀ ଚଞ୍ଚଳା ୩ତାରିଖ ଦିନ ଖଇରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ୧୦ଦିନ ପରେ ଚିକିତ୍ସାଧୀନ ଅବସ୍ଥାରେ ବାବାଜୀ ରବିବାର ସକାଳେ ଆଖି ବୁଜିଥିଲେ । ହେଲେ ୯ଦିନ ଧରି ଚୁପ ବସିଥିବା ଖଇରା ପୋଲିସ ଶନିବାର ରାତିରେ ସୁରେଶଙ୍କ ନାବାଳକ ପୁଅକୁ ଥାନାରେ ଅଟକ ରଖିବାକୁ ନେଇ ଚୁନନଟୀ ଗ୍ରାମବାସୀ ପୋଲିସର କାର୍ଯ୍ୟଧାରା ଉପରେ ପ୍ରଶ୍ନ ଉଠାଇଛନ୍ତି । ଏ ସମ୍ପର୍କରେ ଖଇରା ଥାନା ଆଇଆଇସି ସୁଚନ୍ଦ୍ର ମହାଳିକଙ୍କୁ ଯୋଗାଯୋଗ କରିବାରେ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଉଦ୍ୟମ କରାଯାଉଥିବା କହିଛନ୍ତି ।

# ୧୦ ଏସ୍‌ଆଇଙ୍କର ଇନ୍ସପେକ୍ଟର ପାହ୍ୟାକୁ ପଦୋନ୍ନତି

ଭଦ୍ରକ, ୧୨/୧୦ (ନି.ପ୍ର): ପୋଲିସ କଟକ ହେଡକ୍ୱାର୍ଟର ଆଦେଶ ସଂଖ୍ୟା ୩୩୧୮/ ୧୦.୧୦.୨୫ଅନୁଯାୟୀ ସମଗ୍ର ରାଜ୍ୟରେ ୪୨୭ ଜଣ ଏସଆଇଙ୍କୁ ଆଇଆଇସି ମାନ୍ୟତା ମିଳିଛି । ସେମାନଙ୍କ ମଧ୍ୟରେ ଭଦ୍ରଜ ଜିଲ୍ଲାର ୧୦ ଜଣ ଏସଆଇଙ୍କୁ ଆଇଆଇସି ଭାବେ ପଦୋନ୍ନତି ଦିଆଯାଇଛି । ସେମାନେ ହେଲେ ବାସୁଦେବପୁର ଥାନା ସବ୍‌ଇନ୍ସପେକ୍ଟର ଗୁରୁବାରୀ ସଏ, ପୁରୁଣାବଳାର ଥାନାର ଅରୁନ୍ଧତୀ ବେହେରା, ପୀରହାଟ ଥାନାର ସ୍ନିଗ୍ଧାରଶ୍ମି ସାହୁ, ପୁରୁଣାବଜାର ଥାନାର ଦୀପ୍ତିରେଖା ପାଇଁ, ଘଣ୍ଟେଶ୍ୱର ଫାଣ୍ଡି ଦାୟିତ୍ୱରେ ଥିବା ରାଜେଶ କୁମାର ସେଠୀ, ଭଦ୍ରକ ଟାଉନ୍ ଥାନାରେ ଥିବା ଅରୁନ୍ଧତୀ ପରିଡ଼ା, ଗ୍ରାମାଚଂଳ ଥାନାରେ ଥିବା ଅନୁରାଗ ମହାନ୍ତି, ଆଗରପଡ଼ା ଥାନା ଦାୟିତ୍ୱରେ ଥିବା ଦେବରାଜ ଜେନା, ବନ୍ତ ଥାନାରେ ଥିବା ମନୋହର ପାତ୍ର, କେନ୍ଦୁଆପଦା ଫାଣ୍ଡି ଦାୟିତ୍ୱରେ ଥିବା ଶାନ୍ତନୁ ଜେନା ପ୍ରମୁଖ ରହିଛନ୍ତି ।

# ନୀଳମଣି ମହାବିଦ୍ୟାଳୟ ଶକ୍ତିଶ୍ରୀ ସେଲ ତରଫରୁ 'ଯୋଗ ଓ ଧ୍ୟାନ' ସମ୍ପର୍କିତ କର୍ମଶାଳା




ରୂପ୍ସା , ୧୨/୧୦ (ନି.ପ୍ର): ନୀଳମଣି ମହାବିଦ୍ୟାଳୟ ଶକ୍ତିଶ୍ରୀ ସେଲ ତରଫରୁ ଏକ ସ୍ୱତନ୍ତ୍ର ନାରୀ ସୁରକ୍ଷା ସମ୍ପର୍କିତ 'ଯୋଗ ଓ ଧ୍ୟାନ' କର୍ମଶାଳା ମହାବିଦ୍ୟାଳୟର ଅଧକ୍ଷ ଡ. ତପନ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଶକ୍ତିଶ୍ରୀର ସଂଯୋଜିକା ଡ. ସୁଜାତାରାଣୀ ଗିରି ପ୍ରାରମ୍ଭିକ ସୂଚନା ସହିତ ମାନସିକ ଶାନ୍ତି ବଜାୟ ରଖିବାରେ ଯୋଗ ଓ ଧ୍ୟାନର ଗୁରୁତ୍ୱ ସମ୍ବନ୍ଧୀୟ ବକ୍ତବ୍ୟ ରଖିଥିଲେ । ମୁଖ୍ୟ ଅତିଥି ଆଚାର୍ଯ୍ୟ ବିଜୟଜୀ ନାରୀ ସୁରକ୍ଷା ସମ୍ପର୍କିତ ଆଧ୍ୟାତ୍ମିକ ତତ୍ତ୍ୱ ଉପରେ ଆଲକୋପାତ କରିଥିଲେ । ସମ୍ମାନିତ ବକ୍ତା ଜିତେନ୍ କୁମାର ପ୍ରଧାନ ନାରୀ ସଶକ୍ତିକରଣରେ ଯୋଗ ଓ ଆତ୍ମରକ୍ଷା କୌଶଳ ଶିକ୍ଷା ଏକାନ୍ତ ଜରୁରୀ ବୋଲି ମତପୋଷଣ କରିଥିଲେ । ସମ୍ମାନିତ ଅତିଥି ସଂସ୍କୃତ ବିଭାଗୀୟ ମୁଖ୍ୟ ପିନାକୀ ପଣ୍ଡା, ଗଣିତ ବିଭାଗର ମୁଖ୍ୟ ସୋମନାଥ ଗିରି, ରାଜନୀତି ବିଜ୍ଞାନର ଅଧାପିକା ଡ. ଅନ୍ନପୂର୍ଣ୍ଣା ରଣା, ରସାୟନ ବିଜ୍ଞାନ ବିଭାଗର ଅଧାପକ ଦେବଶ୍ରୀ ରଘୁନନ୍ଦନ ମିଶ୍ର ମଧ ଯୋଗ ଓ ଧ୍ୟାନ ସାମ୍ପର୍କରେ ତାଙ୍କର ମତବ୍ୟକ୍ତ କରିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟା ତଥା ଓଉଉ କମିଟିର ଆବାହକ କଳ୍ପନା ମଞ୍ଜରୀ ପାତ୍ର ଯୋଗଦେଇ ନାରୀ ଶିକ୍ଷାରେ,ଯୋଗର ଭୂମିକା ଏକାନ୍ତ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ । ଶକ୍ତିଶ୍ରୀ ସାଥି ଅଧାପିକା ରଶ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳନ ଅବସରରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ



ବାରିପଦା , ୧୨/୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ତରଫରୁ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳନ ଅବସରରେ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ତା. ୧୧. ୧୦. ୨୦୨୫ରିଖ ତାରିଖରେ ବାରିପଦା ସ୍ଥିତ ଷ୍ଟାଡିଅମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ଓ ସମାଜରେ ଲିଙ୍ଗଗତ ବୈଷମତାକୁ ଦୂର କରିବା ଓ ମହିଳା ତଥା କନ୍ୟା ସନ୍ତାନ ମାନେ କିପରି ସମାଜର ପ୍ରତ୍ୟେକ କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରି ପାରିବେ ସେଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଅଛି ଓ ପ୍ରତିବର୍ଷ ଭଳି ଚଳିତ ବର୍ଷ ଅକ୍ଟୋବର ୧୧ ତାରିଖରେ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳନ ପରିପ୍ରେକ୍ଷୀରେ ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ନିହାରିକା ମହାନ୍ତି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ମମତାମୟୀ ବିଶ୍ୱାଳ ଏବଂ ଜିଲ୍ଲା ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରିଣୀ ଶ୍ରୀମତୀ ସସ୍ମିତା ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବରେ ଶୁଭାରମ୍ଭ କରିଥିଲେ । କନ୍ୟା ସନ୍ତାନ ମାନେ କିପରି ସମାଜରେ ଆଗକୁ ଆସି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ଓ ସମାଜ ତଥା ପରିବାରରେ ଲିଙ୍ଗଗତ ବୈଷମତାକୁ ଦୂର କରି କିପରି ସବୁ ଝିଅ ମାନେ ପାଠ ପଢି ଆଗକୁ ଯାଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିବେ ସେ ସମ୍ପର୍କରେ ସମସ୍ତ ଅତିଥି ବୃନ୍ଦ ବକ୍ତବ୍ୟ ରଖିଥିଲେ ଓ କାର୍ଯ୍ୟକ୍ରମରେ ୨୬ ଟି ବ୍ଲକ ରୁ ୧୨୦ ଜଣ ବାଳିକା ଯୋଗ ଦେଇଥିଲେ ଓ ବାଳିକା ମାନଙ୍କ ଦ୍ୱାରା ଗୀତ, ନାଚ ବକ୍ତୃତା ଇତ୍ୟାଦି ପ୍ରତିଯୋଗିତା ହୋଇଥିଲା ଏବଂ କୃତୀ ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।ଏହି ଅବସରରେ ମୟୂରଭଞ୍ଜର ଗର୍ବ ରଗବିଫୁଟବଲ ଖେଳାଳୀ ପାର୍ବତୀ ହାଁସଦାଙ୍କୁ ସମ୍ମାନିତ କରାଯାଇଥିଲା । ଗଳ୍ପ କାର୍ଟୁନ ମାଧ୍ୟମରେ ବାଳିକା ମାନେ ନିଜ ନିଜର ସଫଳ କାହାଣୀ ଓ ନିଜ ଜୀବନର ଲକ୍ଷ୍ୟ ଓ ଚିତ୍ର ମାଧ୍ୟମରେ ବାଳିକା ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ ଓ କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରିଣୀ ଶ୍ରୀମତୀ ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ସି ଡି ପି ଓ ମାନେ ଯୋଗଦେଇଥିଲେ । ମହିଳା ସଶକ୍ତିକରଣ କେନ୍ଦ୍ରର ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida